


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୩ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 13 May 2024
Vol.No. 35 ■ No.128 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆଜି ଦେଶରେ ଚତୁର୍ଥ ଓ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ

ନୂଆଦିଲ୍ଲୀ/ଭୁବନେଶ୍ୱର: ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ଚତୁର୍ଥ ପର୍ଯ୍ୟାୟରେ ୧୦ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ସଂସଦୀୟ ଆସନ ପାଇଁ ମତଦାନ ହେବ। ଆନ୍ଧ୍ର ପ୍ରଦେଶ ବିଧାନସଭାର ସମସ୍ତ ୧୭୫ ଟି ଆସନ ଏବଂ ଓଡ଼ିଶା ବିଧାନସଭାର ୨୮ ଟି ଆସନରେ ମଧ ଏକ ସଙ୍ଗେ ଭୋଟ୍ ଗ୍ରହଣ କରାଯିବ । ଅନ୍ୟପଟେ ଭୋଟରଙ୍କ ଭାଗିଦାରୀ ବୃଦ୍ଧି କରିବାକୁ ତେଲଙ୍ଗାନାର ୧୭ଟି ସଂସଦୀୟ ନିର୍ବାଚନ ମଣ୍ଡଳୀ ଅଧୀନ କେତେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ସମୟ (ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ)କୁ ବଢ଼ାଯାଇଛି । ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଚତୁର୍ଥ ପର୍ଯ୍ୟାୟ ମତଦାନ ପାଇଁ ଗରମ




ପାଗକୁ ନେଇ ବିଶେଷ ଚିନ୍ତା ନାହିଁ । ପାଣିପାଗ ପୂର୍ବାନୁମାନ ସୂଚାଉଛି ଯେ ନିର୍ବାଚନ ହେବାକୁ ଥିବା ସଂସଦୀୟ ନିର୍ବାଚନ ମଣ୍ଡଳୀରେ ସ୍ୱାଭାବିକରୁ କମ୍ ତାପମାତ୍ରା (୨ ଡିଗ୍ରି) ଅନୁଭୂତ ହେବାର ସମ୍ଭାବନା ରହିଛି ଏବଂ ମତଦାନ ଦିନ ଏହି ସବୁ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଭଳି ସ୍ଥିତି ରହିବ ନାହିଁ। ତେବେ ଭୋଟରଙ୍କ ସୁବିଧା ପାଇଁ ସମସ୍ତ ମତଦାନ କେନ୍ଦ୍ରରେ ପାଣି, ସାମିୟାନା ଓ ଫ୍ୟାନ୍ ଭଳି ବ୍ୟାପକ ବ୍ୟବସ୍ଥା କରାଯାଇଛି। ୨୦୨୪ ସାଧାରଣ ନିର୍ବାଚନର ତୃତୀୟ ପର୍ଯ୍ୟାୟ ସୁଦ୍ଧା ୨୮୩ଟି ସଂସଦୀୟ ନିର୍ବାଚନ ମଣ୍ଡଳୀ ଓ ୨୦ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ମତଦାନ ସୁରୁଖୁରୁରେ ଓ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଜୁନ୍ ୪ ତାରିଖରେ ଭୋଟ୍ ଗଣତି ହେବ।୨୦୨୪ ଲୋକସଭା ନିର୍ବାଚନ ପାଇଁ ତିନୋଟି ପର୍ଯ୍ୟାୟ ମତଦାନ ଦେଶଷ ହୋଇଛି । ଏବେ ୧୩ ତାରିଖରେ ଚତୁର୍ଥ ପର୍ଯ୍ୟାୟ ମତଦାନ ହେବ । ଏହି ପର୍ଯ୍ୟାୟରେ ୧୦ ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୬ ଟି ଆସନ ପାଇଁ ଭୋଟ ଗ୍ରହଣ ହେବ । ଚତୁର୍ଥ ପର୍ଯ୍ୟାୟରେ ବିହାର, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପଶ୍ଚିମବଙ୍ଗ, ଓଡିଶା, ଉତ୍ତର ପ୍ରଦେଶ ଓ ଝାରଖଣ୍ଡ ସହିତ ୧୦ ରାଜ୍ୟରେ ଭୋଟ ଗ୍ରହଣ ହେବ । ଚତୁର୍ଥ ପର୍ଯ୍ୟାୟରେ ଆନ୍ଧ୍ରପ୍ରଦେଶର ୨୫ଟି, ବିହାରର ୫ଟି, ଜମ୍ମୁ-କାଶ୍ମୀରର ଗୋଟିଏ, ଝାଡଖଣ୍ଡରେ ୪ଟି, ମଧ୍ୟପ୍ରଦେଶର ୮ଟି, ମହାରାଷ୍ଟ୍ରର ୧୧ଟି, ଓଡିଶାର ୪ଟି, ତେଲେଙ୍ଗାନାର ୧୭ଟି, ଉତ୍ତର ପ୍ରଦେଶର ୧୩ ଟି ଓ ପଶ୍ଚିମବଙ୍ଗର ୮ ଲୋକସଭା ଆସନ ପାଇଁ ଭୋଟ ଗ୍ରହଣ ହେବ । ଲୋକସଭା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟରେ ଯେଉଁ ୯୬ ଟି ଲୋକସଭା ଆସନ ପାଇଁ ଭୋଟ ଗ୍ରହଣ ହେବ । ସେଠାରେ ମୋଟ ୧୭୧୭ ଜଣ ▶▶ପୃଷ୍ଠା ୭

# ପୁଣି ଆସିବେ ମୋଦି ପୁରୀରେ କରିବେ ରୋଡ୍ ଶୋ’

ଭୁବନେଶ୍ୱର, ୧୨/୫ (ନି.ପ୍ର): ଦୁଇ ଦିନିଆ ଓଡ଼ିଶା ଗସ୍ତ ସାରି ଗତକାଲି ଫେରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଥରେ ଆସିବେ। ଆଜି ଏହି ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ଉପ-ସଭାପତି ଗୋଲକ ମହାପାତ୍ର। ସେ କହିଛନ୍ତି, ୨୦ ତାରିଖରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ପୁରୀରେ ରୋଡ୍ ଶୋ’ କରିବେ। ସେହିପରି ସେହିଦିନ କଟକ ଓ ଅନୁଗୋଳରେ ଜନସଭାକୁ ସମ୍ବୋଧିତ କରିବେ। ସେହିପରି ମେ’ ୧୫ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆସିବେ। ସେ ରାଉରକେଲା, କଣ୍ଟାବାଞ୍ଜି ଓ ସୋରଡ଼ାରେ ସଭା କରିବେ। ୧୭ ତାରିଖରେ ଆସିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା। ସେ ସୁନ୍ଦରଗଡ଼, ହିଞ୍ଜିଳି ଓ ପଦ୍ମପୁରରେ ନିର୍ବାଚନୀ



ସଭାରେ ଯୋଗ ଦେବେ। ମୋଦି ମେ’ ୬ ତାରିଖରେ ବ୍ରହ୍ମପୁର ଓ ନବରଙ୍ଗପୁର ସଂକଳ୍ପ ସମାବେଶ ବା ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ସେହିପରି ଗତ ଶୁକ୍ରବାର ଦୁଇ ଦିନ ଓଡ଼ିଶା ଗସ୍ତରେ ଆସିଥିଲେ। ଶୁକ୍ରବାର ରାତିରେ ଭୁବନେଶ୍ୱରରେ ରୋଡ୍ ଶୋ’ କରିଥିଲେ। ଶନିବାର ଫୁଲବାଣୀ, ବଲାଙ୍ଗିର ଓ ବରଗଡ଼ରେ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ଅମିତ ଶାହ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ମଧ ପୂର୍ବରୁ ଓଡ଼ିଶା ଆସି ପ୍ରଚାର କରି ସାରିଛନ୍ତି। ଏହା ବ୍ୟତୀତ ଦଳର ଅନ୍ୟ କେନ୍ଦ୍ରୀୟ ନେତୃବୃନ୍ଦ ଘନ ଘନ ଓଡ଼ିଶା ଆସି ଜୋରସୋର ପ୍ରଚାର କରୁଛନ୍ତି।

## ପିଓକେ ଭାରତର, ଆମେ ତାକୁ ନେଇକରି ରହିବୁ : ଶାହ

ପ୍ରତାପଗଡ଼, ୧୨/୫ (ନି.ପ୍ର): ଭାରତୀୟ ଜନତା ପାର୍ଟି (ଭାଜପା)ର ବରିଷ୍ଠ ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର କହିଛନ୍ତି ଯେ, ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ଭାରତର ଅଟେ । ତାକୁ ଆମେ ନେଇକରି ରହିବୁ । ମଣିଶଙ୍କର ଅୟର ଏବଂ ଫାରୁକ ଅବଦୁଲ୍ଲା କହୁଛନ୍ତି ଯେ, ପାକିସ୍ତାନର ସମ୍ମାନ କର କାରଣ ସେମାନଙ୍କ ନିକଟରେ ପରମାଣୁ ବୋମା ଅଛି, ପିଓକେ ମାଗ ନାହିଁ । ରାହୁଲ ଗାନ୍ଧି ଆପଣଙ୍କୁ ଯଦି ପରମାଣୁ ବୋମାକୁ ଡରିବାର ଅଛି ତେବେ ଡର, ଆମେ ଡରିବୁ ନାହିଁ । ଅମିତ ଶାହ ମହେଶଗଞ୍ଜ ସ୍ଥିତ ନାୟର ଦେବୀ ଧାମ ର କୌଶାଂବୀ ଆସନରୁ ଭାଜପା ପ୍ରାର୍ଥୀ ବିନୋଦ ସୋନକରଙ୍କ ସମର୍ଥନରେ ନିର୍ବାଚନୀ ଜନସଭାକୁ ସମ୍ବୋଧିତ କରୁଥିବା ବେଳେ ଏହା କହିଛନ୍ତି । ଶାହ କହିଥିଲେ ଯେ, ବିରୋଧିଙ୍କୁ କେବଳ ଭୋଟ୍ ବ୍ୟାଙ୍କ ର ଚିନ୍ତା । ରାଜକୁମାର କହୁଛନ୍ତି ଆମେ ଆସିବୁ ତ ୩୭୦ ଫେରାଇ ଆଣିବୁ । କଂଗ୍ରେସ ୭୦ ବର୍ଷ ପର୍ଯ୍ୟନ୍ତ ରାମମନ୍ଦିରକୁ ଲଟକାଇ ରଖିଥିଲା। ମୋଦୀ ୫ ବର୍ଷରେ ମନ୍ଦିରର ଭୂମି ପୂଜନ କରିଛନ୍ତି ଏବଂ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା କରିଛନ୍ତି । ସମସ୍ତଙ୍କୁ ନିମନ୍ତ୍ରଣ ପତ୍ର ପଠାଗଲା କିନ୍ତୁ, କେହି ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିନଥିଲେ ।

# ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା: ବିଜେଡି ଛାତ୍ର ନେତା ବୋଲି ଛାଡ଼ିଦେଲେ: ବିଜେପି

■ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ଆଇନଜୀବୀ

ବ୍ରହ୍ମପୁର, ୧୨/୫ (ନି.ପ୍ର): ବ୍ରହ୍ମପୁରରେ ଯୁକ୍ତ ଦୁଇ ଛାତ୍ରୀ ଗଣଦୁଷ୍କର୍ମ ଘଟଣା ଥମିବାର ନାଁ ନେଉନି। ଗୋଟିଏ ପଟେ ବିଜେପି ମହିଳା ମୋର୍ଚ୍ଚା ଏହି ଘଟଣାକୁ ନେଇ ବାରମ୍ବାର ପ୍ରଶ୍ନ କରୁଥିବା ବେଳେ ବିଜେଡି ଛାତ୍ର ନେତାଙ୍କ ସଂପୃକ୍ତି ଥିବାରୁ ପୁଲିସ ମାମଲା ତଦନ୍ତ ଠିକ୍ ଭାବେ କରୁ ନଥିବା ଅଭିଯୋଗ କରିଛି। ବିଜେଡି କିନ୍ତୁ ଏଭଳି ଅଭିଯୋଗକୁ ଘୃଣ୍ୟ ରାଜନୀତି ବୋଲି କହିଛି। ତେବେ ବିଜେଡିର ବିଭିନ୍ନ ରାଜନେତାଙ୍କ ସହ ଅଭିଯୁକ୍ତର ଫଟୋ ଭାଇରାଲ ଓ ମେଡିକାଲ ପରୀକ୍ଷା ପରେ ୩ଜଣ ଅଭିଯୁକ୍ତଙ୍କୁ ଛାଡ଼ିଦେବା ଭଳି ଘଟଣାକୁ ନେଇ ପୁଲିସର ତଦନ୍ତ ଉପରେ ପ୍ରଶ୍ନ ଉଠିଛି। ପୂରା ଘଟଣା ମେ ୩ ତାରିଖର ଘଟିଥିଲା। ବ୍ରହ୍ମପୁରର ଏକ ଘରୋଇ ବିଦ୍ୟାଳୟରେ ପଢୁଥିବା ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରୀ ହିଲପାଟଣା ଅଞ୍ଚଳରେ ଠିଆ ହୋଇଥିଲେ। ଏହି ସମୟରେ ତାଙ୍କର ଜଣେ ପୁରୁଷ ବନ୍ଧୁ ଆସିଥିଲେ ଓ ତାଙ୍କୁ ବାଇକରେ ବସାଇ ନୂଆ ବସଷ୍ଟାଣ୍ଡ ନିକଟସ୍ଥ ବ୍ରହ୍ମାନଗର ସ୍ଥିତ ଘରକୁ ନେଇ ଯାଇଥିଲେ। ସେଠାରେ ସେ ଛାତ୍ରୀଙ୍କୁ କୋଲ୍ଡ ଡ୍ରିଙ୍କସରେ ନିଶା ମିଶାଇ ▶▶ପୃଷ୍ଠା ୭

# ୧୫ରେ ଓଡ଼ିଶା ଆସୁଛନ୍ତି ରାହୁଲ ଗାନ୍ଧି


ଭୁବନେଶ୍ୱର, ୧୨/୫ (ନି.ପ୍ର): ପୁଣି ଓଡ଼ିଶା ଆସିବେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ମାଗିବାକୁ ରାହୁଲ ଗାନ୍ଧି ଆସନ୍ତା ୧୫ ତାରିଖରେ ବଲାଙ୍ଗୀର ଆସିବେ। ଏଠାରେ ସେ କଂଗ୍ରେସର ଲୋକସଭା ଓ ବିଧାନସଭା ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିବେ। ରାହୁଲ ବାଇକ ରାଲି ସହ ଜନସଭାରେ ଲୋକଙ୍କୁ ସମ୍ବୋଧନ କରିବେ। ରାହୁଲ ଗାନ୍ଧିଙ୍କ ଗସ୍ତକୁ ନେଇ ବଲାଙ୍ଗୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ସେହିଦିନ ଅର୍ଥାତ ମେ’ ୧୫ରେ ବିଜେପି ପ୍ରାର୍ଥୀଙ୍କ ପ୍ରଚାର ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ



ଶାହ ମଧ ଓଡ଼ିଶା ଆସୁଛନ୍ତି। ତେଣୁ ରାଜ୍ୟରେ ହେଭିୱେଟ୍‌ଙ୍କ ପ୍ରଚାର ଦେଖିବାକୁ ମିଳିବ। ରାହୁଲ ଗାନ୍ଧି ଏହାପୂର୍ବରୁ ଏପ୍ରିଲ ୨୮ରେ ସାଲେପୁର ଆସି କଂଗ୍ରେସ ପାଇଁ ପ୍ରଚାର କରିଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସେ ତୀବ୍ର ସମାଲୋଚନା କରିଥିଲେ। ସେହିପରି ମେ’ ୩ରେ ମଧ ସେ ରାୟଗଡ଼ା ▶▶ପୃଷ୍ଠା ୭

# ପୁଣି ଶବକୁ ଅସମ୍ମାନ: ଟ୍ରଲିରେ ବୁହା ହେଲା ମୃତଦେହ

ବୌଦ୍ଧ, ୧୨/୫ (ନି.ପ୍ର): ହଜିଗଲା ମାନବିକତା। ମଣିଗଲା ମଣିଷ ପଣିଆ। ପ୍ରାଣ ଯିବା ପରେ ମଧ କେହି ଦେଲେନି ସମ୍ମାନ। ଧଜିଆ ଓଡ଼ିଲା ସରକାରଙ୍କ ମାଳମାଳ ଯୋଜନା। ଝିଅ ଅନ୍ୟ ଜାତିରେ ବିବାହ କରିଥିବାରୁ ବାପାଙ୍କ ଶବକୁ ମିଳିଲାନି କାନ୍ଧ। ଅବସ୍ଥା ଏପରି ହେଲା ଯେ ଶେଷରେ ଉପାୟ ନ ପାଇ ପରିବାର ଲୋକ ଟଲିରେ ମୃତଦେହକୁ ଶ୍ମଶାନକୁ ନେବାକୁ ବାଧ ହୋଇଛନ୍ତି। ଏହି ଘଟଣା ପ୍ରଶାସନର ପାରିବାପଣିଆ ▶▶ପୃଷ୍ଠା ୭



# କେଜ୍ରିୱାଲଙ୍କ ୧୦ ଗ୍ୟାରେଣ୍ଟି: ୨୦୦ ୟୁନିଟ୍ ଯାଏ ମାଗଣା ବିଦ୍ୟୁତ୍

ନୂଆଦିଲ୍ଲୀ, ୧୨/୫ :ଜେଲ୍‌ରୁ ବାହାରିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଦେଶବାସୀଙ୍କୁ ଦେଇଛନ୍ତି ୧୦ ଗ୍ୟାରେଣ୍ଟି। ଯଦି ଆମ୍ ଆଦମୀ ପାର୍ଟି ଏଥର ଲୋକସଭା ନିର୍ବାଚନ ଜିତେ ତେବେ ୧୦ଟି କାର୍ଯ୍ୟ ଉପରେ ଯୁଦ୍ଧସ୍ତରରେ କାମ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଆଜି ଲୋକସଭା ନିର୍ବାଚନ ପାଇଁ ଆମ




ଆଦମୀ ପାର୍ଟି ତା’ର ଘୋଷଣା ପତ୍ର ଜାରି କରିଛି। ଏହାର ନାଁ ରହିଛି ’କେଜ୍ରିୱାଲ କି ୧୦ ଗ୍ୟାରେଣ୍ଟି’। ଏଥିରେ କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଦେଶର ସମସ୍ତ ▶▶ପୃଷ୍ଠା ୭

# ହରିୟାଣାରେ ଟଳମଳ ବିଜେପି ସରକାର: ଫ୍ଲୋର ଟେଷ୍ଟ ପାଇଁ ଚାଲିଛି ପ୍ରସ୍ତୁତି

## ଗଭର୍ଣ୍ଣର ମାଗିଲେ ୩୦ କଂଗ୍ରେସ ବିଧାୟକଙ୍କ ଦସ୍ତଖତ

ନୂଆଦିଲ୍ଲୀ, ୧୨/୫ : ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀଙ୍କ ବିଜେପି ସରକାରରୁ ତିନି ଜଣ ନିର୍ଦ୍ଦଳୀୟ ବିଧାୟକ ସମର୍ଥନ ପ୍ରତ୍ୟାହାର କରିବା ପରେ, ଏବେ ହରିୟାଣାରେ ରାଜନୈତିକ ଅସ୍ଥିରତା ଦେଖିବାକୁ ମିଳିଛି । ମିଳିଥିବା ସୂଚନା ମୁତାବକ, ଖୁବଶୀଘ୍ର ହରିୟାଣାରେ ସରକାର ଫ୍ଲୋର ଟେଷ୍ଟ ପାସ୍ କରିବାକୁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିପାରେ । ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ଦାବି କରିଛନ୍ତି ଯେ, ହରିୟାଣା ବିଧାନସଭାରେ ଫ୍ଲୋର ଟେଷ୍ଟ ହେବ । ଏଥିସହିତ ସେ ଆହୁରି ମଧ କହିଛନ୍ତି ଯେ, ଜେଜେପିକୁ ଏହି କଥା ଉଠେଇବାର ନଥିଲା । ଏବେ ସେ ଏହି କଥାକୁ ଉଠେଇ, ନିଜକୁ କାଠଗଡାକୁ ଟାଣିଛନ୍ତି । ଜେଜେପିର ୬ ଜଣ ବିଧାୟକ ବିଜେପି ସମ୍ପର୍କରେ ଥିବା ନେଇ ସୂଚନା ଦେଇଛନ୍ତି । ଏହାସହ କଂଗ୍ରେସର ୩୦ ବିଧାୟକଙ୍କ ମଧ୍ୟରୁ ୫ ଜଣ ବିଧାୟକ ମଧ



ବିଜେପି ସମ୍ପର୍କରେ ଥିବା ନେଇ ଖଟ୍ଟର ସୂଚନା ଦେଇଛନ୍ତି । ହରିୟାଣାର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତଥା ଜେଜେପି ଅଧ୍ୟକ୍ଷ ଦୁଷ୍ମନ୍ତ ଚୌଟାଲା ହରିୟାଣା ରାଜ୍ୟପାଳଙ୍କୁ ଫ୍ଲୋର ଟେଷ୍ଟ କରାଇବାକୁ ଚିଠି ଲେଖିଥିଲେ । ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଇ ସେ ଫ୍ଲୋର୍ ଟେଷ୍ଟ କରିବାକୁ ଦାବି କରିଥିଲେ । ଏହି ଚିଠିରେ କୁହାଯାଇଥିଲା ଯେ, ରାଜ୍ୟରେ ସରକାର ଗଠନ ପାଇଁ କୌଣସି ଦଳକୁ ସମର୍ଥନ କରିବାକୁ ସେ ପ୍ରସ୍ତୁତ । ଏଥିସହିତ ସେ ହରିୟାଣାରେ ରାଷ୍ଟ୍ରପତି ଶାସନ ଲଗାଇବାକୁ ମଧ ସେ ରାଜ୍ୟପାଳଙ୍କୁ ଚିଠି ଲେଖିଥିଲେ । ସୂଚନାଯୋଗ୍ୟ ଯେ, ହରିୟାଣାର ବିଜେପି ସରକାରରୁ ତିନି ସ୍ୱାଧୀନ ବିଧାୟକ ନିଜ ସମର୍ଥନ ପ୍ରତ୍ୟାହାର କରିଥିଲେ । ସମର୍ଥନ ପ୍ରତ୍ୟାହାର କରିବା ପରେ ଏହି ସ୍ୱାଧୀନ ବିଧାୟକ କଂଗ୍ରେସକୁ ନିଜର ସମର୍ଥନ ଦେଇଥିଲେ । ତେବେ ୯୦ ସିଟ୍ ବିଶିଷ୍ଟ ହରିୟାଣା ବିଧାନସଭାରେ ଏବେ ୮୮ ବିଧାୟକ ରହିଛନ୍ତି । ଯେଉଁଥିରୁ ୪୦ ଜଣ ହେଉଛନ୍ତି ବିଜେପି ବିଧାୟକ ।

▶▶ପୃଷ୍ଠା ୭

## ମିନି ଟ୍ରକ୍-ପିକ୍‌ଅପ୍ ମୁହାଁମୁହିଁ ଧକ୍କା: ୪ ଗୁରୁତର

ରାଇରଙ୍ଗପୁର, ୧୨/୫ (ନି.ପ୍ର): ରାଂଚି-ବିଜୟୱାଡା ୨୨୦ ନଂ ଜାତୀୟ ରାଜପଥରେ ଦୁର୍ଘଟଣା ଥମିବାର ନାଁ ଧରୁନି। ମାସକୁ ୧୦ରୁ ଅଧିକ ଦୁର୍ଘଟଣା ଘଟୁଥିବା ବେଳେ ୫ରୁ ଅଧିକ ଜୀବନ ମଧ ଯାଉଛି। ତେବେ ଆଜି ମଧ ଏକ ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ରାଂଚି-ବିଜୟୱାଡା ୨୨୦ ନଂ ଜାତୀୟ ରାଜପଥର ପୁରୁଣାପାଣି ନିକଟରେ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ହଳଦୀପୋଖରୀରୁ ବାହାଘରର ଯୌତୁକ ସାମଗ୍ରୀ ନେଇ ମିନି ଟ୍ରକ୍ (ଜେଏଚ୍-୦୫ସି-୧୪୧୭)ଟି କରଂଜିଆ ଥାନା ଅର୍ନ୍ତଗତ ଚଢେଇଭୋଳକୁ ଯାଉଥିବା ସମୟରେ ବାରିପଦା ନିକଟସ୍ଥ କୁଚେଇ ଅଂଚଳର ଏକ ପିକଅପ୍ (ଓଡି-୧୧-ଏସ-୩୫୭୮) ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଉଭୟ ଯାନ ରାସ୍ତାର ୧୦ ଫୁଟ୍ ତଳକୁ ଖସିପଡ଼ିଥିଲେ। ସେଥିରେ ୪ ଜଣ ଗୁରୁତର ଆହତ ହୋଇଥିଲେ। ରାଇରଙ୍ଗପୁର ଅଗ୍ନିଶମ ବିଭାଗ ଘଟଣାସ୍ଥଳକୁ ପହଂଚି ଗୁରୁତରଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ସ୍କୁଲ ପରେ ହସ୍ପିଟାଲ ପାଳି: ବୋମା ବିସ୍ଫୋରଣ ଧମକ

ନୂଆଦିଲ୍ଲୀ, ୧୨/୫ : ସ୍କୁଲ ପରେ ଏବେ ହସ୍ପିଟାଲ ପାଳି। ରାଜଧାନୀର ଦୁଇଟି ବଡ ହସ୍ପିଟାଲକୁ ବୋମା ଲଗାଇ ଉଡାଇ ଦେବାକୁ ମିଳିଛି ଧମକ। ଇ-ମେଲ୍ ଜରିଆରେ ଏହି ଧମକ ଆସିଛି। ଏହାପରେ ଚାରିଆଡେ ଆତଙ୍କ ଖେଳି ଯାଇଛି। ଦିଲ୍ଲୀର ଜଣାଶୁଣା ବୁରାଡି ହସ୍ପିଟାଲ ଓ ସଞ୍ଜୟ ଗାନ୍ଧି ହସ୍ପିଟାଲକୁ ବୋମା ବିସ୍ଫୋରଣ ଧମକ ମିଳିଛି। ଏହି ଧମକପୂର୍ଣ୍ଣ ମେଲ୍ ଆସିବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। ବମ ସ୍କ୍ୱାଡ୍ ମଧ ଘଟଣାସ୍ଥଳରେ ପହଞ୍ଚିଛି। ଡିଏସ୍‌ପି ସଞ୍ଜୀବ ମୀନାଙ୍କ କହିବା ମୁତାବକ, ପ୍ରଥମେ ରବିବାର ୩ଟା




ବେଳେ ବୁରାଡି ହସ୍ପିଟାଲକୁ ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା। ୪୫ ମିନିଟ୍ ପରେ ସଞ୍ଜୟ ଗାନ୍ଧି ହସ୍ପିଟାଲକୁ ସମାନ ମେଲ୍ ଆସିଥିଲା। ଏନେଇ ସୂଚନା ମିଳିବା ପରେ ଘଟଣାସ୍ଥଳରେ ପୁଲିସ ଟିମ୍, ବମ ସ୍କ୍ୱାଡ୍, ଦମକଳ ବିଭାଗର ଟିମକୁ ନିୟୋଜିତ କରାଯାଇଛି। ହସ୍ପିଟାଲ ଭିତରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ବି ସନ୍ଦିଗ୍ଧ ଜିନିଷ ମିଳିନାହିଁ। ଗତ ସପ୍ତାହରେ ଦିଲ୍ଲୀ ଓ ଗୁଜରାଟ ଅହମ୍ମଦାବାଦର ସ୍କୁଲକୁ ବୋମାରେ ଉଡାଇ ଦେବାକୁ ଧମକ ମିଳିଥିଲା। ପରେ ଏହା ଏକ ଗୁଜବ ବୋଲି ଜଣାପଡିଥିଲା। ମେ’ ୨ ତାରିଖରେ ପାଖାପଖି ଦିଲ୍ଲୀର ୧୩୧ଟି ସ୍କୁଲ, ଗୁରୁଗ୍ରାମରେ ୫ଟି ଏବଂ ନୋଏଡା ଏବଂ ଗ୍ରେଟର ନୋଏଡାରେ ତିନୋଟି ସ୍କୁଲ ଧମକପୂର୍ଣ୍ଣ ଇ-ମେଲ ମିଳିଥିଲା। ଏହି ମେଲ୍‌ଗୁଡିକ ବିଦେଶରୁ ଆସିଥିବା ଆଇପି ଆଡ୍ରେସ୍‌ରୁ ଜଣାପଡିଥିଲା। ଇ-ମେଲ୍‌ରେ ଅଭିଯୁକ୍ତମାନେ ଆରବ ଶବ୍ଦ ’ସବାରିଇମ୍’ ବ୍ୟବହାର କରିଥିଲେ। ଏହାକୁ ଆଇଏସଆଇଏସ୍ ସହ ଯୋଡା ଯାଇଥିଲା। ତେବେ ସର୍ଚ୍ଚ ବେଳେ କୌଣସି ସ୍କୁଲରୁ କିଛି ସନ୍ଦିଗ୍ଧ ଜିନିଷ ମିଳିନଥିଲା।

# ଇଭିଏମ ଓ ଭିଭିପାଟର ଚୁଡାନ୍ତ ରାଣ୍ଡମାଇଜେସନ ଅନୁଷ୍ଠିତ

ପୁରୀ , ୧୨/୫ (ନି.ପ୍ର): ଆଜି ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଇସିଆଇ ପ୍ରଦତ ସଫ୍ଟୱେୟାର ମାଧମରେ ଇଭିଏମ ଓ ଭିଭିପାଟ ର ଚୁଡାନ୍ତ ରାଣ୍ଡମାଇଜେସନ କରାଯାଇଥିଲା। ନିର୍ବାଚନ କମିଶନର ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାଚନ ରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ ବା ସେମାନଙ୍କ ପ୍ରତିନିଧି ମାନଙ୍କ ଉପସ୍ଥିତି ରେ ଏହି ରାଣ୍ଡମାଇଜେସନ ଅନୁଷ୍ଠିତ ହୋଇଥିଲା। ଭାରତର ନିର୍ବାଚନ କମିଶନ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଠାରୁ ମିଳିଥିବା ସମସ୍ତ ଇଭିଏମ ଓ ଭିଭିପାଟ କୁ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ଉପସ୍ଥିତି ରେ ଷ୍ଟ୍ରଙ୍ଗରୁମ ରେ ରଖାଯାଇଥିଲା ଓ ପରବର୍ତୀ ସମୟରେ ପ୍ରଥମ ରାଣ୍ଡମାଇଜେସନ ପରେ ଜଗନ୍ନାଥ ସଂସ୍କୃତି ୟୁନିଭରସିଟିରେ ବ୍ରହ୍ମଗିରି ଓ ପିପିଲି ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ରେ ପୁରୀ ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ଅନୁସାରେ ରଖାଯାଇଥିଲା। ବର୍ତମାନ ନିର୍ବାଚନ ମଣ୍ଡଳୀ ଅନୁସାରେ ଥିବା ଇଭିଏମ ଓ ଭିଭିପାଟ ର ଚୁଡାନ୍ତ ସ୍ତରୀୟ ରାଣ୍ଡମାଇଜେସନ କମ୍ପ୍ୟୁଟର ମାଧମରେ ଅନୁଷ୍ଠିତ କରାଗଲା। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ରାଣ୍ଡମାଇଜେସନ ମାଧମରେ ବାଲାଟ ୟୁନିଟ, କଂଟ୍ରୋଲ ୟୁନିଟ ଓ ଭିଭିପାଟର ସଂଯୁକ୍ତ ଓ ନିର୍ଦ୍ଦିଷ୍ଟ ବୁଥ ୱାରୀ ରାଣ୍ଡମାଇଜେସନ କରାଯାଇଛି।ପ୍ରଥମେ ପୁରୀ ଲୋକସଭା ଅନ୍ତର୍ଗତ ନୟାଗଡ଼, ରଣପୁର, ଚିଲିକା, ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ନିର୍ବାଚନର ରାଣ୍ଡମାଇଜେସନ କରାଯାଇଥିଲା।ପରେ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନ ର ରାଣ୍ଡମାଇଜେସନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଧାରଣ ପର୍ଯ୍ୟବେକ୍ଷକ ଡା କୁନାଲ ପ୍ରକାଶ ଖେମନର,ଭିଡିଓ କନଫେରନ୍ସ ମାଧମରେ ନୟାଗଡ଼ ରୁ ଅନ୍ୟତମ ସାଧାରଣ ପର୍ଯ୍ୟବେକ୍ଷକ ଟି ଭି ସୁଭାଷ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ୧୦୯-ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର ଶରତ ଚନ୍ଦ୍ର ବେହେରା,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ୧୦୮-ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ତଥା ୧୦୭ ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର ଗୋପୀନାଥ କୁଅଁର, ଅତିରିକ୍ତ ଉପଜିଲ୍ଲାପାଳ ତଥା ୧୧୦-ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର ନିଳମାଧବ ମାଝୀ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ମନୀଷା ଷଡ଼ଙ୍ଗୀ,ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ର ଡିଆଇଓ ବିଶ୍ୱନାଥ ପଣ୍ଡା,ନିର୍ବାଚନ ରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧି,ନିର୍ବାଚନ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା କାଲି ପୂର୍ବାହ୍ନ ରେ ସଂପୃକ୍ତ ରିଟର୍ଣ୍ଣିଂ ଅଫିସର, ପ୍ରାର୍ଥୀ ବା ସେମାନଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗ ରୁମ ଖୋଲାଯାଇ ରାଣ୍ଡମାଇଜେସନ ର ନମ୍ବର ଆଧାର ରେ ବୁଥ ୱାଇଜ ବିୟୁ,ସିୟୁ ଓ ଭିଭିପାଟ କୁ ପେୟାରିଂ ବା ସଂଯୁକ୍ତ କରାଯିବ।

# କେନ୍ଦ୍ରାପଡାରେ ବିଭିନ୍ନ ସ୍ଥାନରେ ଶନୈଶ୍ଚର ଜଳାଭିଷେକ ଓ ମହାଯଜ୍ଞ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୧୨/୫ (ନି.ପ୍ର): ବର୍ତ୍ତମାନ ସମାଜରେ ବହୁ ବିଶୃଙ୍ଖଳା ସୃଷ୍ଟି ହେଉଛି । ଦେଶ ଦେଶ ମଧରେ ଯୁଦ୍ଧ ଚାଲିଛି । ତେଣୁ ବିଶ୍ୱ ଶାନ୍ତି ପାଇଁ କେନ୍ଦ୍ରାପଡା ସହରର ଗଣାମାହାଲସ୍ଥିତ ଶ୍ରୀ ସିଦ୍ଧ ମହାପୁରୁଷ ବାଲାବାବା ମନ୍ଦିର ପରିସରରେ ୧୨ତମ ବିଶ୍ୱଶାନ୍ତି ଶନୈଶ୍ଚର ମହାଯଜ୍ଞ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ଶୁକ୍ରବାର ସନ୍ଧ୍ୟା ୭ଟାରେ ଶୁଭାଧିବାସ କରାଯାଇ ଆଜ୍ଞାମାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶନିବାର ପ୍ରାତଃ ୬ଟା ୩୦ମିନିଟ୍ରେ ଘଟ ନିମଜ୍ଜନ କରାଯିବା ପରେ ଭକ୍ତମାନେ ଏକ ଶୋଭାଯାତ୍ରାରେ ନୂଆବସ୍ଷ୍ଟାଣ୍ଡସ୍ଥିତ ଶନିଘାଟରୁ ପାଣି କଳସରେ ଆଣି ଘଟସ୍ଥାପନ କରିଥିଲେ । ପ୍ରାତ ୮ଟା ୩୦ମିନିଟ୍ରେ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞାରମ୍ଭ କରାଯିବା ସହିତ ରାତ୍ର ୧୦ଟା ୩୦ମିନିଟ୍ରେ ପୂର୍ଣ୍ଣାହୁତି କରାଯାଇଥିଲା । ସେହିପରି ସହରର ମହିପାଳସ୍ଥିତ ବାୟାବଜାରର ନ୍ୟାୟ ଦେବତା ପୂଜା କମିଟି, ତିନିମୂହାଣୀ ଶନି ମନ୍ଦିର, ନୂଆ ବସଷ୍ଟାଣ୍ଡ ଶନି ମନ୍ଦିର, କୋର୍ଟ ଛକ ଶନିମନ୍ଦିର, ଗରାପୁର କାଳିମନ୍ଦିର ସନ୍ନିକଟସ୍ଥିତ ଶନି ମନ୍ଦିରରେ କେନ୍ଦ୍ରାପଡା ସହର ଓ ସହରଆଖପାଖ ଅଂଚଳରୁ ବହୁ ମାନସିକଧାରୀ ଓ ଶ୍ରଦ୍ଧାଳୁମାନେ ଆସି ଶନିଶ୍ଚରଙ୍କ ନିକଟରେ ଜଳାଭିଷେକ କରିବା ପୂର୍ବକ ଯଜ୍ଞରେ ସାମିଲ ହେଇଥିଲେ । ଏହି ଉପଲକ୍ଷେ ବିଭିନ୍ନ ରାଜନୈତିକ ଦଳର ବହୁ ନେତାମାନେ ମଧ୍ୟ ଆସି ଶନିଶ୍ଚର ଦେବତାଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ ।

# ନିର୍ବାଚନ ସୁପରିଚାଳନା ନିମନ୍ତେ ସାଧାରଣ ପର୍ଯ୍ୟବେକ୍ଷକଙ୍କ ଅଧ୍ୟକ୍ଷତାରେ ସେକ୍ଟର ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

ସୁବର୍ଣ୍ଣପୁର, ୧୨/୫ (ନି.ପ୍ର): ସାଧାରଣ ନିର୍ବାଚନର ବ୍ୟବସ୍ଥିତ ପରିଚାଳନା ନିମନ୍ତେ ଜିଲ୍ଲାରେ ନିଯୁକ୍ତ ସେକ୍ଟର ଅଧିକାରୀ ଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ରାଜନ ଭିଶାଲ, ଆଇ.ଏ.ଏସ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଅନ୍ତର୍ଗତ ୧୦ -ବଲାଙ୍ଗୀର ସଂସଦୀୟ କ୍ଷେତ୍ର ସହ ୬୪ ବୀରମହାରାଜପୁର ଓ ୬୫ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ନିଯୁକ୍ତ ହୋଇଥିବା ୭୦ ଜଣ ସେକ୍ଟର ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ଭିଶାଲ ତାଲିମ କାର୍ଯ୍ୟକ୍ରମ ଅବସରରେ ନିର୍ବାଚନ ବିଧି ବ୍ୟବସ୍ଥା ସହ ସେକ୍ଟର ଅଧିକାରୀଙ୍କୁ ସେମାନଙ୍କ ଦାୟିତ୍ୱ ଓ କର୍ତବ୍ୟ ଉପରେ ବିସ୍ତୃତ ଭାବେ ଅବଗତ କରାଇଛନ୍ତି । ସେ ବିଶେଷ ଭାବେ ନିରପେକ୍ଷ ହୋଇ ନିର୍ବାଚନ ଗାଇଡ୍ ଲାଇନ ର ଅନୁପାଳନ କୁ ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଛନ୍ତି । ସମସ୍ତେ ମତଦାନ ପାଇଁ ବୁଥ୍ ସ୍ତରୀୟ ପୂର୍ବ ପ୍ରସ୍ତୁତି ଉପରେ ସୁନିଶ୍ଚିତ ହେବା ସହ ମତଦାନ ଦିନ ନିର୍ବାଚନ ସଂକ୍ରାନ୍ତୀୟ ତଥ୍ୟ ନିର୍ଦ୍ଦିଷ୍ଟ ସମୟ ଅବଧିରେ ପ୍ରେରଣ କରିବା ସହ ନିଜେ ସମ୍ପୃକ୍ତ ଅଂଚଳର ସୁବିଧା ଅସୁବିଧା ସମ୍ପର୍କରେ ଉଚିତ ପଦାଧିକାରୀଙ୍କୁ ସୂଚନା ଦେବାକୁ ଗୁରୁତ୍ୱାରୋପ କରିଛନ୍ତି । ସାଧାରଣ ପର୍ଯ୍ୟବେକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଲିଆଜନ ଅଧିକାରୀ ତଥା ସି.ଏସ.ଓ ସୁରେଶ ପାଣିଗ୍ରାହୀ ସମେତ ଅନ୍ୟାନ୍ୟ ନିର୍ବାଚନ ସମ୍ପୃକ୍ତ କ୍ଷେତ୍ର ଅଧିକାରୀ ଉପସ୍ଥିତ ରହିଥିବା ବେଳେ ଜିଲ୍ଲା କାର୍ଯ୍ୟାଳୟର ଆସିଷ୍ଟାଂଟ କଲେକ୍ଟର କୃଷ୍ଣ ମୋହନ ସିଂ ନିଯୁକ୍ତ ସେକ୍ଟର ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ପଂଚଦଶ ବାର୍ଷିକ ଉତ୍ସବ

ଖୋର୍ଦ୍ଧା, ୧୨/୫ (ନି.ପ୍ର): ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ପଂଚଦଶ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ପବିତ୍ର ଅକ୍ଷୟତୃତୀୟା ତଥା ଗୀତଗୋବିନ୍ଦର ରଚୟିତା କବି ଜୟଦେବଙ୍କ ଜନ୍ମଦିବସ ଅବସରରେ ସଭାପତି ଶିବ ସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗୀତା ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦିକା ବିମଳା ସିଂହ ସ୍ୱାଗତ ଭାଷଣ ଦେବା ପ୍ରସଙ୍ଗରେ ଓଡ଼ିଆ କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ନେଇ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଡକ୍ଟର ବାସନ୍ତୀ ମହାନ୍ତି, ଐତିହାସିକ ସତ୍ୟବାଦୀ ବଳିଆରସିଂହ, କବି ନିରାକାର ଦାସ, ବାଣୀବିହାର ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ଡ. ଶରତ ଚନ୍ଦ୍ର ରଥ, ପୁରୀ ମହିଳା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶରଚ୍ଚନ୍ଦ୍ର ମହାପାତ୍ର, ନାଟ୍ୟକାର ବିଜୟ କୁମାର ମହାନ୍ତି, ପ୍ରାବନ୍ଧିକ ଡ. କିଶାନ କାନୁନଗୋ, ସାହିତ୍ୟିକ ମନୋଜ କୁମାର ଜେନା, ଅର୍ଚ୍ଚିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟର ବିକାଶ ପ୍ରତି ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ଭାଷାର ବହୁଳ ଭାବେ ବ୍ୟବହାର ହେଲେ ଏହାର ସ୍ଥିତି ଅକ୍ଷୁଣ୍ଣ ରହିବ ବୋଲି ମତ ଦେଇଥିଲେ। ସାହିତ୍ୟ ପରିଷଦ ପକ୍ଷରୁ ତ୍ରିଦଣ୍ଡୀ ସ୍ୱାମୀ ଭକ୍ତିବନ୍ଧୁ ଭିକ୍ଷୁ ମହାରାଜଙ୍କୁ ବୃନ୍ଦାବତୀ ଦାସୀ ଆଧ୍ୟାତ୍ମିକ ସମ୍ମାନ, ଓଡ଼ିଆ ଭାଷା ପ୍ରତିଷ୍ଠାନର ସଂଯୋଜକ ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ରଙ୍କୁ ପଠାଣି ପଟ୍ଟନାୟକ ସମାଲୋଚନା ସାହିତ୍ୟ ସମ୍ମାନ, ଅବସରପ୍ରାପ୍ତ ଆଇ.ଏ.ଏସ୍ ତଥା ସାହିତ୍ୟିକ ଡ. ଅଲେଖ ଚନ୍ଦ୍ର ପଢ଼ିଆରୀଙ୍କୁ ସଚ୍ଚି ରାଉତରାୟ ଗଳ୍ପ ସମ୍ମାନ, ଟିଭି ପ୍ରଯୋଜକ ତଥା ସଂଳାପ ଲେଖକ ଚନ୍ଦ୍ରକାନ୍ତ ପଣ୍ଡାଙ୍କୁ କୁନ୍ତଳା କୁମାରୀ ଗୀତି କବିତା ସମ୍ମାନ, ନାଟ୍ୟକାର ତଥା ଆଡଭୋକେଟ ବିଧାନ ଚନ୍ଦ୍ର ମହାନ୍ତିଙ୍କୁ ପରାଶର ସମ୍ମାନ, ଗୀତାଞ୍ଜଳି ମହାନ୍ତିଙ୍କୁ ଉମ୍ବରୁଧର ପରିଡ଼ା ଶିଶୁ ସାହିତ୍ୟ ସମ୍ମାନ ଦିଆଯାଇଥିଲା। ସାହିତ୍ୟିକା ଶ୍ୱେତପଦ୍ମାସିନୀ ମହାନ୍ତି ଅତିଥି ପରିଚୟ, ସମ୍ପାଦିକା ବିମଳା ସିଂହ ବାର୍ଷିକ ବିବରଣୀ ପାଠ, ମିନତୀ ମିଶ୍ର ଓ ଇତିଶ୍ରୀ ସାହୁ ପ୍ରାରମ୍ଭିକ ସଙ୍ଗୀତ ଓ ସମୀର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭିକ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଗୋବିନ୍ଦ ଚନ୍ଦ୍ର ମହାରଣା, ଗୋଲକ ବିହାରୀ ନାୟକ, ସୁବାସିନୀ ପଟ୍ଟନାୟକ ଓ ଇତିଶ୍ରୀ ସାହୁଙ୍କ ସଂଯୋଜନାରେ କବିତା ପଟ୍ଟନାୟକ, ଶାନ୍ତିଲତା ମହାନ୍ତି, ଦିବ୍ୟଲୋଚନ ଭାରିମଲ୍ଲ, ବିକ୍ରମ ଚମ୍ପତି, ଜ୍ଞାନରଞ୍ଜନ ଦାଶ ଓ ଚପଳା ପଣ୍ଡା, ବିଳାସିନୀ ଦାଶ, ଶାନ୍ତିଲତା ଦେବୀ, କୈଳାସ ପୃଷ୍ଟି ପ୍ରମୁଖ ୩୨ଜଣ କବିତା ପାଠ କରିଥିଲେ।

# ରାଷ୍ଟ୍ରବାଦୀ ସଂଗଠନ ପକ୍ଷରୁ ସମାଜ ଜାଗରଣ ଅଭିଯାନ

କେନ୍ଦ୍ରାପଡ଼ା, ୧୨/୫ (ନି.ପ୍ର): ରାଷ୍ଟ୍ରବାଦୀ ସଂଗଠନ କେନ୍ଦ୍ରାପଡା ଶାଖା ପକ୍ଷରୁ ସମାଜ ଜାଗରଣ ଅଭିଯାନ ଆରମ୍ଭ କରାଯାଇଛି । ଏନେଇ ଗରାପୁର ସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ବୈଠକରେ ପଣ୍ଡିତ ହୃଷିକେଶ ରଥ ଅଧ୍ୟକ୍ଷତା କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ଡ଼ଃ ଗୌତମ ମହାରଣା, ରାଜ୍ୟ ସଂଯୋଜକ ତପନ କୁମାର ଦାସ, ସଂଗଠକ ବଳରାମ ଦାସ ଓ ବିରଂଚି ନାରାୟଣ ତ୍ରିପାଠି ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ସାଂପ୍ରତିକ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ରାଷ୍ଟ୍ରବାଦୀ ନାଗରିକର ମୌଳିକ କର୍ତବ୍ୟ ଉପରେ ଆଲୋକପାତ କରିଥିଲେ । ଜଣେ ନାଗରିକର ମୌଳିକ କର୍ତବ୍ୟ ଭାବେ ନିଶ୍ଚିନ୍ତ ଭୋଟ ଦେବା, ଦେଶର ସୁରକ୍ଷା ଓ ଭବିଷ୍ୟତ ତଥା ସଂସ୍କୃତିର ସୁରକ୍ଷା ପାଇଁ ରାଷ୍ଟ୍ରବାଦୀ ବ୍ୟକ୍ତିଙ୍କୁ ଭୋଟ ଦେବା ଏବଂ ନାସ୍ତି ବାଚକ ଚିନ୍ତାଧାରା ର ପ୍ରତୀକ ନୋଟାରେ ଭୋଟ ନଦେବା ପାଇଁ ଉପସ୍ଥିତ ବ୍ୟକ୍ତି ମାନଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଶତାଧିକ ସଚେତନ ନାଗରିକ ଅଂଶ ଗ୍ରହଣ କରିଥିଲେ ।

# ବନ୍ଧଡିହ ପଂଚାୟତରେ ବିଜେଡିର ସ୍ୱାଗତ ଓ ସମ୍ବର୍ଦ୍ଧନା ସଭା

ଧର୍ମଶାଳା, ୧୨/୫ (ନି.ପ୍ର): ସାଧାରଣ ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ବଢି ବଢି ଚାଲିଛି । ପାର୍ଥୀ ଘୋଷଣା ହେବା ପରେ ନିର୍ବାଚନ ମଣ୍ଡୀ ସରଗରମ ହେବାରେ ଲାଗିଛି । ଏହି କ୍ରମରେ ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ପଂଚାୟତରେ ଆଜି ବିଜୁ ଜନତା ଦଳର ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବନ୍ଧଡିହ ସରପଂଚ ବିକ୍ରମ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରୀ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପାର୍ଥୀ ବିଶ୍ୱ ରଂଜନ ମଲ୍ଲିକ ଯୋଗ ଦେଇଥିଲେ । ଏହି ଅବସରରେ ପଂହଚାୟତ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶ୍ରୀ ମଲ୍ଲିକ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଯେଉଁ ଭରସା ଦେଇ ତାଙ୍କୁ ଦଳୀୟ ଟିକେଟ୍ ପ୍ରଦାନ କରିଛନ୍ତି ତାହା ବରୀ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି । ବିଗତ ଦିନରେ ଯେଉଁ ଭଳି ଲୋକଙ୍କ ସେବା କରି ଆସୁଥିଲି ଆଗାମୀ ଦିନରେ ସେହି ଭଳି କାର୍ଯ୍ୟକ୍ରମ ଜାରି ରହିବା ସହିତ ବରୀ ବିକାଶରେ ସବୁବେଳେ ଉଦ୍ୟମ ଜାରି ରହିବ । ତେଣୁ ଆଗାମୀ ନିର୍ବାଚନରେ ଯୋଡି ଶଙ୍ଖରେ ମୋହର ମାରି ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି,ଉପାଧ୍ୟକ୍ଷା କୁମାରୀ ଅର୍ଚ୍ଚନା ମଲ୍ଲିକ,୩୬ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ,୨୨ ନଂ ଜୋନ ଜିଲା ପରିଷଦ ସଭ୍ୟ ଦିଲିପ କୁମାର ମହାନ୍ତି,ବରୀ ବ୍ଲକ ସଭାପତି କେଦାର ନାଥ ସାମଲ,ଯୁବନେତା ଅଶୋକ କୁମାର ସାମଲ ଓ କୁଲୁ ଯାଦବ ପ୍ରମୁଖ ଯୋଗ ଦେଇ ଯୋଡି ଶଙ୍ଖରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବନ୍ଧଡିହ ପଂଚାୟତର ପୂର୍ବତନ ସରପଂଚ, ସମିତି ସଭ୍ୟ/ସଭ୍ୟା, ବରିଷ୍ଠ ବିଜେଡି ନେତା ଓ କର୍ମୀ, ଯୁବନେତା, ମହିଳା ନେତ୍ରୀ ଓ ସ୍ଥାନୀୟ ଲୋକପ୍ରତିନିଧି ସହଯୋଗ କରିଥିଲେ ।

# ବିଶ୍ୱଶାନ୍ତି ଶନିଶ୍ଚର ମହାଯଜ୍ଞ : ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ଧର୍ମଶାଳା, ୧୨/୫ (ନି.ପ୍ର): ଆଜି ହେଉଛି ଗ୍ରହରାଜ ଶନି ଓଷା । ବିଭିନ୍ନ ଶନି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ । ଆଜିର ଦିନରେ ବ୍ରତ ସହ ଗ୍ରହରାଜଙ୍କ ଉପରେ ଜଳାଭିଷେକ କଲେ ଶନିଙ୍କ କୋପ ପଡିବ ନାହିଁ । ତେବେ ଆଜି ଶନି ଓଷା ହୋଇ ଥବବାରୁ ଯାଜପୁର ଜିଲାର ସମସ୍ତ ଶନି ମନ୍ଦିରେ ଭକ୍ତଙ୍କୁ ନାହିଁ ନ ଥିବା ଭିଡ ଦେଖିବକୁ ମିଳିଛି । ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ଓ ରସୁଲପୁର ବ୍ଲକର ୨୦ରୁ ଉର୍ଦ୍ଧ ଶନି ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି । ବିଶେଷ କରି ଏହି ବ୍ଲକ ଦେଓଦା ପଂଚାୟତ ବାସୁଦେବପୁର ନିରଘାଟ ଶନି ମନ୍ଦିର ଜିଲାରେ ବେଶ ପରିଚିତ । ଆଜି ଏହି ମନ୍ଦିରରେ ଭୋର ସମୟରେ ପଣ୍ଡିତଙ୍କ ଦ୍ୱାରା ବିଶେଷ ରିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ସକାଳୁ ସକାଳୁ ସ୍ଥାନୀୟ ୨୦ ଗୋଟି ପଂଚାୟତର ଶହଶହ ଭକ୍ତ ଏଠାକୁ ଆସି ପୂଜାର୍ଚ୍ଚନା କରିଛନ୍ତି । ବ୍ରାହ୍ମଣୀର ଶାଖା କେଲୁଅ ନଦୀରୁ ମାନସିକଧାରୀମାନେ କଳସରେ ପାଣି ଆଣି ଶନିଙ୍କ ପରେ ଜଳାଭିଷେକ କରିଛନ୍ତି । ଜଳ ଲାଗି କଲେ ଶନି ପ୍ରସନ୍ନ ହୁଅନ୍ତି ବୋଲି ଭକ୍ତମାନଙ୍କ ବିଶ୍ୱାସ ରହିଛି । ପରେ ଭକ୍ତମାନେ ଦୀପ ଜାଳି ଶନି ଦେବଙ୍କୁ ନିଜର ଗୁହାରୀ ଶୁଣାଇଛନ୍ତି । ଜନସମାଗମକୁ ଦୃଷ୍ଟିରେ ରଖି ଧର୍ମଶାଳା ଥାନା ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିଶେଷ କରି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରାଯାଇଛି । ସେହିପରିଭାବେ ରସୁଲପୁର ବ୍ଲକ ବ୍ରହ୍ମବରଦା ହାଟଠାରେ ବିଶେଷ ରତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି । ଭକ୍ତମାନେ ଶହଶହ ସଂଖ୍ୟାରେ ଯୋଗ ଦେଇ ଜଳାଭିଷେକ କରିଥିଲେ । ବ୍ରହ୍ମବରଦା ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ନିମେନ୍ତ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# କୁହୁଡି କୃଷି ସମବାୟ ସମିତିର ସଂପାଦକଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୧୨/୫ (ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷକ ବିକାଶ ସମବାୟ ସମିତି ପକ୍ଷରୁ ଆୟୋଜିତ ଏକ ଚାଷୀ ସମାବେଶ କାର୍ଯ୍ୟକ୍ରମ ରେ କୁହୁଡି ପ୍ରାଥମିକ କୃଷି ସମବାୟ ସମିତିର ସଂପାଦକ ସେକ ସକିଲ(ଚାନୋ)ଙ୍କୁ କୃଷକ ବିକାଶ ସମବାୟ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । କୃଷକ ବିକାଶ ସମବାୟ ସମିତିର ସଭାପତି ପ୍ରମୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସେକ ସକିଲଙ୍କୁ ଉତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡ଼ଃ ଆଦିତ୍ୟ କୁମାର ପାତ୍ରଙ୍କ ସମେତ ଗୁରୁ ପ୍ରସାଦ ତ୍ରିପାଠୀ, ଅଧାପିକା ନିରୁପମା ରାଉତ, ସଂପାଦକ ଅରବିନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ମାନେ ଉପସ୍ଥିତ ଥିଲେ ।

# ସରିଲା ଅକ୍ଷୟମୁଠି ଅନୁକୂଳ, ବିହନ ନାହିଁ



ଢେଙ୍କାନାଳ, ୧୨/୫ (ନି.ପ୍ର): ଅକ୍ଷୟ ତୃତୀୟା ଗଲା, ଅକ୍ଷୟମୁଠି ଅନୁକୂଳ ବି ସରିଲା। ହେଲେ ଚାଷୀଙ୍କ ପାଖରେ ଧାନ ବିହନ ନାହିଁ। ସରକାର ଯୋଗାଇ ଦେଉଥିବା ଧାନ ବିହନକୁ ଚାଷୀମାନେ ଚାହିଁ ବସିଛନ୍ତି। ତାଙ୍କ ପାଖରେ ଆବଶ୍ୟକ ଧାନ ବିହନ ନଥିବା ବେଳେ କୃଷି ବିଭାଗ ପାଖରେ ମଧ ବର୍ତ୍ତମାନ ସୁଦ୍ଧା ସମସ୍ତଙ୍କ ପାଇଁ ବିହନ ନାହିଁ। କୃଷି ସେବା ସମବାୟ ସମିତି (ପ୍ୟାକ୍ସ) ମାଧମରେ ଚାଷୀଙ୍କୁ ବିହନ ଯୋଗାଇଦିଆଯିବା ଲାଗି ସ୍ଥିର ହୋଇଥିବା ବେଳେ ଆବଶ୍ୟକତାର ୧୦ ପ୍ରତିଶତ ବିହନ ମଧ ଅଦ୍ୟାବଧି କୃଷିବିଭାଗ ପାଖରେ ପହଞ୍ଚି ପାରିନାହିଁ। ଅକ୍ଷୟ ତୃତୀୟା ପରଠାରୁ ଚାଷୀମାନେ ଧାନବୁଣା ଆରମ୍ଭ କରୁଥିବା ବେଳେ ବିହନକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ପାଗ ଯୋଗ ବିଗିଡ଼ିଗଲା ପରେ ବିହନ ନେଇ କ'ଣ କରିବେ ବୋଲି କହୁଛନ୍ତି ଚାଷୀ। ଜିଲ୍ଲାରେ ୯୩ ହଜାର ହେକ୍ଟର ଜମିରେ ଧାନଚାଷ କରାଯିବାକୁ ଲକ୍ଷ୍ୟ ରହିଛି। ସେଥିରୁ ୫୫ହଜାର ୪୫୭ ହେକ୍ଟର ଜମିରେ ବୁଣାଧାନ କରାଯାଉଥିବା ବେଳେ ଅବଶିଷ୍ଟ ୩୭ହଜାର ୫୫୩ ହେକ୍ଟର ଜମିରେ ରୁଆ ଧାନ କରାଯାଉଛି। ଏଥିପାଇଁ ୧୦୩୩.୭୫ ହେକ୍ଟରରେ ଜଳସେଚନ ବ୍ୟବସ୍ଥା କରାଯାଇଛି। ସେଥିମଧରେ ୫୦୧୨୬ ହେକ୍ଟର ଜମିକୁ ବୃହତ ଜଳସେଚନ, ୧୨୭୧୮ ହେକ୍ଟର ଜମିରେ ମଧ୍ୟମ ଓ ୧୮ ହଜାର ୯୦୩ ହେକ୍ଟର ଜମିରେ କ୍ଷୁଦ୍ର ଜଳସେଚନ ଯୋଜନା ମାଧମରେ ଜଳ ଯୋଗାଇ ଦିଆଯିବ। ସେହିପରି ଓଡ଼ିଶା କୃଷି ଶିଳ୍ପ ନିଗମ ପକ୍ଷରୁ ୧୪ ହଜାର ହେକ୍ଟର ଜମିରେ, ଉଠା ଜଳସେଚନ ମାଧମରେ ୧୧୪୮ ହେକ୍ଟର ଜମିରେ ପାଣି ମଡ଼ାଯିବାର ବ୍ୟବସ୍ଥା କରାଯାଇଛି। ଜିଲ୍ଲାରେ ଧାନଚାଷ ପାଇଁ ଗତବର୍ଷ ୮ ହଜାର କ୍ୱିଣ୍ଟାଲ୍ ବିହନ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଚଳିତବର୍ଷ ତାହାକୁ ବଢ଼ାଇ ୧୨ ହଜାର କ୍ୱିଣ୍ଟାଲ୍ ବିହନ ଚାଷୀଙ୍କୁ ଦେବା ଲାଗି ଲକ୍ଷ୍ୟ ରଖାଯାଇଛି। ଅନ୍ୟପଟେ ଏହି ବିହନକୁ ୮୦ ଟି ପ୍ୟାକ୍ସ ମାଧମରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା କୃଷି ବିଭାଗକୁ ଆସିଥିବା ବିହନ ମଧରେ କଳାଚମ୍ପା ୭୫୬ କ୍ୱିଣ୍ଟାଲ୍, ଏମ୍‌ଟିୟୁ ୭୦୨୯ ବିହନ ୨୫୩.୨୦ କ୍ୱିଣ୍ଟାଲ୍, ଏମ୍‌ଟିୟୁ ୧୦୦୧ ବିହନ ୯୦.୮୦ କ୍ୱିଣ୍ଟାଲ୍, ଏମ୍‌ଟିୟୁ ୧୧୫୬ ଧାନ ବିହନ ୨୪ କ୍ୱିଣ୍ଟାଲ୍, କଳାଚମ୍ପା ଅ୧୦ କେଜି ୩.୬୦ କ୍ୱିଣ୍ଟାଲ୍‌କୁ ମିଶାଇ ୧୧୨୭ କ୍ୱିଣ୍ଟାଲ୍ ବିହନ ମାତ୍ର ୨୭ଟି ପ୍ୟାକ୍ସକୁ ଦିଆଯାଇଛି। ଅନ୍ୟ ପ୍ୟାକ୍ସଗୁଡ଼ିକ ପାଖରେ ବିହନ ପହଞ୍ଚିନଥିବା ବେଳେ କେବେ ବିହନ ଆସିବ ସେଥିପାଇଁ ବିଭାଗୀୟ ଅଧିକାରୀଙ୍କ ସମେତ ଚାଷୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଏ ସଂପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ପାଢ଼ୀଙ୍କୁ ପଚାରିବାରେ, ଜିଲ୍ଲାକୁ ୧୧୨୭ କ୍ୱିଣ୍ଟାଲ୍ ବିହନ ଆସିଛି। ପର୍ଯ୍ୟାୟକ୍ରମେ ଆସୁଥିବା ବିହନକୁ ନେଇ ବିଭିନ୍ନ ପ୍ୟାକ୍ସକୁ ଯୋଗାଇ ଦିଆଯାଉଛି। ଆବଶ୍ୟକତାଠାରୁ ଚଳିତବର୍ଷ ଅଧିକ ବିହନ ମଗାଯାଇଛି। ସେହି ଅନୁଯାୟୀ ଚାଷୀଙ୍କୁ ଅଧିକ ମାତ୍ରାରେ ବିହନ ଦିଆଯିବ। ଖୁବ୍‌ଶୀଘ୍ର ଆଉ ବାକି ବିହନ ଆସି ପହଞ୍ଚିବା ପରେ ଚାଷୀଙ୍କୁ ତାହା ତୁରନ୍ତ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

# ଆମ ସାହିତ୍ୟ ପରିବାର, ବ୍ୟାସନଗରର ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ ଅନୁଷ୍ଠିତ

ଭୁବନେଶ୍ୱର, ୧୨/୫ (ନି.ପ୍ର): ଶନିବାର ପୂର୍ବାହ୍ନରେ ଜୟଦେବ ଭବନ ପରିସରରେ 'ଆମ ସାହିତ୍ୟ ପରିବାର, ବ୍ୟାସନଗର'ର ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏହି ଭବ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ଞାନ ହୋତା କହିଲେ ଯେ ସହଭାଗିତାରେ ସାହିତ୍ୟ ବଂଚିରହେ। ଯୁଗେଯୁଗେ ସାହିତ୍ୟର ଅଭ୍ୟୁଦୟ ଘଟିଛି। ସାହିତ୍ୟ କୌଣସି ଅଂଚଳ ଭିତରେ ସୀମାବଦ୍ଧ ନୁହେଁ। ଭାଷାକୁ ନେଇ ସାହିତ୍ୟ ବଂଚେ । ଓଡିଶାର ସମସ୍ତ ଲୋକଭାଷାକୁ ନେଇ ସାହିତ୍ୟ କରାଯାଉଛି। ଏଣୁ ପ୍ରଚାରପ୍ରସାର ଦିଗରେ ଧ୍ୟାନ ନଦେଇ ଲେଖନୀକୁ ଶାଣିତ କଲେ ସାହିତ୍ୟ ଯୁଗଯୁଗ ଧରି ତିଷ୍ଠି ରହିବ। ଏଣୁ ଅନୁଷ୍ଠାନମାନଙ୍କ ସକ୍ରିୟ ସହଯୋଗରେ ସାହିତ୍ୟର ଜୟଯାତ୍ରା ସଦା ଅବ୍ୟାହତ ରହିବ। ଉଦ୍‌ଘାଟକ ଭାବେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କହିଲେ ଯେ ସାହିତ୍ୟକୁ ନିଷ୍ଠା ଓ ସାଧନାର ସହିତ ସମ୍ପାଦନ କରିବା ଦରକାର। ଯାଜପୁର ମାଟିରୁ ଗୋଟିଏ ସାହିତ୍ୟ ଅନୁଷ୍ଠାନ ଆଜି ଭୁବନେଶ୍ୱରରେ ବିଭିନ୍ନ ଅନୁଷ୍ଠାନକୁ ସେମାନଙ୍କ କାର୍ଯ୍ୟଧାରା ପାଇଁ ଉତ୍କର୍ଷ ସମ୍ମାନ ପ୍ରଦାନ କରିବା କମ ବଡ ଗୌରବର କଥା ନୁହେଁ। ସାହିତ୍ୟକୁ ଗଭୀର ଭାବେ ଭଲ ପାଇବା ଜଣେ ସଚ୍ଚା ସାହିତ୍ୟିକର ପରିଚୟ । ସାହିତ୍ୟ ଅନୁଷ୍ଠାନମାନଙ୍କୁ ସମ୍ବର୍ଦ୍ଧିତ କରି ଅନୁଷ୍ଠାନ ଓଡିଆ ସାହିତ୍ୟର ଜୟଯାତ୍ରାକୁ ତୀବ୍ର କରିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର.ପ୍ରେମାନନ୍ଦ ମହାପାତ୍ର କହିଲେ ଯେ ସାହିତ୍ୟ ସମସ୍ତଙ୍କୁ ଭାବରସରେ ବାନ୍ଧିଥାଏ । କେଉଁ ଆବହମାନ ଯୁଗରୁ ଯୁଗସ୍ରଷ୍ଟାମାନେ ଏହାର ପ୍ରମାଣ ଦେଇଛନ୍ତି। ସାହିତ୍ୟର ପତନ ଘଟିଲେ ସମାଜ ବିପଥଗାମୀ ହେଇଯାଏ। ଏଣୁ ସ୍ରଷ୍ଟାମାନେ ସ୍ୱଚ୍ଛ ସାହିତ୍ୟ ଓ ଚିରସ୍ଥାୟୀ ଅନୁଷ୍ଠାନ ଗଢିବାରେ ଯତ୍ନବାନ ହେବା ଦରକାର। ବରେଣ୍ୟ ଅତିଥି ଶଶଧର ପଣ୍ଡା 'ଆମ ସାହିତ୍ୟ ପରିବାର'ର ଅଭିନବ ପ୍ରୟାସ, ରାଜ୍ୟସ୍ତରୀୟ ସମାବେଶ ଏବ ସର୍ବୋପରି ସାହିତ୍ୟ ଅନୁଷ୍ଠାନମାନଙ୍କୁ ଉତ୍କର୍ଷ ସମ୍ମାନ ପ୍ରଦାନର ପରମ୍ପରାକୁ ଭୂୟସୀ ପ୍ରଶଂସା କରିଥିଲେ।ଅନୁଷ୍ଠାନର ଉପଦେଷ୍ଟା ପଣ୍ଡିତ ଅକ୍ଷୟ କୁମାର ଦାସ ଏବଂ ସଭାପତି ଡଃ ଅଲେଖ ମହାରଣା ଅନୁଷ୍ଠାନର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଇତ୍ୟବସରରେ ଅତିଥିମାନେ ଅନୁଷ୍ଠାନର ୫ମ ବାର୍ଷିକ ମୁଖପତ୍ର 'ଉଦ୍ଭବ'ର ଲୋକାର୍ପଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସରୋଜ କୁମାର ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲାବେଳେ ଉପସ୍ଥାପିକା ଭାବେ ଅନୁଷ୍ଠାନ ସହ ଯୋଡି ହୋଇଥିବା ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କ ମଞ୍ଚ ପରିଚାଳନା ଅତିଥି ତଥା ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।

ରାଜ୍ୟରେ ପ୍ରଥମକରି 'ଆମ ସାହିତ୍ୟ ପରିବାର' ସାହିତ୍ୟର ପ୍ରଚାରପ୍ରସାର ଦିଗରେ କାର୍ଯ୍ୟରତ ଯୋଗ୍ୟ ଅନୁଷ୍ଠାନମାନଙ୍କୁ 'ଆମ ସାହିତ୍ୟ ପରିବାର' ଉତ୍କର୍ଷ ସମ୍ମାନ କରି ଆସୁଛି। ଏହି କ୍ରମରେ ଆଜି ଅନୁଷ୍ଠାନ ତରଫରୁ ଓଡିଶାର ଶ୍ରେଷ୍ଠ ୭ ଗୋଟି ସଙ୍ଗଠନକୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍କର୍ଷ ସମ୍ମାନ ପ୍ରଦାନ କରାଯାଇଛି। ସେମାନେ ହେଲେ ଭୁବନେଶ୍ୱର ସାହିତ୍ୟ ସମାଜ, ଭୁବନେଶ୍ୱର, ସୁକିନ୍ଦା ସାହିତ୍ୟ ସମାଜ, ଯାଜପୁର, ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ, କେନ୍ଦ୍ରାପଡା, ରଶ୍ମିପ୍ରଭା, ରାଉରକେଲା, ପାର୍ବତୀ ଗୋବିନ୍ଦ ସ୍ମୃତି ସଂସଦ, କଟକ, ଅଭିମନ୍ୟୁ ସାମନ୍ତସିଂହାର ସାହିତ୍ୟ ସୃଜନୀ, ଯାଜପୁର ଓ ଜଗତସିଂହପୁର ସାହିତ୍ୟ ପରିଷଦ। ଏତଦ୍‌ଭିନ୍ନ ଓଡିଶାର ଲବ୍ଧ ପ୍ରତିଷ୍ଠିତ ୧୭ ଜଣ ସାହିତ୍ୟିକଙ୍କୁ ମୁଖ୍ୟଅତିଥି ମହୋଦୟ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଉତ୍ସବରେ ଦୁଇଜଣ ଲବ୍ଧପ୍ରତିଷ୍ଠିତ ଲେଖକ ଶ୍ରୀମତୀ ଜୟନ୍ତି ଜେନା ଏବଂ ଡଃ ସୁରେନ୍ଦ୍ର ମହାନ୍ତିଙ୍କ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ପାଠକାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧରେ ଅନୁଷ୍ଠିତ କବିତା ଆସରରେ ୨୦୦ରୁ ଉର୍ଦ୍ଧ୍ୱର୍ କବି କବୟିତ୍ରୀ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ। ଏହି ମହୋତ୍ସବରେ ବିଭିନ୍ନ ଜିଲ୍ଲାରୁ ୩୦୦ ରୁ ଅଧିକ କବି ଓ କବୟିତ୍ରୀଙ୍କ ଏବଂ ସାହିତ୍ୟ ଅନୁଷ୍ଠାନ କର୍ମକର୍ତ୍ତାଙ୍କ ସମାଗମ ହୋଇଥିଲା।

# କେନ୍ଦୁଝର ପାଟଣା ବିଧାନସଭା ନର୍ବାଚନ ମଣ୍ଡଳୀରେ ବିଜେପିର ଶକ୍ତି ପ୍ରଦର୍ଶନ

କେନ୍ଦୁଝର, ୧୨/୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟମା ବିଧାନ ସଭା ନିର୍ବାଚନ ମଣ୍ଡଳୀ ର ମୂଷାଖୋରୀ ପଂଚାୟତ ମଲ୍ଲିପଶି ରୁ ଭାଜାପା ର ଏମ୍.ପି . ପ୍ରାର୍ଥୀ ଅନନ୍ତ ନାଏକ ଓ ପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାୟକ ଏକ ବିରାଟ ବାଇକ ରାଲିରେ ୭ କି.ମି. ପର୍ଯ୍ୟନ୍ତ ରୋଡ ଶୋ ଶୋଭାଯାତ୍ରାରେ ଆସି ପଦ୍ମ ଫୁଲ ଚିହ୍ନରେ ଭୋଟ ଦେଇ ଓଡିଶାରେ ଡବଲ ଇଜିଂନ ସରକାର ଆଣିବାକୁ ଭୋଟର ମାନଙ୍କୁ ନିବେଦନ କରିଥିଲେ । ପରେ ପରେ ପାଟଣା ବ୍ୟାଙ୍କ ଛକ ପଡିଆରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜାପା ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଫଗନ ସିଂ କୁଲେସ୍ତେ ଯୋଗ ଦେଇ ଓ ଡିଶାରେ ନବୀନ ପଟ୍ଟନାୟକ ସରକାର ଉପରେ ଜନ ଆକ୍ରୋସ ରହିଛି । ଏଣୁ ଏଥିରେ ସରକାରର ପଟ ପରିବର୍ତନ ହେଉଛି । ଏଥର ଉଭୟ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଜିଂନ ଭାଜାପା ସରକାର ପ୍ରତିଷ୍ଠା ହେବ । ଏଥିରେ ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ଆଜିବାସୀ ମୋର୍ଚ୍ଚା ଉପସଭାନେତ୍ରୀ ମମିତା ନାଏକ, ରାଜ୍ୟ କାର୍ଯ୍ୟାକାରୀଣୀ ସଭ୍ୟା କିରଣବାଳା ନାୟକ , ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ ,ପୂର୍ବତନ ସାହାରପଡା ବ୍ଲକ ଅଧ୍ୟକ୍ଷ ଗୌତମ ନାଏକ , ଜିଲ୍ଲା ଭାଜାପା ସଂପାଦକ ହେମ ରଜଂନ ବାରିକ , ଜିଲ୍ଲା ସଂପାଦକ ଲକ୍ଷ୍ମୀ ପାତ୍ର , ସାଧାରଣ ସଂପାଦକ ଅନୁବ୍ରତ ବେହେରା , ଜିଲ୍ଲା ଭାଜାପା ଯୁବମୋର୍ଚ୍ଚା ସଭାପତି ସବିର ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଜେଡି ଛାଡି ଭାଜାପାରେ ଯୋଗ ଦେଇଥିବା ବିଭିନ୍ନ ଦଳର ନେତା ଓ କର୍ମୀ ପରମେଶ୍ୱର ପୃଷ୍ଟି , କରଣା ସାଗର ଖଟୁଆ , ପାଟଣା ଲ୍ୟାମ୍ପ ଡାଇରେକ୍ଟର ପ୍ରକାଶ ସେଠୀ , ବିକାଶ କୁମାର ସେଠୀ , ଧୃତି ସେଠୀ , ସୁନ୍ଦର ସେଠୀ ଙ୍କ ସମେତ ପ୍ରାୟ ୫୦ ରୁ ଉର୍ଦ୍ଧ ବ୍ୟକ୍ତି ବିଶେଷ ରହିଥିଲେ । ବରିଷ୍ଠ ନେତା କମଳାକାନ୍ତ ଦାଶ ,ଦୁର୍ଗା ଚରଣ ନାଏକ, ପ୍ରହ୍ଲାଦ ପଲେଇ , ସୋମବାରି ମୁଣ୍ଡା , ହରିଶ ମହାନ୍ତ , ସୁବ୍ରତ ଦ୍ୱିବେଦୀ , ଅଭୟ ବେହେରା ପ୍ରମୁଖ ଆଗଧାଡିର ନେତାମାନେ ଯୋଗ ଦେଇଥିଲେ ।

# କ୍ଷେତ୍ରୀୟ ନିଶ୍ଚେତକ

ଶରୀରର କୌଣସି ଅଂଶକୁ ବଧିରା କରିବା ପାଇଁ ପ୍ରାୟତଃ କ୍ଷେତ୍ରୀୟ ନିଶ୍ଚେତକର ଉପଯୋଗ କରାଯାଏ । ବିଭିନ୍ନ ପ୍ରକାର କ୍ଷେତ୍ରୀୟ ନିଶ୍ଚେତକ ଏବଂ ଇପିଡ୍ୟୁରାଲ ନିଶ୍ଚେତକ ବହୁଳ ଭାବରେ ବ୍ୟବହୃତ ହୋଇଥାଏ । ଏହାକୁ ଇଞ୍ଜେକସନ୍ ମାଧ୍ୟମରେ ଶରୀରର ପଶ୍ଚାତ ଭାଗରେ ସଠିକ୍ ସ୍ଥାନରେ ଆନାଲଜେସିଆର ମିଶ୍ରଣ କ୍ୟାଥେଟର ମାଧ୍ୟମରେ ବ୍ୟବହାର କରାଯାଇ ସ୍ନାୟୁ ଉପରେ ଆବାଶ୍ୟକ ପ୍ରଭାବ ଅନୁଭୂତ କରାଯାଇ ଯନ୍ତ୍ରଣାକୁ କେତେ ଦିନ ପାଇଁ ମଧ୍ୟ ନିୟନ୍ତ୍ରିତ କରାଯାଇଥାଏ । କ୍ଷେତ୍ରୀୟ ନିଶ୍ଚେତକ ବ୍ୟବହାର ଦ୍ୱାରା ଇଣ୍ଟ୍ରା ଅପରେଟିଭ ରକ୍ତସ୍ରାବ ହ୍ରାସ ପାଇବା ସହିତ ମାଂସପେଶୀରେ ଶିଥିଳତା ସୃଷ୍ଟି ସର୍ଜରୀ ସମୟରେ ତଥା ପରେ ରୋଗୀର ସ୍ୱାସ୍ଥ୍ୟ ତଦାରଖ ପ୍ରକ୍ରିୟାକୁ ଆଶଙ୍କା ବିହୀନ କରିପାରିଛି । ଏହି ପ୍ରଣାଳୀ ସମ୍ପୂର୍ଣ୍ଣ ଭାବରେ ଆଶଙ୍କା ବିହୀନ କରତିପାରିଛି । ଏହି ପ୍ରଣାଳୀ ସମ୍ପୂର୍ଣ୍ଣ ଭାବରେ ଆଶଙ୍କା ମୁକ୍ତ । କ୍ଷେତ୍ରୀୟ ନିଶ୍ଚେତକ ବ୍ୟବହାର ଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟା ତଥା ପାର୍ଶ୍ୱପ୍ରତିକିୟା କେବଳ ଇଞ୍ଜେକସନ ଦିଆଯାଇଥିବା ସ୍ଥାନ ବଧିରା ଲାଗିବା ଏବଂ ସାଧାରଣ କ୍ଷତି ମଧ୍ୟରେ ସୀମିତ ରହିଥାଏ । କେତେକ ସ୍ଥଳ ବିଶେଷରେ ନର୍ଭ ବ୍ଲକ ଯୋଗୁ ସୀମିତ ସମୟ ପାଇଁ ବଧିରା ଏବଂ ଝିମ ଝିମ୍ ଲାଗିବା ଭଳି ଅବସ୍ଥା ସୃଷ୍ଟି ହୋଇଥାଏ । କ୍ଷେତ୍ରୀୟ ନିଶ୍ଚେତକ ପ୍ରୟୋଗ ଦ୍ୱାରା କୌଣସି ଗୁରୁତର ସମସ୍ୟା ପ୍ରାୟତଃ ଦୃଷ୍ଟିଗୋଚର ହୋଇ ନଥାଏ ।



ସମସ୍ତ ବ୍ଲକ୍ ସାଧାରଣ ଭାବରେ ଅପରେଟିଭ୍ ରୁମରେ କାର୍ଯ୍ୟ କରୁଥିବା ବେଳେ ପେରଣ୍ଟେରିଆଲ ନର୍ଭ ବ୍ଲକ୍ ଓଟିରେ ପ୍ରବେଶ କରିବା ପୂର୍ବରୁ ପ୍ରି-ଅପେରେଟିଭ ରୁମରେ ଉପଲବ୍ଧ କରାଯାଇଥାଏ । ସ୍ନାୟୁ ମଧ୍ୟରେ ଏକ ତାର ପ୍ରବେଶ କରାଯାଇ ନିଶ୍ଚେତକ ବିଶେଷଜ୍ଞ ଏହାକୁ ତଦାରଖ କରିବା ସହିତ ସମସ୍ତ ପ୍ରଣାଳୀର କାର୍ଯ୍ୟଧାରାର ବିଶ୍ଳେଷଣ କରିଥାନ୍ତି । ବ୍ଲକ୍ କାର୍ଯ୍ୟ ପୂର୍ବରୁ ତ୍ୱଚାକୁ ଷ୍ଟେରାଇଲ ସଲ୍ୟସନ୍ ସ୍ଥାନରେ ଲୋକାଲ ନିଶ୍ଚେତକର ପ୍ରୟୋଗ ଦିଆଯାଇଥାଏ ।



ସାଧାରଣ କ୍ଷେତ୍ରୀୟ ନିଶ୍ଚେତକ ମଧ୍ୟରେ ପେରିଫେରିଆଲ ନର୍ଜ ବ୍ଲକ୍ ମଧ୍ୟ ବ୍ୟବହୃତ ହୋଇଥାଏ । ଏହାଦ୍ୱାରା ପ୍ରାୟତଃ ସର୍କରା ହେଉଥିବା ସ୍ଥାନର ନିକଟବର୍ତ୍ତୀ ଅଂଶରେ ଇଞ୍ଜେକସନ୍ ମାଧ୍ୟମରେ ଦିଆଯାଇ ସ୍ନାୟୁ ସମୂହକୁ ବଧିରା କରାଯାଇଥାଏ । ସାଧାରଣତଃ କାନ୍ଧ, ବହାରୁର ଅଂଶ ନର୍ଭ ବଧିରା କରିବା ପାଇଁ ବ୍ରାଣ୍ଟିଆଲ ଫ୍ଲେକ୍ସସ୍ ବ୍ଲକ୍ କରିବା ପାଇଁ ଗୋଡରେ ଇଞ୍ଜେକସନ ଦିଆଯାଇଥାଏ । ସେହିପରି ଶରୀର ଉପର ଅଂଶ ସର୍ଜରୀ କ୍ଷେତ୍ରରେ ତଥା ତଳି ପେଟ ଏବଂ ତଳ ଅଂଶ ସର୍ଜରୀ କ୍ଷେତ୍ରରେ ସ୍ପାଇନାଲ କିମ୍ବା ଇପିଡ୍ୟୁରାଲ ନିଶ୍ଚେତକ ବ୍ୟବହାର କରାଯାଇଥାଏ । ଏହାଛଡ଼ା ଶରୀରର ତଳ ଅଂଶର ସର୍ଜରୀ କ୍ଷେତ୍ରରେ ନର୍ଭ ବ୍ଲକର ମଧ୍ୟ ଉପଯୋଗ କରାଯାଇଥାଏ।

କ୍ଷେତ୍ରୀୟ ନିଶ୍ଚେତକର ଅନେକ ସୁବିଧା ରହିଛି । ସାଧାରଣ ନିଶ୍ଚେତକ ଭଳି ଏହାର ପାର୍ଶ୍ୱ ପ୍ରତିକ୍ରିୟା ନଥାଏ । ଇଣ୍ଟ୍ରା-ଅପରେସନ ତଥା ପୋଷ୍ଟ ଅପରେସନ୍ ସମୟରେ ଏହା ଅପରେସନ କାଳୀନ ଯନ୍ତ୍ରଣା ନିୟନ୍ତ୍ରଣ ଏବଂ ପ୍ରଶମନ କ୍ଷେତ୍ରରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଅପରେସନ ପରେ ଏହାଦ୍ୱାରା ଅନେକ ଘଣ୍ଟା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଅପରେସନ୍ ପରେ ଏହା ଦ୍ୱାରା ଅନେକ ଘଣ୍ଟା ପର୍ଯ୍ୟନ୍ତ ଯନ୍ତ୍ରଣା ନିୟମିତ ହୋଇପାରିଥାଏ । ସେପରି ଇପିଡ୍ୟୁରାଲ ଆନାଲକେସିଆ ନିୟମିତ ଲୋକାଲ ହୋଇଥାଏ । ଫଳରେ ସର୍ଜନଙ୍କ ପାଇଁ ଅପରେସନ୍ କରିବାରେ ସୁବିଧା ହୋଇଥାଏ । ଏହାଦ୍ୱାରା ସର୍ଜରୀ ସମୟ କମିଯିବା ସହିତ ବ୍ଲଡ୍ ଟ୍ରାନ୍ସଫ୍ୟୁଜନର ଆବଶ୍ୟକତା ଆଶଙ୍କା କମ୍ ହୋଇଥାଏ । ଇପିଡ୍ୟୁରାଲ ଏବଂ ସ୍ପାଇନାଲ ନିଶ୍ଚେତକ ବ୍ୟବହାର ଦ୍ୱାରା ଶରୀରର ତଳଅଂଶରେ ଅପରେସନ ସମୟରେ ରକ୍ତ ଜମାଟ ବାନ୍ଧିବା ଆଶଙ୍କା ଦୂରୀଭୂତ କରିଥାଏ ।

ସାମ୍ପ୍ରତିକ ଆଧୁନିକ ତଥା ବିକଶିତ ଜ୍ଞାନକୌଶଳ ଯୁଗରେ ସେବାକୁ ସୁରକ୍ଷିତ କରିଥିବାବେଳେ ସୁରକ୍ଷିତ ମେଡିକେସନ୍ ଏବଂ ବ୍ୟହାର ଉପଯୋଗୀ ଜ୍ଞାନକୌଶଳ କରାଯାଇଥାଏ । ଏହାଦ୍ୱାରା କେବଳ ଆପଣଙ୍କୁ ହାଲକା ଭାବରେ ଚିମୁଟିଲା ଭଳି ଅନୁଭୂତ ହୋଇଥାଏ ।

ସର୍ଜରୀ ପୂର୍ବରୁ ବ୍ଲକ୍ ୧୦୦ ପ୍ରତିଶତ ସଫଳତାର ସହିତ କାର୍ଯ୍ୟ କରୁଛି କି ନାହିଁ କାହାର ପରୀକ୍ଷଣ କରାଯାଇଥାଏ । ଉଦାହରଣ ସ୍ୱରୂପ ଆପଣଙ୍କୁ କୌଣସି ଅନୁଭବ ହେୁନି ବୋଲି ପରୀକ୍ଷଣ କରାଯାଇଥାଏ । ଆପଣ ସଚେତନ ଥାଆନ୍ତୁ କିମ୍ବା ଆପଣଙ୍କୁ କୌଣସି ଯନ୍ତ୍ରଣା ଉପଶମକାରୀ ଔଷଧ ଦିଆଯାଇଥିଲେ ମଧ୍ୟ ଆପଣ ପ୍ରକୃତ ସର୍କରା ପ୍ରକ୍ରିୟାକୁ ଅନୁଭବ କରି ନଥାନ୍ତି ।

# ଉପକାରୀ ପଣସ



ପଣସ ଏକ ସ୍ୱାସ୍ଥ୍ୟପଯୋଗୀ ଫଳ । ଏଥିରେ ଥିବା ଭିଟାମିନ୍, ପଟାସିୟମ, କ୍ୟାଲସିୟମ, ଆଇରନ, ମ୍ୟାଗ୍ନେସିୟମ, ଆଇରନ୍, ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ।

ପାଚନତନ୍ତ୍ର ମଜଭୂତ:- ପଣସ ମଞ୍ଜିରେ ଫାଇବର ପ୍ରଚୁର ମାତ୍ରାରେ ଥାଏ। ଏହାର ସେବନ ଦ୍ୱାରା ପାଚନ ତନ୍ତ୍ର ମଜଭୂତ ହୋଇଥାଏ । ଯେଉଁ ଲୋକଙ୍କର ପେଟ ସମ୍ବନ୍ଧିତ ସମସ୍ୟା ଥାଏ, ସେମାନେ ସପ୍ତାହକୁ ଅତିକମରେ ଦୁଇଥର ପଣସ ତରକାରୀ ସେବନ କରିବା ଉଚିତ୍ ।

ଆଖି ପାଇଁ ଭଲ:- ଚକ୍ଷୁ ସମ୍ବନ୍ଧିତ ସମସ୍ୟାରେ ପୀଡ଼ିତ ଥିଲେ ଭିଟାମିନ୍ 'ଏ' ଆଖିରେ ସୃଷ୍ଟି ମୋତିଆବିନ୍ଦୁ ଓ ଅନ୍ଧାରକଣା ଭଳି ରୋଗ ଭଲ କରିଥାଏ ।

ଏନିମିଆ:- ପଣସ ମଞ୍ଜିରେ ଆଇରନ ଭରପୂର ଥାଏ । ଏହାର ସେବନ ଦ୍ୱାରା ହିମୋଗ୍ଲୋବିନ ସ୍ତର ବୃଦ୍ଧିପାଏ । ଯଦି ଶରୀରରେ ରକ୍ତର ଅଭାବ ଥାଏ, ତେବେ ପଣସ ମଞ୍ଜି ଖାଇବା ଆରମ୍ଭ କରନ୍ତୁ, ଲାଭ ପାଇବେ ।

ଥାଇରଲଡ୍:- ଯେଉଁମାନେ ଥାଇରଏଡ୍‌ରେ ପୀଡ଼ିତ, ସେମାନଙ୍କ ପାଇଁ ପଣସ କୌଣସି ମହୌଷଧିଠୁ କମ୍ ନୁହେ । ଏଥିରେ ଥିବା ପୋଷକ ତତ୍ତ୍ୱ ଥାଇରଏଡ୍ ଗ୍ରନ୍ଥିକୁ ନିୟନ୍ତ୍ରଣ କରିଥାଏ ।

କ୍ୟାନସର:- ପଣସ ମଧ୍ୟରେ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ଥାଏ । ଏହାଛଡ଼ା ମଞ୍ଜିରେ ଥିବା ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ଶରୀରରେ କ୍ୟାନସର କୋଷିକା ବୃଦ୍ଧିକୁ ବାଧା ପହଂଚାଇଥାଏ । ଏଣୁ କ୍ୟାନସରରୁ ରକ୍ଷା ପାଇବାକୁ ଏବେଠୁ ପଣସ ଖାଇବା ଆରମ୍ଭ କରିଦିଅନ୍ତୁ ।

# ହେଲଥ୍ ଟିପ୍ସ

ଦୈନନ୍ଦିନ ଚାଲି ଚଳଣରେଅନେକ ଉପଦେଶ ମାନିବାକୁ ପଡ଼ିଥାଏ। ଏହାକୁ କୌଣସି ପରିସ୍ଥିତିରେ ମଧ୍ୟ ପ୍ରତ୍ୟାଖାନ କରା ଯାଇନପାରେ । ଏହା ଶରୀର ପାଇଁ ନିହାତି ଉପଯୋଗୀ ହୋଇଥିବାରୁ ଏହାର ଆବଶ୍ୟକତା ଅନେକାଂଶରେ ରହିଛି ।

ମଳ, ମୂତ୍ର, କ୍ଷୁଧା, ତୃଷ୍ଣା, ନିଦ୍ରା, କାଶ, ବାନ୍ତି, ଛିଙ୍କ ଓ କୃମ୍ଭା ଆଦି ପରି କେତେକ ପ୍ରାକୃତିକ ବେଗକୁ ଅଟକାଇବା ଉଚିତ ନୁହେଁ ।

ସର୍ବଦା ଲୋଭ, ଶୋକ ଭୟ, ଅହଙ୍କାର, ନିର୍ଲଜ୍ଜତା, ଅତିରାଗ, କ୍ରୋଧ, ଈର୍ଷା ଆଦି ମାନସିକ ମନୋଭାବ ଦୂର କରି ମନକୁ ଶାନ୍ତ ରଖନ୍ତୁ ।

ମନକୁ ଦିନସାରା ବିଭିନ୍ନ ପ୍ରକାର ଶାରୀରିକ ପରିଶ୍ରମରେ ବ୍ୟସ୍ତ ଓ ସଚଳ ରଖିବା ଉଚିତ।

ମନରେ ଧାର୍ମିକ ଭାବନା ପୋଷଣ କରି ଜୀବନର ଦୁଃଖ-ସୁଖକୁ ଧୈର୍ଯ୍ୟର ସହ ସାମ୍ନା କରନ୍ତୁ ।

ଦିନବେଳେ ନ ଶୋଇ ରାତିରେ ୭-୮ଘଣ୍ଟା ନିଦ୍ରା ଗ୍ରହଣ କରନ୍ତୁ । ଶୋଇବା ସମୟରେ ଉଚ୍ଚ ତକିଆ ଓ ନରମ ଶଯ୍ୟା ତ୍ୟାଗ କରିପାରିଲେ ଭଲ ।

କୌଣସି ସ୍ଥାନକୁ ଯାତ୍ରା କଲାବେଳେ ଅନେକ ସତର୍କତା ଓ ସାବଧାନତା ଅବଲମ୍ବନ କରନ୍ତୁ ।

କଠିନ ପରିଶ୍ରମ କରନ୍ତୁ ଓ ଶୀଘ୍ର ଶଯ୍ୟାଗ୍ରହଣ କରି ଶୀଘ୍ର ଶଯ୍ୟାତ୍ୟାଗ କରିବା ଅଭ୍ୟାସ କରନ୍ତୁ ।

ବ୍ୟକ୍ତିଗତ ଜୀବନପଥକୁ ଆମେ ସଜାଡ଼ିବାରେ ଯତ୍ନବାନ ହେଲେ ରୋଗ ବିହୀନ ତଥା ଆୟୁଷ୍ମାନ ହୋଇପାରିବ ।

# ହାଇ ହିଲ୍‌ର ପ୍ରଭାବ



ଏ କଥା ସତ ଯେ, ହାଇ ହିଲ୍ ପିନ୍ଧୁଥିବା ଯୁବତୀ ଅଧିକ ଷ୍ଟାଇଲିସ୍ ଲାଗନ୍ତି । ହାଇ ହିଲ୍ ଦେଖିବାକୁ ସୁନ୍ଦର ଲାଗୁଥିଲେ ମଧ୍ୟ ଶରୀର ଉପରେ ଅନେକ କୁ-ପ୍ରଭାବ ପକାଇଥାଏ । ଫିଟନେସ୍ ବିଶେଷଜ୍ଞଙ୍କ ମତରେ, ଲଗାତର ହାଇ ହିଲ ପିନ୍ଧି ଚଲାବୁଲା କଲେ, ଶରୀର ଗଢ଼ଣ ଖରାପ ହୋଇଥାଏ । ଏଣୁ ପ୍ରଥମରୁ ଏଥିପ୍ରତି ଦୃଷ୍ଟି ନ ଦେଲେ ଭବିଷ୍ୟତରେ ଏହି ସମସ୍ୟା ଅଣାୟତ୍ତ ହୋଇପାରେ । ସେ ଆହୁରି ମଧ୍ୟ କୁହନ୍ତି, ଅଧିକ ସମୟ ଧରି ପିନ୍ଧିବା ଦ୍ୱାରା ଅଣ୍ଟା, ଆଣ୍ଠୁ ଭଳି ସମସ୍ୟା ଉପୁଜିବାକୁ ଲାଗେ । କେବଳ ସେତିକି ନୁହେଁ, ଅଣ୍ଟା ଅଧିକ ଓସାରିଆ ହୋଇଯିବା ସହ ଶରୀର ସମସ୍ତ ଭାର ଗୋଡ଼ ଉପରେ ପଡ଼ି ପାଦ ଫୁଲିଥିବାର ଅନେକ ଥର ଦେଖିବାକୁ ମିଳେ । ଖାସ୍ ସେଥିପାଇଁ ହାଇ ହିଲକୁ ପିନ୍ଧିବା ବେଳେ ଏସବୁ କଥା ପ୍ରତି ଧ୍ୟାନ ଦେବା ଉଚିତ ।

# ଘନ କେଶ ପାଇଁ ଘିକୁଆଁରୀ



ଘିକୁଆଁରୀ କେଶ ଝଡ଼ା ସମସ୍ୟାକୁ ରକ୍ଷା କରିବା ସହ ଏହାର ବୃଦ୍ଧି କରିଥାଏ । କଡ଼ା ହେଲେ ବି ଏଥିରେ ଢ଼େର ଫାଇଦା ଭରିରହିଛି । ଘିକୁଆଁରୀରେ ୯୬ ପ୍ରତିଶତ ପାଣି ଏବଂ ଏମିନୋ ଏସିଡ୍ ରହିଛି । ଭିଟାମିନ୍ ଏ, ବି, ସି ଏବଂ ଇ'ରେ ଭରପୂର ଘିକୁଆଁରୀ ଶରୀର, ତ୍ୱଚା ଏବଂ କେଶକୁ ଆବଶ୍ୟକ ପୋଷଣ ଦେଇଥାଏ ।


୨ ଚାମଚ ଘିକୁଆଁରୀ ଜେଲକୁ ହାତରେ ନେଇ କେଶ ମୂଳରେ ହାଲକା ମାଲିସ୍ କରନ୍ତୁ । ଅତିକମରେ ଦୁଇଗଣ୍ଟା ପର୍ଯ୍ୟନ୍ତ ଏହାକୁ କେଶ ମୂଳରେ ରଖିଲା ପରେ ଶାମ୍ପୁ କରନ୍ତୁ । ସପ୍ତାହକୁ ଦୁଇଥର ଏଭଳି ଉପାୟ ଆପଣାଇଲେ, କେଶର ସୌନ୍ଦର୍ଯ୍ୟ ଏବଂ ଘନତ୍ୱ ବୃଦ୍ଧି ପାଇଥାଏ ।

୨ ଚାମଚ ଘିକୁଆଁରୀ ଜେଲରେ ୧ ଚାମଚ ନଡ଼ିଆ ତେଲ ମିଶାଇ କେଶ ମୂଳରେ ଲଗାଇ ହାଲକା ମସାଜ କରନ୍ତୁ । ୧ ଘଣ୍ଟା ପରେ ଏହାକୁ ଧୋଇଦିଅନ୍ତୁ, ପରଦିନ ଶାମ୍ପୂ କରି ସଫାକରନ୍ତୁ । ଏଭଳି ମାସକୁ ୩-୪ଥର କଲେ କେଶ ଲମ୍ବା ଏବଂ ମୁଲାୟମ୍ ହୋଇଥାଏ । କେଶ ପ୍ରବଳ ଝଡୁଥିଲେ ଘିକୁଆଁରିରେ ପିଆଜ ରସ ମିଶାଇ କେଶ ମୂଳରେ ଲଗାନ୍ତୁ । ଦୁଇ ଘଣ୍ଟା ଏହି ମିଶ୍ରଣକୁ କେଶ ମୂଳରେ ଲଗାଇ ରଖିବା ପରେ ଥଣ୍ଡା ପାରିରେ ଧୋଇଦିଅନ୍ତୁ ।

ନଡ଼ିଆ ତେଲରେ ଘିକୁଆଁରୀ ଜେଲ ମିଶାଇ ଶାମ୍ପୂ ପୂର୍ବଦିନ ରାତିରେ ଶୋଇବା ପୂର୍ବରୁ ଭଲ ଭାବେ ମାଲିସ୍ କରିଦେବେ । ଏହା ଦ୍ୱାରା ମଧ କେଶ ଝଡ଼ିବା ସମସ୍ୟାରୁ ତ୍ରାହି ମିଳିଥାଏ ।

# ପୋଷ୍ଟନାଟାଲ ଡିପ୍ରେସନ୍

ପିଲାଜନ୍ମ ପରେ ମା ଠାରେ ଦେଖା ଯାଉଥିବା ଅବସାଦକୁ ପୋଷ୍ଟନାଟାଲ ଡିପ୍ରେସନ ବୋଲି କୁହାଯାଏ । ଗର୍ଭାବସ୍ଥା ସମୟରେ କିମ୍ବା ପିଲା ଜନ୍ମ ପରେ ପରେ ୫ଜଣ ମାଙ୍କ ମଧ୍ୟରୁ ଜଣଙ୍କଠାରେ ପୋଷ୍ଟନାଟାଲ ଡିପ୍ରେସନ୍ ଦେଖା ଦେଇଥାଏ । ଏ ସମୟରେ ମହିଳାଙ୍କଠାରେ ପୋଷ୍ଟନାଟାଲ ଡିପ୍ରେସନ ଦେଖା ଦେଇଥାଏ । ଏ ସମୟରେ ମହିଳାଙ୍କ ଠାରେ ଉଦାହରଣ, ଜୀବନରୁ ରୁଚି ହ୍ରାସ ହେବା, ପ୍ରତି କଥାରେ ନିଜକୁ ଦୋଷୀ ଭାବିବା, ନିଜ ଉପରେ ଆରୋପ ଲଗାଇବା ଲକ୍ଷଣ ଦେଖାଯାଏ । କିନ୍ତୁ ଏ ସମସ୍ତ ଲକ୍ଷଣକୁ ସାଧାରଣ ଭାବି ଦମ୍ପତ୍ତି ଅଣଦେଖା କରିଦିଅନ୍ତି। ଯଦ୍ୱାରା ପୋଷ୍ଟନାଟାଲ ଡିପ୍ରେସନର ଚିକିତ୍ସାରେ ବିଳମ୍ବ ହୋଇଥାଏ । ୟୁନିଭର୍ସିଟି ଅଫ୍ ବ୍ରିଟିଶ୍ କଲମ୍ବିଆ ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି, ଅଧିକାଂଶ ମହିଳାଙ୍କ ଠାରେ ଏସମୟରେ କ୍ରୋଧ ଭାବନା ଅଧିକ ଦେଖାଦିଏ । ବିଶେଷଜ୍ଞଙ୍କ ଅନୁସାରେ, କୋଧ ପୋଷ୍ଟନାଟାଲ ଡିପ୍ରେସନରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଯଦି ଏହାର ଚିକିତ୍ସା ସମୟ ପୂର୍ବରୁ କରାନଯାଏ, ତେବେ ମହିଳା ରୋଗମୁକ୍ତ ହେବାରେ ବାଧା ସୃଷ୍ଟି ହୁଏ । ଏହାଦ୍ୱାରା ମା ପିଲା ଏବଂ ପରିବାର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ଏମିତି ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ମଧ୍ୟ ଖରାପ ହୋଇଥାଏ । ଫଳରେ ପରିବାର ଓ ସ୍ୱାମୀଙ୍କ ସାହାଯ୍ୟ ମିଳିବା ପରିବର୍ତ୍ତେ ସମ୍ପର୍କରେ ଫାଟ ସୃଷ୍ଟି ହୁଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅମ୍ବାନୀ-ଆଦାନୀ ଧ୍ୱନି...

ସରି ଗଲାଣି ଅଷ୍ଟାଦଶ ଲୋକସଭା ନିର୍ବାଚନ ପାଇଁ ତୃତୀୟ ପର୍ଯ୍ୟାୟର ମତଦାନ । ତେବେ ଏଯାଏଁ ଶାସକ ଓ ପ୍ରମୁଖ ବିରୋଧୀ ଦଳର ମୁଖ୍ୟଙ୍କ ମଧ୍ୟରେ ମୁଖ୍ୟ ମଞ୍ଚରେ ମୁହାଁମୁହିଁ ହେବାର ପ୍ରସଙ୍ଗର ସତେ ଯେମିତି ଆବିର୍ଭାବ ଘଟି ନଥିଲା, ସେମିତି ମନେ ହୋଇଛି ବିଜେପି ସୁପ୍ରିମୋ ତଥା ଥରର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀଙ୍କ ମଧ୍ୟରେ ବାକ୍ ବିନିମୟ ପରେ । ସେମାନଙ୍କର ନିକଟ ଅତୀତର ପ୍ରସଙ୍ଗରେ ସ୍ଥାନ ପାଇଛି- ସମ୍ପଦ ସୃଷ୍ଟି, ଭାଇ ବିରାଦରୀବାଦ, ଅର୍ଥନୀତିକ ଅଭିବୃଦ୍ଧି, ସହଜ, ବିପୁଳ ଓ ପ୍ରାପ୍ତିର ହର ହୋଇ ନଥିବା ଅର୍ଥ ହାସଲ କରିବା ନିମନ୍ତେ ରାଜନୀତିକ ପତିଆରା ଓ ପ୍ରଭାବକୁ ବ୍ୟବହାର କରିବାର 'ସାମର୍ଥ୍ୟ' ଏବଂ କେନ୍ଦ୍ର ପାଇଁ ରାଜନୀତିକ ପାଣ୍ଠି ଯୋଗାଡ଼ ବ୍ୟାପାର । ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ପ୍ରଥମ ଥର ପାଇଁ ବିଜେପି ନିଜର ନିର୍ବାଚନୀ ଭାଷଣବାଜିକୁ ପାରମ୍ପରିକ ପ୍ରସଙ୍ଗ- ଯଥା ଅଯୋଧ୍ୟାରେ ନିର୍ମାଣ ପରେ ପ୍ରତିଷ୍ଠା ହୋଇ ସାରିଥିବା ରାମ ମନ୍ଦିର ବା କାଶ୍ମୀରରୁ ଧାରା ୩୭୦ର ଉଚ୍ଛେଦ କି ତିନି ତଲାକ୍ ପ୍ରଥାର ବିଲୋପ ବା ଆଗାମୀ ସମୟରେ ଏହାର ଯୋଜନାଗୁଡ଼ିକର କେନ୍ଦ୍ରରେ ରହିବାକୁ ଯାଉଥିବା ଗୋଟିଏ ଦେଶ, ଗୋଟିଏ ନିର୍ବାଚନ, କିମ୍ବା ଏମିତିକି ଏକକ ନାଗରିକ ସଂହିତା କଥା ଭିତରେ ସୀମିତ ରଖିନାହିଁ । ବରଂ ତା' ପରିବର୍ତ୍ତେ ଏହା ଅନେକ ସମୟରେ କହିଛି ଅର୍ଥନୀତିକ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ, ଯେଉଁଗୁଡ଼ିକ ପ୍ରାୟତଃ କଂଗ୍ରେସର ଇସ୍ତାହାର ଯଥା ଅନ୍ୟାନ୍ୟ ପ୍ରସଙ୍ଗଗୁଡ଼ିକ ମଧ୍ୟରେ ସମ୍ପଦର ପୁନର୍ବଣ୍ଟନକୁ ନେଇ ଜନପ୍ରିୟବାଦୀ ସମାଜବାଦ ଏବଂ ଏକ ସମ୍ଭାବ୍ୟ ଉତ୍ତରାଧିକାର ଟିକସ ଇତ୍ୟାଦି ବିଷୟରେ। ନିଜର ପାରମ୍ପରିକ ଶକ୍ତି ସମ୍ବଳିତ ନିର୍ବାଚନୀ ଉପାଖ୍ୟାନଗୁଡ଼ିକରୁ ଦୂରେଇ ଯାଇ ଉପରୋକ୍ତ ଉପାଖ୍ୟାନଗୁଡ଼ିକ ଆଡ଼କୁ ବିଜେପି ଢଳିବା, ଯାହାକୁ ଅନେକେ ନିର୍ବାଚନର 'ସାମ୍ପ୍ରଦାୟିକୀକରଣ' କରିବା ଦୃଷ୍ଟିରେ ଦେଖୁଛନ୍ତି, ତାହା ସମ୍ପୂର୍ଣ୍ଣ ଭାବରେ ପ୍ରାକୃତିକ ପରିବର୍ତ୍ତନ ଭଳି ଶାସକ ଗୈରିକ ଦଳର ଇଚ୍ଛାକୃତ ନୁହେଁ । ଆଉ କଂଗ୍ରେସ ମଧ୍ୟ ସମ୍ଭବତଃ ସେମିତି କିଛି ବିଶେଷ ଯୋଜନା ବା କସରତ କରି ନିର୍ବାଚନ ରଣାଙ୍ଗନରେ ଲଢ଼େଇ ମଝିରେ ଏସବୁ ପ୍ରସଙ୍ଗକୁ ଉଠାଉ ଥିବା ମନେହୁଏ ନାହିଁ । ତେବେ ଏଇସବୁ ପ୍ରସଙ୍ଗ ହିଁ ଏବେ ଚର୍ଚ୍ଚାକୁ ଆସିଛି ଏବଂ ସଦ୍ୟତମ ପ୍ରସଙ୍ଗ ଭାବରେ ସ୍ଥାନ ନେଇଛି ମୁକେଶ ଅମ୍ବାନୀ ଏବଂ ଗୌତମ ଆଦାନୀଙ୍କ ନାମ । ଅବଶ୍ୟ ଏସବୁ ସହିତ ସମାନ୍ତରାଳ ଭାବରେ ଆଉ କେତେକ ପ୍ରସଙ୍ଗର ସମାହାର ରହିଛି- ଯେମିତିକି ଅନ୍ୟାନ୍ୟ ପ୍ରସଙ୍ଗଗୁଡ଼ିକ ମଧ୍ୟରେ ଲୋକମାନଙ୍କର ଏକ ଗୋଷ୍ଠୀ ଯେଉଁମାନଙ୍କର ଅନେକ ସନ୍ତାନସନ୍ତତି ରହିଛନ୍ତି, ବା ବେଆଇନ ଶରଣାର୍ଥୀ, ବା ହିନ୍ଦୁ ମହିଳାମାନଙ୍କ 'ମଙ୍ଗଳସୂତ୍ର'କୁ ଛିଣ୍ଡାଇ ନେବା ପାଇଁ ଉଦ୍ୟମ, ଅଥବା ଭାରତରେ ଶରିଆ ଆଇନକୁ ଲାଗୁ କରିବା ଭଳି ଏକ ମେଣ୍ଟର ଆଶଙ୍କା, କିମ୍ବା ପାକିସ୍ତାନ ଦ୍ୱାରା ସମର୍ଥିତ ହେବା ଭଳି ପ୍ରସଙ୍ଗ ସବୁ। ପରନ୍ତୁ, ସ୍ପଷ୍ଟ ଭାବରେ ଦେଖିଲେ ଜଣାପଡ଼େ ଯେ ଏସବୁ ପ୍ରସଙ୍ଗର ଗତିଶୀଳତାରେ ଅଭାବ ରହିଛି। ଏଣୁ ଟଙ୍କା ସମ୍ପୃକ୍ତ ରହିଥିବା ଧାରା ଆଡ଼କୁ ଏକ ଜୈବିକ ପରିବର୍ତ୍ତନ ମୁହାଁଇଛି। ଐତିହାସିକ ଭାବରେ ଭାରତୀୟମାନେ ଏକ ବ୍ୟାପକ ଦୃଷ୍ଟିକୋଣର ପ୍ରତିନିଧି ଭାବରେ ଦୁଇ-ନାମବିଶିଷ୍ଟ ଦଳକୁ ପସନ୍ଦ କରୁଥିବା ଜଣାଯାଏ- ତାହା ବଲିଉଡ୍‌ର ପଟ୍ଟକଥା ଲେଖକ ହୁଅନ୍ତୁ କି ସଙ୍ଗୀତକାର। ଉଦାହରଣ ଭାବରେ ନିଆଯାଇପାରେ, ଲକ୍ଷ୍ମୀକାନ୍ତ-ପ୍ୟାରେଲାଲ୍ ଇତ୍ୟାଦି ଅନେକ ଯୋଡ଼ିଙ୍କ ନାମ। ଠିକ୍ ସେମିତି ଅକଳନ ଧନ ସମ୍ପତ୍ତିର ମାଲିକ ଭାବରେ ଆଗରୁ ଦଶନ୍ଧି ଦଶନ୍ଧି ପର୍ଯ୍ୟନ୍ତ ଭାରତରେ 'ଟାଟା-ବିର୍ଲା' ସାଙ୍ଗିଆ ରହି ଆସିଥିବା ବେଳେ ନବ ଭାରତରେ ଗତ ଦଶନ୍ଧି ବା ତା'ଠୁ କିଛି ଅଧିକ ସମୟ ହେବ ଆସିଛି 'ଅମ୍ବାନୀ-ଆଦାନୀ'ଙ୍କ ସାଙ୍ଗିଆ, ଯେଉଁମାନେ କି କେବଳ ଛନ୍ଦ ପତନ ଦୃଷ୍ଟିରୁ ଅତ୍ୟଧିକ ବିତ୍ତଶାଳୀ ବା ସଫଳତାର ଶୀର୍ଷକୁ ଯିବାର ପ୍ରତିନିଧିତ୍ୱ କରନ୍ତି ନାହିଁ, ବରଂ ଉଚ୍ଚସ୍ତରୀୟ ରାଜନୀତିକ କ୍ଷମତା ଅଳିନ୍ଦର ନିକଟବର୍ତ୍ତୀ ହୋଇଥିବାକୁ ମଧ୍ୟ ଉପସ୍ଥାପନ କରନ୍ତି। ଲୋକସଭା ନିର୍ବାଚନୀ ସଭାରେ ପ୍ରଥମେ ରାହୁଲ ଗାନ୍ଧୀ ଏ ତଥ୍ୟକୁ ଉଠାଇଲେ ଯେ ଭାରତର ଦୁଇ ଶକ୍ତିଶାଳୀ ନେତା ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ଭଳି ଭାରତର ଦୁଇ ବିତ୍ତଶାଳୀ ପ୍ରତିକୃତି ରିଲାଏନ୍ସର ମୁକେଶ ଅମ୍ବାନୀ ଏବଂ ଆଦାନୀ ଗ୍ରୁପ୍‌ର ଗୌତମ ଆଦାନୀ ମଧ୍ୟ ଗୁଜରାଟରୁ ଆସିଛନ୍ତି ଏବଂ ଏ ଦୁଇଜଣଙ୍କ ନାମକୁ ସେ ନିରନ୍ତର ଭାବରେ ଉଠାଇ ଆସିବାର କାରଣ ହେଉଛି କ୍ଷମତାଶାଳୀ ଉପରୋକ୍ତ ଦୁଇ ବ୍ୟକ୍ତିବିଶେଷଙ୍କ ସହିତ ସେମାନଙ୍କର କିଛି ମଧୁଚନ୍ଦ୍ରିକା ରହିଥିବା ତଥା ପରିଣତିରେ ରାଜ-ଆଶୀର୍ବାଦ ଲାଭ କରିବାକୁ ଦର୍ଶାଇବା। କିନ୍ତୁ ଶ୍ରୀଯୁକ୍ତ ମୋଦୀ ଏ ପର୍ଯ୍ୟନ୍ତ ସୁଦ୍ଧା ଏମାନଙ୍କ ସହିତ କିଛି ସମ୍ପର୍କ ତ ଦୂରର କଥା, ସେମାନଙ୍କୁ ବ୍ୟକ୍ତିଗତ ଭାବରେ ଜାଣିଥିବାକୁ ମଧ୍ୟ ଅସ୍ୱୀକାର କରି ଆସିଛନ୍ତି । ଶ୍ରୀଯୁକ୍ତ ଗାନ୍ଧୀଙ୍କର ଏହି ଧାରାରେ ଆକ୍ରମଣ କରିବାର ଖେଳ ଖେଳିବାରେ ତାଙ୍କର କୌଣସି ଆଗ୍ରହ ନଥିବାକୁ ଦର୍ଶାଇବା ନିମନ୍ତେ ଶ୍ରୀଯୁକ୍ତ ମୋଦୀ ତାଙ୍କର ଚିରାଚରିତ ନାଟକୀୟ ଢଙ୍ଗରେ ସମଗ୍ର ଭାରତର ଲୋକମାନଙ୍କୁ ଖୋଲାଖୋଲି ପଚାରିଛନ୍ତି– କଂଗ୍ରେସ କାହିଁକି ଅମ୍ବାନୀ-ଆଦାନୀ ପ୍ରସଙ୍ଗରେ ନିରବ ହୋଇଗଲା ବୋଲି ! ସଙ୍ଗେ ସଙ୍ଗେ ସେ ମଧ୍ୟ ସନ୍ଦେହ ପ୍ରକଟ କରିବା ଭଳି ସ୍ୱରରେ ଆକ୍ଷେପ କରିବାକୁ ଯାଇ କହିଛନ୍ତି, ବୋଧହୁଏ ଏଇ ଯୋଡ଼ି ଦେଶର ସର୍ବପୁରାତନ ଦଳକୁ କଳାଟଙ୍କାରୁ କିଛି ଦେଇ ସାହାଯ୍ୟ କରିଛନ୍ତି। ଆଉ ଏହାକୁ ଚ୍ୟାଲେଞ୍ଜ କରିଛନ୍ତି ଶ୍ରୀଯୁକ୍ତ ଗାନ୍ଧୀ। ସେ ପ୍ରତ୍ୟୁତ୍ତରରେ କହିଛନ୍ତି- ଶ୍ରୀଯୁକ୍ତ ମୋଦୀ ସିବିଆଇ ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଏହାର ଏକ ତଦନ୍ତ କରାନ୍ତୁ। ନିଃସନ୍ଦେହରେ ସାରା ଦେଶ ଏଇ ନିର୍ବାଚନ ପ୍ରବଚନ ସହିତ ଅଠାରେ ଲାଖି ରହିଲା ଭଳି ରହିଛି, ତେବେ ନିର୍ବାଚନ ଉପରେ ଏହାର କି ପ୍ରଭାବ ପଡୁଛି ଏବଂ ତା'ର ଶେଷ ପରିଣତି କ'ଣ ହେଉଛି, ତାହା ଦେଖିବାକୁ ସମସ୍ତେ ଅପେକ୍ଷା କରିବା ଛଡ଼ା ବର୍ତ୍ତମାନ ଗତ୍ୟନ୍ତର ନାହିଁ ।




### ମହାଭାରତ
**ସତ୍ୟ ସିଂ ବାଗ**

ଘରେ ଘରେ ଏବେ ମହାଭାରତ
ଦୁର୍ଯ୍ୟୋଧନ ସଭିଙ୍କ ହୃଦୟେ ବାସ
ଲାଳସା ରଖି କାରୁକାର୍ଯ୍ୟେ ରତ
ମାୟା ମୁହଧନ ସମ୍ପତିରେତା ଆଶ !

ଦ୍ୱାପରରେ ଗୋଟିଏ ମାମା ଶକୁନି
ଏ କଳି କାଳେ ଶକୁନିଟା ସହ ସହ
ନିଜ ବୋହୂ ଯଦି ଶାଶୁମାଙ୍କୁ ବାଡ଼ଇ
କାହାକୁଅବା କହିବା ସେକଥା କୁହ !

ଧୃତରାଷ୍ଟ୍ର ପରି ପିତା ସାଜୁଅଛି ଅନ୍ଧ
ସନ୍ତାନକୁ ଶିଖାଇ ବନାଉଛି ମଡନ
ଆଧ୍ୟାତ୍ମିକ ଜ୍ଞାନ ପୁଅ ନଜାଣି ଥିବାରୁ
ପରେ କହୁଛି ବାପା ଅଲଗା ରନ୍ଧାଣ ।

ଯୁଧିଷ୍ଠିର ଯେ ଥିଲେ ସତ୍ୟ ପ୍ରତି ମୂର୍ତ୍ତି
ନ୍ୟାୟ ଅଟଇ ତାଙ୍କର ସତ୍ୟ ବଚନ
ଆଜିକାଲିର ମଣିଷ ମିଛ ନ କହିଲେ
ବୁଝେ ନାହିଁ ଜମା ତାଙ୍କରି ଏ ମନ !

ଆଜି କିଏ ଅର୍ଜୁନ ପରି ଜିଜ୍ଞାସୁ ହୋଇ



ଶୁଣୁନାହାନ୍ତି ଗୀତା ଶ୍ରୀମଦ୍ ଭାଗବତ
ଏଥି ପାଇଁ ହିଁ ଅଜ୍ଞାନର ଅନ୍ଧ କାରେ
ବୁଡି ଝରାଏ ଲୁହ ଦୁଃଖରବହୁ ତାତ !


ଗ୍ରା /ପୋ - ତେରେସିଂହା
ଭାୟା - ରିସିଡା
ଜି - କଳାହାଣ୍ଡି
ପିନ - ୭୬୬୦୩୧
ମୋ - ୬୩୫୩୩୭୪୫୦୯




## ରାଜନୀତିରେ ଘୋଡା ବେପାର

**କାଳି ଦାସ**

ରାଜିନୀତିରେ ଯଦି ଘୋଡା ବେପାର ସ୍ଥାନ ନେଲା ତାହେଲେ ତାହା ଗଣତନ୍ତ୍ରକୁ ନିଶ୍ଚିତ ଭାବରେ କଳୁଷିତ କଲା।

ଆମର ପୂର୍ବ ପରୁଷ ମାନେ ଅନେକ ଭାବିଚିନ୍ତି ଭାରତକୁ ଗୋଟିଏ ଗଣତାନ୍ତ୍ରିକ ଦେଶ ବୋଲି ଘୋଷଣା କରିଥିଲେ। ଏଠାରେ ଶହ ଶହ ବର୍ଷ ଧରି ରାଜତନ୍ତ୍ର ଚାଲିଥିଲା। ଦେଶର ସ୍ୱାଧୀନତା ସହିତ ଗଣତନ୍ତ୍ରର ପ୍ରତିଷ୍ଠା ଏକ ନୂଆ ଅଧ୍ୟାୟର ରଚନା କରାଗଲା।

ଭାରତ ବିଦେଶି ଶାସନର ମୁଠା ଭିତରୁ କୁ ଚାଲିଯିବାର ମୁଖ୍ୟ କାରଣ ବୋଧ ହୁଏ ରାଜତନ୍ତ୍ର। ଛୋଟିଆ ଛୋଟିଆ ଶାସକ ମାନଙ୍କୁ ପରସ୍ପର ସହିତ ଲଢାଇ କରି ବ୍ରିଟିଶ ଦେଶକୁ ଦୁର୍ବଳ କଲା ପରେ ପୁରା ଦେଶର ଶାସନକୁ ନିଜ ହାତକୁ ନେଇ ପାରିଥିଲା।

ବର୍ତ୍ତମାନ ଗଣତନ୍ତ୍ରର ବୈଶିଷ୍ଟିକୁ ରାଜନେତା ଭୁଲି ଯାଉଛନ୍ତି। କ୍ଷମତାରେ ଥିବା ଗୋଷ୍ଠି ପଇସା ଏବଂ ଶକ୍ତିର ପ୍ରୟୋଗ କରି ଅନ୍ୟ ଦଳର ରାଜନେତାଙ୍କୁ ନିଜ ଆଡକ ଟାଣୁଛନ୍ତି। ବିଚାର ଧାରା ବୋଲି କିଛି ରହିଯାଉନାହିଁ। ଆଜି ଅନ୍ୟ ଦଳକୁ ଯେଉଁ ରାଜନେତା ମାନେ ଭର୍ତ୍ସନା କରୁଛନ୍ତି କାଲି ସେହି ଦଳକୁ ସେହି ରାଜନେତା ମାନେ ଭୂରି ଭୂରି ପ୍ରଶଂସା କରୁଛନ୍ତି, ଏ ସବୁ ହେଲା ପରେ ମଧ ଜନତା ନୀରବ।

ବିଭିର୍ନ୍ନ ପ୍ରଦେଶର ସରକାର ଭାଙ୍ଗୁଛି ଏବଂ ନୂଆ ସରକାର ପ୍ରତିଷ୍ଠା ହେଉଛି।

ବିଗତ ଦିନ ରାଜ୍ୟ ସଭାର ପ୍ରାର୍ଥୀଙ୍କ ପାଇଁ ଯେଉଁ ନିର୍ବାଚନ ହୋଇଥିଲା ସେ ସମୟରେ ଅନେକ ସ୍ଥାନରେ ଘୋଡା ବେପାର ହେବାର ସନ୍ଦେହ କରାଯାଇଛି କାରଣ ଉତ୍ତର ପ୍ରଦେଶ ରେ ସମାଜବାଦୀ ପାର୍ଟିର ବିଧାୟକ ନିଜର ପାର୍ଟିର ପାର୍ଥୀଙ୍କୁ ସମର୍ଥନ ନ କରି ବିଜେପି ଦଳର ପାର୍ଥୀଙ୍କୁ ଭୋଟ ଦେଇଛନ୍ତି। ସମାଜବାଦୀ ପାର୍ଟିର ମୁଖିଆ ଅଖିଳେଶ ଯାଦବଙ୍କୁ ମଧ ଅବହେଳା କରି ଏବଂ ନିଜ ଦଳର ହ୍ୱିପ କୁ ନମାନି ସମାଜବାଦୀ ପାର୍ଟିକୁ ବିରୋଧ କରିଥିବା ବିଜେପିର ପାର୍ଥୀକୁ ଭୋଟ ଦେଇଛନ୍ତି। କେବଳ ଉତ୍ତର ପ୍ରଦେଶରେ ନୁହେ ମଣିପୁରରେ ମଧ ଏହା ହୋଇଛି। ହିମାଞ୍ଚଳ ପ୍ରଦେଶ ରେ କଂଗ୍ରେସର ଶାସନ ଚାଲିଥିବା ବେଳେ କଂଗ୍ରେସର ରାଜ୍ୟ ସଭା ପାର୍ଥୀ ମନୁ ସିଂ ବିଙ୍କୁ ଭୋଟ ନ ଦେଇ ଅନେକ କଂଗ୍ରେସ ଏମଏଲେ ବିଜେପିର ପ୍ରାର୍ଥୀକୁ ଭୋଟ ଦେଇଛନ୍ତି। ଏଥିପାଇଁ ମନୁ ସିଂ ବି ନିର୍ବାଚନ ହାରିଛନ୍ତି।

ଅନେକଙ୍କ କହିବା ମୁତାବକ ଏହା ପଛରେ କେନ୍ଦ୍ର ସରକାରଙ୍କ ଇଡି ଓ ସିବିଆଇର ଧମକ ଓ ପଇସାର କାରବାର ହୋଇଛି। ପଇସା ଓ କେନ୍ଦ୍ରର କ୍ଷମତା କଂଗ୍ରେସ ଏମଏଲେଙ୍କୁ ବାଧ କରିଛି ବିଜେପି ଦ୍ୱାରା ମନୋନିତ ରାଜ୍ୟସଭା ସଦସ୍ୟଙ୍କୁ ଭୋଟ ଦେବାପାଇଁ।

ଭାରତର ପୂର୍ବତ୍ତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ "ଏଣ୍ଟି ଡିଫେକ୍ସନ "କାନୁନ ପାଶ କରିଥିଲେ, ରାଜନେତାମାନଙ୍କ ଉପରେ ଆଙ୍କୁଶ ଲଗେଇବା ପାଇଁ। ରାଜନେତା ମାନେ ଏକ ନିର୍ଦ୍ଧିଷ୍ଟ ପାର୍ଟିର ଟିକେଟରେ ନିର୍ବାଚନ ଜିତିଲା ପରେ ନିଜର ସୁବିଧା ବା ଲାଭ ପାଇଁ ସେହି ପାର୍ଟି ଛାଡି ଅନ୍ୟ ପାର୍ଟିରେ ଯୋଗ ଦେବାର ଅନେକ ଦୃଷ୍ଟାନ୍ତ ସେତେବେଳେ ଦେଖିବାକୁ ମିଳୁଥିଲା ତେଣୁ ରାଜନେତା ମାନେ ପ୍ରଲୋଭନର ଶିକାର ନହୁଅନ୍ତୁ ଏହା କୁ ଆଖିରେ ରଖି ଏହି ଆଇନ ପାଶ କରାଯାଇଥିଲା।

ରାଜନୀତିରେ ଦୁର୍ନ୍ନିତି ଦେଶରେ ଅନେକ ପ୍ରକାର ଦୁର୍ନ୍ନିତିକୁ ଜନ୍ମ ଦିଏ। ଆଜିକାଲି ନିର୍ବାଚନ ବ୍ୟୟସାପେକ୍ଷ। ନିର୍ବାଚନ ଜିତିବା ପରେ ରାଜନେତା ମାନେ ହଟାତ ମାଲାମାଲ ହୋଇଯାଇଥାନ୍ତି।

ଯେତେବେଳେ ନିର୍ବାଚିତ ବିଧାୟକ ମାନେ ନିଜ ଦଳ ଛାଡି ଅନ୍ୟ ଦଳର ସମର୍ଥନ ରେ ଆସି ଯାଆନ୍ତି ସେତେବେଳେ ସରକାର ଅସ୍ଥିର ପରିସ୍ଥିତିରେ ପଡିଯାଏ। ନୂଆ ଦଳ ସରକାର ଗଠନ କରିଥାନ୍ତି। ଏହା ଭୋଟ ଦେଇ ଥିବା ନାଗରିକଙ୍କ ପାଇଁ ଅନ୍ୟାୟ ବା ଧୋକା ହୁଏ।

ଏଣ୍ଟି ଡିଫେକ୍ସନ' କାନୁନ ଅନୁସାରେ କୌଣସି ରାଜନୈତିକ ଦଳର ଏକତୃତୀଆଂଶ ବିଧାୟକ ଯଦି କୌଣସି ପ୍ରକାର ଅଲଗା ନିଷ୍ପତ୍ତି ନେଇ ଅନ୍ୟ ଦଳକୁ ସମର୍ଥନ କରନ୍ତି ତାହେଲେ ସେମାନେ ଡିଫେକ୍ସନ କାନୁନ ଦ୍ୱାରା ଦଣ୍ଡିତ ହେବେନାହିଁ। ଆଜିକାଲି ଗୋଟିଏ ଦଳର ଏକତୃତୀଆଂଶ ବିଧାୟକ ଏକାଠି ହୋଇ ନିଜର ସୁବିଧା ଏବଂ ଲାଭ ପାଇଁ ଅନ୍ୟ ଦଳକୁ ମଧ ସମର୍ଥନ କରୁଛନ୍ତି । ଏହାର ଦୃଷ୍ଟାନ୍ତ ଆମେ ମହାରାଷ୍ଟ୍ରରେ ଦେଖିବାକୁ ପାଉଛୁ। ମହାରଷ୍ଟ୍ରରେ ଶିବ ସେନା ଭାଙ୍ଗିବା ପରେ ଏନସିପି ମଧ ଭାଙ୍ଗିଛି। କ୍ଷମତାର ମୋହ ସବୁଠାରୁ ବଡ ମୋହ। କ୍ଷମତା ସହିତ ପଇସା ଜଡିତ। ଆଜି ଯେତେବେଳେ ପୁଣି ଥରେ ନିର୍ବାଚନର ଦ୍ୱାର ଦେଶରେ ଆମେ ଠିଆ ହୋଇଛେ ସେତେବେଳେ ଚିନ୍ତା ଆସୁଛି ଦେଶର ଭବିଷ୍ୟତ କେଉଁ ଆଡେ ଗତି କରୁଛି ? ଦେଶର ରାଜନେତା ଦେଶ ପାଇଁ କମ ନିଜ ପାଇଁ ବେଶି ଭାବୁଛନ୍ତି। ବିଶ୍ୱ ସଙ୍କଟର ଦ୍ୱାର ଦେଶରେ ଗୋଟିଏ ପରେ ଗୋଟିଏ ଦେଶ ଯୁଦ୍ଧ ରେ ଝାସ ଦେଉଛନ୍ତି ଅନ୍ୟ ପଟେ କିଛି ଦେଶ ଆର୍ଥିକ ସଙ୍କଟ ରେ ଗତି କରୁଛନ୍ତି। ସାଧାରଣ ଜନତାଙ୍କୁ ମୁଠାଏ ଖାଇବାକୁ ମିଳିବା କଷ୍ଟ ହେଲାଣି। ପୁଞ୍ଜିପତିର ପୁଞ୍ଜି ବଢିଚାଲିଛି। ଦେଶର ସାଧାରଣ ଜନତା ସେମାନଙ୍କ ଭୋଟର ମୂଲ୍ୟ କୁ ବୁଝିନାହାନ୍ତି। ପଇସା, ଖାଇବା ଓ ମଦ ବାଣ୍ଟି ବଡ ବଡ ରେଲି କରାଯାଉଛି। ଆଜି ସେହି ଲୋକ ଗୋଟିଏ ଦଳର ରେଲି ରେ ଠିଆ ହେଉଛି ତ କାଲି ସେହି ଲୋକ ଅନ୍ୟ ଦଳର ରେଲି ରେ ଠିଆ ହୋଇ ଜୟଜୟକାର କରୁଛି। ଦେଶର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ସତ୍ୟ ଉଜାଗର କରିବା ପାଇଁ ଅକ୍ଷମ। ମନେ ହୁଏ ଗଣମାଧ୍ୟମ ଶାସକଙ୍କ ସହିତ ରହିଛି। ଯେତେଦିନ ଯାଏଁ ଏହି ଦେଶର ସାଧାରଣ ଜନତା ନିଜର ଅଧିକାର ଏବଂ କର୍ତ୍ତବ୍ୟ ପ୍ରତି ଉଦାସୀନ ରହିବେ ରାଜନେତା ସେତେଦିନ ଯାଏଁ ଦେଶକୁ ନିଜର ସ୍ୱାର୍ଥ ପୂରଣ ପାଇଁ ଉପୋଯୋଗ କରିବେ। ଦେଶର ଉନ୍ନତି ପାଇଁ ଦେଶର ସାଧାରଣ ଜନତାଙ୍କୁ ଆଗଭର ହେବାକୁ ପଡିବ।


ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ: ୭୨୦ ୫୧୦୦୮୩୯


## ଚାଲ ବୁଥକୁ ଯିବା

**ବୈଷ୍ଣବ ମେହେର**

ନିର୍ବାଚନ ହେଉଛି ଗଣତଂତ୍ରର ଜୀବନରେଖା । ଆମ ଦେଶର ଗଣତାଂତ୍ରୀକ ଶାସନ ପଦ୍ଧତି ଅନୁସାରେ ଦେଶ ବା ଅଂଚଳର ପ୍ରତିନିଧି କିଭଳି ହେବା ଦରକାର ତା'ର ଉପଯୁକ୍ତ ବିଚାର କରି ନିର୍ବାଚନ ମାଧ୍ୟମରେ ନିଜର ମତ ସାବ୍ୟସ୍ତ କରିବାର ସୁଯୋଗ ସମ୍ବିଧାନ ଆମକୁ ଦେଇଛି । ତେଣୁ ଏହି ସୁଯୋଗର ସଠିକ ଉପଯୋଗ କରି ଗଣତଂତ୍ରର ଏହି ମହାନ ପର୍ବରେ ଅଂଶ ଗ୍ରହଣ କରିବାକୁ ସମସ୍ତେ ନିଜର ଗୌରବ ମଣିଲେ ଦେଶ ବିକାଶର ସ୍ୱପ୍ନ ଅନେକାଂଶରେ ସାକାର ରୂପ ନେଇ ପାରିବ । କିନ୍ତୁ ରାଷଟ୍ରୀୟ କଲ୍ୟାଣକୁ ଅଣଦେଖା କରି ଆମେ ବିଭିନ୍ନ ଆଳରେ ଦେଶ ପ୍ରତି ଆମର ଏହି ଦାୟିତ୍ୱ ନିର୍ବାହ କରିବାରେ ଅବହେଳା କରି ଆସିଛୁ କ୍ଷ ଦେଶର ଶାସନ ବ୍ୟବସ୍ଥାକୁ ସୁଦୃଢ଼ ଓ ସୁନିଶ୍ଚିତ କରିବା ପାଇଁ ଯେପରି ସମସ୍ତ ମତଦାତା ମତଦାନରେ ଆଗ୍ରହ ପ୍ରକାଶ କରିବେ ସେନେଇ ବ୍ୟାପକ ପଦକ୍ଷେପ ଗ୍ରହଣ ସତ୍ତ୍ୱେ ମାତାହାର ଆଶାନୁଜନକ ନହେବା ଗଣତଂତ୍ର ପ୍ରତି ସାମାଜିକ ଅବହେଳା ବୋଲି କୁହାଯିବ ।

ସରକାରୀ ଓ ବେସରକାରୀ ସ୍ତରରେ ମତଦାନ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରି ବରିଷ୍ଠ ନାଗରିକ, ମହିଳା, ଦିବ୍ୟାଙ୍ଗ, ତୃତୀୟ ଲିଙ୍ଗୀ, ଯୁବକ ଆଦିଙ୍କ ସୁବିଧା ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଛି । ଏହା ସତ୍ତ୍ୱେ ଚଳିତ ଅଷ୍ଟାଦଶ ସାଧାରଣ ନିର୍ବାଚନର ମୋଟ ସାତଟି ପର୍ଯ୍ୟାୟ ମଧ୍ୟରୁ ଏଯାଏଁ ସଂଘଠିତ ତିନୋଟି ପର୍ଯ୍ୟାୟର ମତଦାନରେ ଆଶାଜନକ ମତଦାତା ମତଦାନ ପାଇଁ ବୁଥକୁ ଆସି ନାହାନ୍ତି । ତଥ୍ୟ ଅନୁସାରେ ଗତ ଅପ୍ରେଲ ୧୯ ପ୍ରଥମ ପର୍ଯ୍ୟାୟରେ ୨୧ ରାଜ୍ୟ ଓ କେଂଦ୍ରଶାସିତ ଅଂଚଳର ୧୦୨ ଲୋକସଭା ଆସନ ନିମନ୍ତେ ଅନୁଷ୍ଠିତ ଭୋଟ ଗ୍ରହଣରେ ୬୬.୧୪%, ଏପ୍ରିଲ ୨୬ର ଦ୍ୱିତୀୟ ପର୍ଯ୍ୟାୟରେ ୧୨ ରାଜ୍ୟ ଓ ଗୋଟିଏ କେଂଦ୍ର ଶାସିତ ଅଂଚଳର ମୋଟ ୮୮ ଆସନରେ ୬୬.୭୧% ଓ ଚଳିତ ମଇ ୭ ତାରିଖରେ ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟରେ ୧୦ ରାଜ୍ୟ ଓ ଗୋଟିଏ କେଂଦ୍ରଶାସିତ ଅଂଚଳର ୯୩ଟି ନିର୍ବାଚନ ମଣ୍ଡଳୀର ଭୋଟ ଗ୍ରହଣରେ ମାତ୍ର ୬୪ ପ୍ରତିଶତ ମତହାର ରେକଡ଼ କରାଯାଇଛି । ପ୍ରାରମ୍ଭର ତିନୋଟି ପର୍ଯ୍ୟାୟକୁ ଦେଖିଲେ ପାଖାପାଖି ୩୪ ପ୍ରତିଶତ ମତଦାତା ନିଜ ମତ ସାବ୍ୟସ୍ତ କରିବାକୁ ଗୁରୁତ୍ୱ ଦେଇନଥିବା ସ୍ପଷ୍ଟ ହୋଇଛି ।

୨୦୧୯ ଲୋକସଭା ନିର୍ବାଚନରେ ଦେଶରେ ୬୭.୧୧ ପ୍ରତିଶତ ମତଦାନ ହୋଇଥିବା ବେଳେ ଏହା ସର୍ବକାଳୀନ ମତହାର ରେକର୍ଡ ଥିଲା । ଏହା ପୂର୍ବରୁ ୧୯୫୧ର ପ୍ରଥମ ଲୋକସଭା ନିର୍ବାଚନରେ ୪୫.୬୭ ପ୍ରତିଶତ, ୧୯୫୭ରେ ୪୭.୭୪, ୧୯୬୨ରେ ୫୫.୪୨, ୧୯୬୭ ରେ ୬୧.୩୩, ୧୯୭୭ ରେ ୬୦.୪୯, ୧୯୮୦ରେ ୫୬.୯୨, ୧୯୮୪-୮୫ ରେ ୬୪.୦୧, ୧୯୮୯ ରେ ୬୧.୯୫, ୧୯୯୧-୯୨ ରେ ୫୫.୮୮, ୧୯୯୬ ରେ ୫୭.୯୪, ୧୯୯୮ ରେ ୬୧.୯୭, ୧୯୯୯ ରେ ୫୯.୯୯, ୨୦୦୪ ରେ ୫୭.୯୮, ୨୦୦୯ ରେ ୫୮.୧୯ ଏବଂ ୨୦୧୪ରେ ୬୬.୪୪ ପ୍ରତିଶତ ଲୋକ ମତଦାନ କରିଥିଲେ । ୨୦୧୯ ସାଧାରଣ ନିର୍ବାଚନରେ ରେକଡ଼ ସଂଖ୍ୟକ ମତଦାନ ସତ୍ତ୍ୱେ ୩୨.୮୯% ମତଦାତା ନିର୍ବାଚନରେ ସାମିଲ ହୋଇ ନାହାନ୍ତି । ଦେଖାଯାଉଛି ଯେ, ମତଦାନ ପ୍ରକ୍ରିୟାରେ ଭାଗ ନେଉ ନଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ଶିକ୍ଷିତ ଓ ସ୍ୱଚ୍ଛଳ ବର୍ଗର । ପେଟପାଟଣା ପାଇଁ ଗାଁ ଗହଳିରୁ ଅନ୍ୟତ୍ର ଚାଲି ଯାଇଥିବା ଗରିବଗୁରୁବା ମାନେ ଭୋଟ ସମୟରେ ଗାଁକୁ ଫେରି ଆସୁଥିବା ଦେଖାଯାଏ। କିନ୍ତୁ ଉଚ୍ଚ ଶିକ୍ଷିତ ଓ ଉଚ୍ଚ ବର୍ଗର ସହରି ଲୋକେ ମତଦାନ ଦିନ ଛୁଟି ପାଇ ବାହାରକୁ ବୁଲାବୁଲି କରିବାକୁ ଚାଲିଯାଆନ୍ତି ସିନା ମତଦାନ ପାଇଁ କେଂଦ୍ରକୁ ଯିବା ଉଚିତ ମନେ କରନ୍ତି ନାହିଁ ।

ନିର୍ବାଚନ ଆୟୋଗଙ୍କ ତଥ୍ୟ ଅନୁଯାୟୀ ୨୦୧୯ ନିର୍ବାଚନରେ ୮୯ କୋଟି ୬ ଲକ୍ଷ ମତଦାତା ପଞ୍ଜିକ?ତ ହୋଇଥିବା ବେଳେ ଚଳିତ ୨୦୨୪ ନିର୍ବାଚନ ନିମନ୍ତେ ଦେଶରେ ୯୬ କୋଟି ୮୮ ଲକ୍ଷ ୨୧ ହଜାର ୯୨୬ ଜଣ ମତଦାତାଙ୍କୁ ପଞ୍ଜିକୃତ କରାଯାଇଛି । ସେହିପରି ଆମ ରାଜ୍ୟରେ ଏଥର ୩ କୋଟି ୩୨ ଲକ୍ଷ ମତଦାତା ନିଜ ମତ ସାବ୍ୟସ୍ତ କରିବେ ବୋଲି ଜଣା ପଡ଼ିଛି । ବଡ଼କଥା ହେଲା ଚଳିତ ଥର ପାଇଁ ୪ ଲକ୍ଷ ୭୦ ହଜାର ନୂଆଁ ମତଦାତା ଓଡ଼ିଶାର ମତଦାତା ତାଲିକାରେ ଯୋଡ଼ି ହୋଇଛନ୍ତି । ନୂଆଁ ମତଦାତାଙ୍କ ଉତ୍ସାହ ମତଦାନ ହାରକୁ ବୃଦ୍ଧି କରିବ ବୋଲି ଆଶା କରାଯାଇପାରେ ।

ଶେଷରେ ପିଲାଦିନରୁ ଶୁଣି ଆସୁଥିବା ସେହି ପୁରୁଣା କଥାଟିଏ ଯେ, ଦେଶ ଠୁଁ ଆମେ କ'ଣ ପାଇଛୁ ଯେତିକି ବଡ଼ କଥା ନୁହେଁ ତା'ଠାରୁ ଖୁବ ଗୁରୁତ୍ୱପୂର୍ଣ୍ଣ ଆମେ ଦେଶକୁ କ'ଣ ଦେଇଛୁ! ଏହି ପରିପ୍ରେକ୍ଷିରେ ଦେଶ ମାତୃକାର ଜଣେ ସାଧାରଣ ଅଥଚ ନିରପେକ୍ଷ ମତଦାତା ଭାବରେ ଚଳିତ ନିର୍ବାଚନର ଆଗାମୀ ପର୍ଯ୍ୟାୟରେ ଅପେକ୍ଷାରତ ବୁଥ ଆଡ଼କୁ ମୁହାଁଇବା । ଯେଉଁଠି ମତ ସାବ୍ୟସ୍ତ କରି ନିଜକୁ ନିଜେ ଆଶ୍ୱସ୍ତ ଅନୁଭବ କରିବା । କାରଣ କିଏ ଜାଣେ ଆମର ଗୋଟିଏ ଭୋଟ ଯେ ଦେଶ ପାଇଁ ଶ୍ରେୟସ୍କର ନ ହେବ !


ସିନାପାଲି, ନୂଆପଡ଼ା
ମୋ:୯୭୭୭୭୫୩୯୩୫


## ମୋନା'ର ବର୍ଷ ବର୍ଷର ପରିଶ୍ରମ ଆଜି କିଛି ପରିମାଣରେ ସଫଳ ହୋଇଛି କୋର୍ଟର ରାୟ ମାଧ୍ୟମରେ



**ସୁବ୍ରତ କର**

ଶହ ଶହ ମୋନାର ସଭ୍ୟ ସଭ୍ୟାମାନେ ଆଜି ବହୁତ ଖୁସି । ଏତେ ଦିନ ପରେ ବହୁ ପରିଶ୍ରମର ଫଳ ମିଳିଲା। ଆହୁରି ଏକ ଖୁସି ଖବର ଗତ ଗୁରୁବାର ଭୁବନେଶ୍ୱରର ଏ.ଡି.ଜେ କୋର୍ଟ ୩ଜଣ ନିଶା ବେପାରୀ (ଧଳା ଜହର)ଙ୍କୁ ୨୦ବର୍ଷ ପାଇଁ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି ଏବଂ ଏହାଛଡ଼ା ପ୍ରତ୍ୟେକଙ୍କଠାରୁ ଏକ ଲକ୍ଷ ଟଙ୍କା ଲେଖାଏଁ ଜୋରିମାନା ଆଦାୟ କରିବା ପାଇଁ ଜଜ୍ ରାୟ ଦେଇଛନ୍ତି । ଏ ପର୍ଯ୍ୟନ୍ତ କେବେହେଲେ ନିଶା କାରବାରରେ ଲିପ୍ତ ଥିବା ଦୋଷୀମାନଙ୍କୁ ଏତେବର୍ଷ ଧରି କାରାଦଣ୍ଡରେ ଦଣ୍ଡିତ କରା ହୋଇ ନଥିଲା। ନିଶ୍ଚିତ ଭାବରେ ଏହି ଦଣ୍ଡାଦେଶର ପ୍ରଭାବ ନିଶା କାରବାରରେ ଲିପ୍ତ ଥିବା ବ୍ୟବସାୟୀମାନଙ୍କ ଯଥେଷ୍ଟ ପ୍ରଭାବ ପକାଇବ । ପୂର୍ବରୁ ଯେତେ ଦଣ୍ଡାଦେଶ ଆସୁଥିଲା କିଛିମାସ ପାଇଁ ବା ବର୍ଷେ, ଦୁଇବର୍ଷ ପାଇଁ । ଛଡ଼ା ପାଇବା ପରେ ବା ଜେଲରେ ଆସିବା ପରେ ପୁଣି ନିଶା କାରବାରରେ ଜଡ଼ିତ ହେଉଥିଲେ। ଯେଉଁମାନେ ଦଣ୍ଡିତ ହେଲେ ସେମାନେ ୭କୋଟି ଟଙ୍କାର ଜହର କାରବାର ସହିତ ଜଡ଼ିତ ଥିଲେ ଏବଂ ସବୁଠୁ ବଡ଼ କଥା ହେଲା ସେମାନେ ସମସ୍ତେ ବାଲେଶ୍ୱରରେ ରହୁଥିବା ଲୋକ । ବାଲେଶ୍ୱର ବାସୀ ଏହାପାଇଁ ନିଶ୍ଚିତ ଭାବରେ ଲଜ୍ଜିତ । ଆହୁରି ବଡ଼ କଥା ହେଲା ଏହି ବିଚାରର ଦଣ୍ଡାଦେଶ ୩ବର୍ଷ ମଧ୍ୟରେ ଶେଷ ହୋଇଛି । ଏହି ତିନିଜଣ ଗୋଟାଏ ବଲେରୋ ଗାଡ଼ିରେ ବାଲେଶ୍ୱର ଠାରୁ ବାହାରି ଭୁବନେଶ୍ୱର ଯିବା ସମୟରେ ଗୁଇନ୍ଦା ସୂଚନା ଆଧାରରେ ଏସ୍.ଟି.ଏଫ୍ ରସୁଲଗଡ଼ରୁ ପିଛା କରି ପଟିଆର ଶିଖରଚଣ୍ଡି ଅଞ୍ଚଳରୁ ମାଫିଆମାନଙ୍କୁ ଧରବାରେ ସଫଳ ହୋଇଥିଲା । ଏହି ୭କୋଟି ଟଙ୍କାର ବ୍ରାଉନସୁଗାର ପଶ୍ଚିମବଙ୍ଗର ମୁର୍ଶିଦାବାଦରୁ ଆସି ବାଲେଶ୍ୱର ଦେଇ ଭୁବନେଶ୍ୱରକୁ ଯାଉଥିଲା । ଯାଞ୍ଚବେଳେ ଏସ୍.ଟି.ଏଫ୍ ଟିମ୍ ଗାଡ଼ିରୁ ପ୍ରାୟ ୪ କେଜି ୪୫୮ ଗ୍ରାମ ବ୍ରାଉନ ସୁଗାର ପାଇଥିଲେ । ଏହି ପରିମାଣର ବ୍ରାଉନ ସୁଗାର ଯଦି ଯୁବପିଢ଼ି ମଧ୍ୟରେ ବିକ୍ରି ମଣ୍ଡା ହୋଇଥାଆନ୍ତା ଅବସ୍ଥା କେଉଁ ଆଡ଼କୁ ଗତି କରିଥାଆନ୍ତା । ଏହି ଐତିହାସିକ ଦଣ୍ଡ ପରେ ନିଶ୍ଚିତ ଭାବରେ ନିଶା ମାଫିଆଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଥିବ । ଏହି ଦଣ୍ଡ ଜଣେ ଜଣକୁ ମର୍ଡର କରିଲେ ମିଳେ ଜର୍ଜ ମାଡାମ ନିଶ୍ଚିତ ଭାବରେ ଶହ ଶହ ଯୁବକ, ଯୁବତୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଦଣ୍ଡ ବିଧାନ କରିଥିବେ । ଏହା ଲୋକଙ୍କୁ ମର୍ଡର କରିବାଠୁ ମଧ୍ୟ ବଡ଼ ଦଣ୍ଡ। ଏହି ଦଣ୍ଡ ମଧ୍ୟ ଠିକ୍ ସମୟରେ ଆସିଛି କାରଣ ଆମ ରାଜ୍ୟରେ ସାଧାରଣ ନିର୍ବାଚନ ଆରମ୍ଭ ହୋଇଗଲାଣି । ଆପଣମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଗତ ଏପ୍ରିଲ ମାସରେ ରାଜ୍ୟର ବିଭିନ୍ନ ବିଭାଗ ତରଫରୁ ଧରପଗଡ଼ କରି ପ୍ରାୟ ୫୨୩୨ ମଦ ମାଫିଆଙ୍କୁ ଗିରଫ କରାହୋଇଛି ଏବଂ ପ୍ରାୟ ୬୬୧୯ଟି ମାମଲା ବିଭିନ୍ନ କୋର୍ଟରେ ରୁଜୁ କରାହୋଇଛି । ଏହାଛଡ଼ା ଶହ ଶହ ଗାଡ଼ି ଏବଂ ମୋଟର ସାଇକେଲକୁ ମଧ ପୁଲିସର ହେପାଜତକୁ ଅଣାହୋଇଛି ।

ଏହି ସବୁକୁ ଆଖି ଆଗରେ ରଖି 'ମନା' ତରଫରୁ ଏପ୍ରିଲ ମାସରେ ଏକ ଚିଠି ରାଜ୍ୟ ଇଲେକ୍ସନ କମିଶନରଙ୍କୁ ଲେଖା ହୋଇ ଅନୁରୋଧ କରା ହୋଇଥିଲା ଯେ ଏହି ନିର୍ବାଚନ ସମୟରେ ବାଲେଶ୍ୱର ଜିଲ୍ଲାକୁ ବିଶେଷ ଦୃଷ୍ଟିରେ ରଖିବା ପାଇଁ ଯେ ଗଞ୍ଜେଇ ଛଡ଼ା ସବୁ ପ୍ରକାରର ନିଶା ଦ୍ରବ୍ୟ ପଡ଼ୋଶି ରାଜ୍ୟରୁ ଆସି ବାଲେଶ୍ୱର ଦେଇ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠା ହୋଇଥାଏ । ଆପଣମାନେ ଆଶ୍ଚର୍ଯ୍ୟ ହେବେ ଏହି ଚିଠିର ଉତ୍ତର ଦୁଇଦିନ ତଳେ 'ମନା'ର ହସ୍ତଗତ ହୋଇଛି ଏବଂ ଆମର ଅନୁରୋଧ ରକ୍ଷା କରି ଇଲେକ୍ସନ କମିଶନର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପଠେଇଦେଇ ବାଲେଶ୍ୱର ପ୍ରତି ବିଶେଷ ଦୃଷ୍ଟି ରଖିବା ପାଇଁ କହିଛନ୍ତି । ନିଶ୍ଚିତ ଭାବରେ 'ମୋନା' ପାଇଁ ଏକ ଗର୍ବର ବିଷୟ ଏବଂ ଭଲ ଖବର ମଧ । କିନ୍ତୁ ଏ କଥା ବି ଠିକ୍ ଯେତେ ପର୍ଯ୍ୟନ୍ତ ସରକାର ଏବଂ ଶହ ଶଡ ମୋନା ଭଳି ସଂସ୍ଥା ଗଢ଼ି ଉଠିବ ନିଶାକୁ ରୋକିବା କଷ୍ଟକର ଏବଂ ଭବିଷ୍ୟତ ଯୁବପିଢ଼ିକୁ ବଦଳାଇବା ମଧ କଷ୍ଟକର ବ୍ୟାପାର ହେବ ।

### ନିର୍ବାଚନ
**ଦିନେଶ ମେହେର**

ଆରମ୍ଭ ହେଇ ଗଲା
ରାଜନୀତି ବଜାରରେ ଗହଳ
ଚହଳ !
ସବୁଠି ଚର୍ଚ୍ଚା ଚରିତ୍ରର,
ସୌଦାଗରର ଗୁପ୍ତ ଧନ
ଏବେ ଭାଙ୍ଗିବାକୁ ହେବ
କାଳେ ହାତରୁ ଫିଶିଳି ଯିବ ଯେ
ଜିଆ ମାଛ,
ଏବେ ଗଲେ ଆଉ ଗଲା ପାଞ୍ଚବର୍ଷ,
କିଏ ଅପେକ୍ଷା କରିବ ସେଯାଏଁ !
ଏଇ ଏବେ ଏବେ ସଉଦା ଆରମ୍ଭ
ହେଲାଣି
ଜନତା ଜନାର୍ଦ୍ଦନ ହାତକୁ
ବଢ଼େଇ ଦେଇ ପାଞ୍ଚଶହ ଟଙ୍କିଆ
ନୋଟ୍ !
ପ୍ରତିବଦଳରେ ଗୋଟେ ଭୋଟ୍‌ର
କାମନା,
ପୁଣି
କେଇ କେଇ
ଆରମ୍ଭ କରିଦେଲେଣି
ଏଫ୍ ଏଲ୍ ସପ୍‌ରୁ ଦେଶୀ ମଦଭାଟି
ଯାଏଁ
ଲମ୍ବା ଲାଇନ୍,
ଆଗକୁ ପରା ନିର୍ବାଚନ ଆସୁଛି
ଦେଶର ସର୍ବୋଚ୍ଚ ପର୍ବ !
ଏବେ
ମଦ ମାଂସ ରେ ଝୁମିବ ଦେଶ,
ରାଜ୍ୟ, ଗାଁ



ଝୁମେଇବେ ନେତା, ମନ୍ତ୍ରୀ, ଯନ୍ତ୍ରୀ
ଗଣତନ୍ତ୍ରର ଦେଶରେ ଗଣ ସାମ୍ନାରେ
ମୁଠା ମୁଠା କାମନାର ସ୍ୱପ୍ନ ଦେଖେଇ
ଯେମିତି ହେଲେ ଆଦାୟ କରିବେ
ଭୋଟ୍
ତେବେ ଯାଇ
ବଙ୍ଗଳା, କୋଠା ଅବା ଟୋୟୋଟା
ଫର୍ଚୁନର୍ ର ସ୍ୱପ୍ନ
ହାତକୁ ଆସିବ,
ପୁଣି
ଦେଶର ଶାସନ ଭାର !
ହଉ,
ଚାଲ ଦେଖିବା
ଆଗକୁ କାହା ନାରେ ଇନକମ୍ ଟେକ୍ସ
ରେଡ୍,
କାହା ଭାଗ୍ୟରେ ଚିଟଫଣ୍ଡ ଘୋଟାଲା
ଲେଖା ଅଛି,
ସେତେବେଳେ କାହାକୁ ନ କହି
ଦୁଇ ବିରାଡ଼ି ପିଠା ହରେଇଲା ଭଳି
ଜଳ ଜଳ କରି ଚାହିଁ ରହିଥିବା
ମାଙ୍କଡ଼ ମୁହଁକୁ !


ଜୁନାଗଡ଼, କଳାହାଣ୍ଡି

# ମନ୍ଦିର ବାହାର ଠାକୁର




ସନ୍ତୋଷ କୁମାର ମହାନ୍ତି




ସ୍ୱାମୀ ଆରପାରିକୁ ଗଲା ପରେ ନିହାରିକା ଦେବୀ ପୁରା ଏକେଲା । ଭୁବନେଶ୍ୱରର ବଡ ବଙ୍ଗଳାଟାରେ ସେ ଏକାକୀ ଜୀବନ ବିତାଉଛନ୍ତି । ଗୋଟିଏ ବୋଲି ପୁଅ । ସେ ଜର୍ମାନୀରେ ରହୁଛି । ବର୍ଷକୁ ଦୁଇ ଥର ସେ ପରିବାର ସହ ଆସେ। ଯେଉଁ କେତେଦିନ ରହେ ଘର ଗହଳି ଚହଳି ଲାଗେ । ସେମାନେ ଗଲେ ଚାରିଆଡେ ଖାଁଖାଁ ଲାଗେ ।

ଚାକରାଣୀଟେ ଆସେ ସେ ସକାଳୁ ସଞ୍ଜ ଘର କାମ ଓ ରୋଷେଇ କରିକି ଯାଏ । ସନା ବୋଲି ପିଲାଟା ଆସେ । ବାହାର କାମ କରିଦିଏ । ସଉଦା , ପରିବା ଓ ଔଷଧ ଆଣିବା ତା କାମ । ସନା ପଇସା ପତ୍ରରେ ଏପଟସେପଟ କରେ ବୋଲି ନିହାରିକା ଦେବୀ ଜାଣିପାରନ୍ତି । କିନ୍ତୁ କିଛି କୁହନ୍ତି ନାହିଁ। କାରଣ ସନା ନ ଥିଲେ ସେ ବଞ୍ଚିବା ଅସମ୍ଭବ ହୋଇପଡିବ । ତାଙ୍କର କଣ ଆଉ ବଳ ଅଛି । ସ୍ୱାମୀ ଗଲାପରେ ତାଙ୍କୁ ରୋଗ ସବୁ ମାଡି ବସୁଛି । ଆଗଭଳି ସେ ଆଉ ଚଳଚଞ୍ଚଳ ରହି ପାରୁନାହାନ୍ତି । ସନାଟା ଆସୁଛି ବୋଲି ସେ ମେଡିକାଲ ନେଇଯାଉଛି । ଔଷଧ ପତ୍ର ଖଞ୍ଜି ଦେଉଛି । ଫୋନ କଲେ ଆସି ପହଂଚିଯାଉଛି ।

ପଇସା ପଛେ ସନା ଖାଉ। କିନ୍ତୁ ସେ ବିଗିଡି ଗଲେ ଆଉ ତା ଭଳି ଲୋକଟି ମିଳିବା ଭୁବନେଶ୍ୱରରେ କଷ୍ଟ ହୋଇପଡିବ।

କଲିଙ୍ଗ ବେଲ ଶବ୍ଦରେ ନିହାରିକା ଦେବୀ କବାଟ ଖୋଲିଲେ । ସନା ଆସିଛି।

-ବାବୁଆଣୀ ଆଜି କିଛି ଆସିବାର ଅଛି କି ?

ଆଜି ଟିକେ ହାଟକୁ ଯାଇ ଗାଜର , ପାଳଙ୍ଗ, ବିନ, ସାରୁ ଓ କଖାରୁ ନେଇ ଆସିବୁ । ସଉଦା ଦୋକାନରୁ ବେସନ , ଚୁଡା ଓ ଚିନି ନେଇକି ଆସିବୁ । ନିହାରିକା ଦେବୀ ସନା ହାତକୁ ପାଞ୍ଚଶହ ଟଙ୍କା ବଢ଼ାଇ ଦେଲେ । ସନା ବ୍ୟାଗ ଧରି ବାହାରିଲା ବେଳକୁ ନିହାରିକା ଦେବୀ ତାକୁ ପଛରୁ ଡାକିଲେ।

-ସନା ମୁଁ ତ ମନ୍ଦିର ଯାଇପାରୁନି । ଶାଶୁ ଘର ଗାଁର ଧୁସା ପାଇଁ ମୁଁ ଦୀପଟିଏ ଜାଳିବାକୁ ମାନସିକ କରିଥିଲି । ଦୀପଟେ କିଣି ମନ୍ଦିରରେ ଟିକେ ଲଗେଇକି ଆସିବୁ ।

ଧୁସା ଗାଁ ଜମିବାଡ଼ି ଦେଖେ । ବର୍ଷରେ ଯାହା ଅମଳ ହୁଏ ବିକିକି ଟଙ୍କା ପଠାଏ । ବର୍ଷକୁ ଥରେ ଦୁଇଥର ଅରୁଆ ଚାଉଳ, ମୁଗ , ବାଦାମ ଓ ଆମ୍ବ ଧରି ଭୁବନେଶ୍ୱର ଆସେ । ନିହାରିକା ଦେବୀ ତା ପିଲାଛୁଆଙ୍କ ପାଇଁ ଲୁଗାପଟା ଓ ଖାଇବା ଜିନିଷ ପଠାନ୍ତି । ଧୁସା ଆସିଲେ ଘରଟା ଭାରି ପୁରିଲା ପୁରିଲା ଲାଗେ । ଶାଶୁ ଘର ଗାଁର ସବୁ ଭଲମନ୍ଦ ଖବର ଧୁସା ଆସିଲେ କହେ । ବାବୁଆଣି ତାକୁ ଗୋଟେ ମୋବାଇଲ ଦେଇଛନ୍ତି । କିନ୍ତୁ କଥା ହେବାକୁ ସେ ବେଳ ପାଏନି । ତାର କାମ ଭଲ ତ ସେ ଭଲ ।

ଧୁଶାର ଦେହ ଖରାପ ଥିଲା । ତା ସ୍ତ୍ରୀ ଫୋନ କରି ଜଣାଇଥିଲା । ତେଣୁ ନିହାରିକା ଦେବୀ ମା'ଙ୍କ ପାଖରେ ଦୀପଟିଏ ଜାଳିବାକୁ ମନାସି ଥିଲେ । ସନାକୁ ସେ ଅଲଗା ଦଶ ଟଙ୍କା ଦେଲେ । ମନ୍ଦିରରେ ଦୀପଟିଏ ଜାଳିକି ଆସିବାକୁ କହିଲେ।

ସନା ବଜାର ଗଲା । ସଉଦା ଓ ପରିବା କିଣିଲା । ମନ୍ଦିର ପାଖରେ ଅଟକି ମୁଣ୍ଡିଆଟାଏ ମାରିଲା । ଦଶ ଟଙ୍କାଟି ମନ୍ଦିର ଆଗରେ ବସି ଭିକ ମାଗୁଥିବା ବୁଢାକୁ ଦେଲା । ବୁଢା ହାତ ଟେକି ସନାକୁ ଆଶିଷ ଦେଲା । ପୋଡା ମୋବିଲର ଘିଅରେ ଦୀପ ଜାଳିଥିଲେ କଣ ଠାକୁର ଖୁସି ହୋଇଥାନ୍ତେ । ସେ ମଣିଷରୂପୀ ଜୀବନ୍ତ ଠାକୁରଙ୍କ ସେବା କଲା । ଧୁସା ପାଇଁ ତ ଶୁଭ ମନାସିଲା । ତା ଠାରୁ ବଡ କଥା ଆଉ କଣ ଅଛି ?

ସନା ପାଟିରେ ପାନ ଜାକି ଘରକୁ ଫେରିଲା।


+ନବଜୀବନ ସମାଜ , ସଫା,
କଟକ - ୭୫୪୦୨୨
ମୋ: ୯୭୭୭୭୬୬୩୪୬


# ସନ୍ଧ୍ୟା ବିଧବା ହେଇଗଲା...




ମନୋଜ କୁମାର ବେହେରା




ସନ୍ଧ୍ୟାକୁ ଜୀବନରେ ଯେଉଁ ଖୁସି ମିଳିଥିଲା, ତାହା ଆଜି ତା' ହାତରୁ ଚାଲିଗଲା। ଏବେ ସେ ପୁରା ଭାଙ୍ଗି ପଡିଛି। ତା' ଚେହେରାରେ ଏବେ ଆଉ ଖୁସି ନାହିଁ । ଏବେ ସେ ନା' ହସୁଛି ନା' କିଛି କହୁଛି । ଦୁଃଖର ପାହଡ ତା' ଉପରେ ପଡିଯାଇଛି । ସେ ଏବେ ସିନ୍ଦୁର ଆଉ ତା' ମଥାରେ ଲଗେଇ ପାରିବନି। ନୂଆ ନୂଆ ଶାଢୀ ଆଉ ଏବେ ପିନ୍ଧି ପାରିବନି କି ଦାମୀ ଲିପିଷ୍ଟିକ ଆଉ କିଣିବାକୁ ପଡିବନି ତାକୁ । ଏବେ ତାକୁ ଶୃଙ୍ଗାରର ଦୋକାନକୁ ଆଉ ଯିବାକୁ ପଡିବ ନାହିଁ । ନୂଆ ନୂଆ ବାହାଘର ହୋଇଥିଲା ତା'ର । ସେ ବହୁତ ଖୁସିରେ ଥିଲା। ଗୋଟିଏ ଛୁଆର ଲାଳସା ଥିଲା। ଘରର ଅଗଣାରେ ଖୁସିରେ

ଖେଳିଥାନ୍ତା ଛୁଆଟା । ଗୀତ ଗାଇଥାନ୍ତା, ବୁଲିଥାନ୍ତା । ତା'ର ଜନ୍ମ ଦିନରେ ତା' ଘର ଫୁଲରେ ସଜା ହୋଇଥାନ୍ତା ଆଉ ଲୋକମାନଙ୍କୁ ଭୋଜି କରି ଡାକିଥାନ୍ତା । କିନ୍ତୁ ଭଗବାନଙ୍କୁ ଏହା ପସନ୍ଦ ନଥିଲା । ଗୋଟିଏ ସଡକ ଦୁର୍ଘଟଣାରେ ତା'ର ସ୍ୱାମୀର ମୃତ୍ୟୁ ହୋଇଗଲା । ସବୁ ଶେଷ ହୋଇଗଲା କ୍ଷଣିକରେ। ଗୋଟିଏ ବର୍ଷ ପରେ ସେ ବିଧବା ହେଇଗଲା । କେବଳ ଏହି କଥାରେ ସନ୍ତୋଷ ଥିଲା ତା' ଗର୍ଭରେ ତିନିମାସର ଶିଶୁଟିଏ ବଢୁଥିଲା । ସ୍ୱାମୀର ମୃତ୍ୟୁରେ ସେ ବହୁତ କାନ୍ଦିଥିଲା । ସ୍ୱାମୀର ମୃତ୍ୟୁପରେ ସେ ବହୁତ ଦିନ ହେଲା ଚେତା ହରେଇବା ଅବସ୍ଥାରେ ଥିଲା । ଆଉ ସନ୍ଧ୍ୟା ବହୁତ ଦୁର୍ବଳ ହୋଇ ଯାଇଥିଲା । କରୁଣ ରୋଦନରେ ତା'ର ପୁରା ଶରୀର ଦୁର୍ବଳ ହୋଇ ଯଇଥିଲା । ଏହି କାରଣରୁ ତା' ଗର୍ଭ ଉପରେ ଫରକ ପଡିଲା । ଯାହାର କାରଣରୁ ଗର୍ଭରେ ବଢୁଥିବା ତିନିମାସର ଭ୍ରୁଣ ମଧ ଖରାପ ହୋଇଗଲା । ସନ୍ଧ୍ୟାକୁ ଗର୍ଭପାତ କରେଇବାକୁ ପଡିଲା । ଯେଉଁ ଗୋଟିଏ ଆଶା ଜୀବନରେ ଥିଲା ତାହା ମଧ ଶେଷ ହୋଇଗଲା । ଆପଣ ବୁଝି ପାରୁଥିବେ କି ସେହି ସନ୍ଧ୍ୟା ଉପରେ କ'ଣ ବିତୁଥିବ । ତାକୁ କିଛି ଭଲ ଲାଗୁ ନଥିଲା ଏବଂ ଯାହା କିଛି ଖାଇବା ପାଇଁ ଚେଷ୍ଟା କରୁଥିଲା ତାହା ମଧ ପେଟ ଭିତରକୁ ଯାଉ ନଥିଲା । ଦୟନୀୟ ପରିସ୍ଥିତିର ସମୟ ଥିଲା ସନ୍ଧ୍ୟାର । ସବୁଲୋକ ତାକୁ ସାହସ ଦେଉଥିଲେ। ସାଇ ପଡିଶା, ବନ୍ଧୁ ବାନ୍ଧବମାନେ ଆସିଲେ ତାକୁ ବହୁତ ବୁଝେଇଲେ ହେଲେ ସନ୍ଧ୍ୟା ସେମିତି ନୀରବ ଥିଲା । ମନର ବେଦନା, ବିବଶତା ଏବଂ ନିରୁପାୟ ହୋଇକରି ଏବେ ସେ ଦିନ କାଟୁଛି।


ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ମୋ: ୭୯୭୮୮୩୦୬୧୧



ପଦ୍ମାଳୟା ସାମଲ




# ଟିକି ବରମୂଳ


ନାରଣ ଅନେକ ବେଳୁ ବରଗଛ ପିଣ୍ଡିରେ ଅଧିଆ ପଡିଛି । ବାହାରର କୋଳାହଳ ତାକୁ କିଛି ଶୁଭୁନାହିଁ । ଗଲାଦିନର ଘଟଣା ତା ମୁଣ୍ଡକୁ ତ ଗରମ କରିଥିଲା, ପୁଣି ରାତିର ଘଟଣା ତାକୁ ବିବ୍ରତ କରି ପକାଇଲା । ଅନ୍ୟ ଉପାୟ କିଛି ନ ପାଇ ବରଗଛକୁ ଧରି ସେମିତି ପଡ଼ି ରହିଛି ଯେମିତି ତା ପିଣ୍ଡରେ ଆଉ ପ୍ରାଣ ନାହିଁ । ରୁଣ୍ଡ ହୋଇଥିବା ଆଖପାଖ ଗାଁର ଲୋକମାନେ ଧୀରେ ଧୀରେ ଖସିବାକୁ ଲାଗିଲେ ।

ପଲେଇ ଗାଁର ନାରଣ ନାଆକ ସାଇକେଲ ଦୋକାନ ଦେଇଥିଲା କେନାଲ ଛକରେ । ସେଇଥିରେ ସେ ପାଞ୍ଚ ପ୍ରାଣୀ କୁଟୁମ୍ବ ପୋଷେ । ଜମି ବାଡ଼ି ସେମିତି କିଛି ନଥିଲା । ତଥାପି କଷ୍ଟେ ମଷ୍ଟେ ବର୍ଷକ ପାଇଯାଏ । ଦିନେ ଦଳେ ମଦୁଆ ସାଇକେଲ ସଜାଡ଼ିବା ପାଇଁ ତା ଦୋକାନରେ ପହଞ୍ଚିଲେ । ସଜାଡି ସାରିବା ପରେ ଟଙ୍କାଟିଏ ଦେଲେନାହିଁ । ନାରଣ ନାଆକ ପ୍ରତିବାଦ କରିବାରୁ ତା ଦୋକାନକୁ ବାଡେଇ ଭାଙ୍ଗିଦେଲେ । ଧମକ ଦେଇ ଗଲେ ଦୋକାନ ଚାଲୁ କଲେ ଜୀବନରେ ମାରିଦେବାକୁ । ବଡ଼ ଚିନ୍ତାରେ ପଡ଼ିଲା ସେ । କେନାଲ ତଳକୁ ଖସିଯାଇ ପାଖରେ ଥିବା ଟିକି ବରମୂଳେ ସେ ଘୁମେଇ ପଡିଲା । ନିଦ ଭାଙ୍ଗିଲା ପରେ ଯାହା ଦେଖିଲା ସେ ନିଜ ଆଖିକୁ ବିଶ୍ୱାସ କଲାନି । ତା ମୁଣ୍ଡ ଉପରେ ଫଣା ଟେକିଥିଲା ଏକ ନାଗ ସାପ । ସେ ଆଖି ଖୋଲି ଚାହିଁବାରୁ ସାପଟି ଗଛ କୋରଡ଼କୁ ଚାଲିଗଲା ।

ସେଦିନ ମନ ଦୁଃଖରେ ଘରକୁ ଫେରିଲା ନାରଣ ନାଆକ । ଘଟିଥିବା ଘଟଣା ଘରେ କହି ମୁଣ୍ଡରେ ହାତ ଦେଇ ବସି ରହିଲା । ପରିବାର ପୋଷିବା ଚିନ୍ତା ଘାରିଲା ତାକୁ । ସେଦିନ ରାତିରେ ଶୋଇବା ପରେ ସେ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲା । ଭୋଳାନାଥ ଶିବ ତାକୁ ସ୍ୱପ୍ନରେ କହିଲେ, 'ମୁଁ ସେହି ଟିକି ବରମୂଳେ ଅଛି । ତୁ ମୋରି ଆଶ୍ରୟ ନେ, ତୋ ପେଟ ଅପୋଷା ରହିବ ନାହିଁ । 'ଏତିକିବେଳେ ତାର ନିଦ ଭାଙ୍ଗିଗଲା । ରାତି ଘଡିଏ ଆହୁରି ବାକି ଅଛି । ତା ଆଖିରୁ ନିଦ ଉଭାନ ହୋଇଗଲା । କେମିତି ରାତି ପାହିବ ଆଉ ସେ ଗଛ ମୂଳକୁ ଯିବ।

ମୁହଁ ଅନ୍ଧାର ବେଳୁ ନିତ୍ୟକର୍ମ ସାରି ଗଡୁରେ କଞ୍ଚା କ୍ଷୀର, ବେଲ ପତ୍ର, ଦୀପ, ଧୂପ,ଫୁଲ ଧରି ନାରଣ ବାହାରିଗଲା ଟିକି ବରମୂଳ ଅଭିମୁଖେ । ବରଗଛ ସେଇଠି ଜଟାଜୁଟ ହୋଇ ବସିଛି ଧ୍ୟାନମଗ୍ନ ଯୋଗୀପରି । ଆଜାନୁଲମ୍ବିତ ଦାଢ଼ି । ଛୋଟ ଛୋଟ ବଇଁଚ ଆଉ କାଳିଆଣି ବୁଦା ଗୁଡିକ ବାଧ ଶିଷ୍ୟପରି ତାଙ୍କର ଦୁଇକଡେ ବସିଛନ୍ତି । ସେଇଠି ଆଣ୍ଠୁମାଡି ବସି ପଡିଲା ନାରଣ । କେନାଲରୁ ପାଣି ଢାଳେ ଆଣି ଗଛ ମୂଳ ସଫା କଲା । ସେଇଠି ସିନ୍ଦୂର, ଫୁଲ, ଦୀପ, ଧୂପ ଦେଇ ଗିନାରେ କଞ୍ଚା କ୍ଷୀର ଥୋଇଦେଲା । ଆଖି ବନ୍ଦ କରି ଭୋଳା ବାବାଙ୍କର ଶରଣ ପଶିଲା । କିଛି ସମୟ ଧ୍ୟାନରେ ବସି ଆଖି ଖୋଲିଲା ବେଳକୁ ଦେଖିଲା ପୂର୍ବ ଦିନ ଦେଖିଥିବା ନାଗ ସାପଟି କ୍ଷୀର ପିଉଚି । କିଛି ସମୟ ପରେ ସେ ଚାଲିଗଲା ଗଛ କୋରଡ଼କୁ । ପୁଣି ଆଖି ବନ୍ଦ କରି କିଛି ସମୟ ଧ୍ୟାନ ମୁଦ୍ରାରେ ବସିରହିଲା ନାରଣ ନାଆକ ।

ବଡି ଭୋରରୁ କେନାଲ କୂଳକୁ ପୋଖରୀପାଣି ଯାଇଥିବା କିଛି ଲୋକ ଦେଖିଲେ ନାରଣ ନାଆକ ମୁଣ୍ଡ ଉପରେ ଫଣା ଟେକିଛି ଏକ ବିରାଟ ନାଗ ସାପ । ଏ ଖବର ବଣରେ ନିଆଁ ଲାଗିଲା ପରି ପ୍ରଚାର ହୋଇଗଲା ଆଖପାଖ ଗାଁମାନଙ୍କରେ । ଆଖି ଖୋଲିଲା ବେଳକୁ ନାରଣ ଦେଖିଲା ତାକୁ ଚାହିଁ ରହିଛନ୍ତି ଶହ ଶହ ଲୋକ। ସମସ୍ତଙ୍କୁ ଚାହିଁ ସେ ଆଶ୍ଚର୍ଯ୍ୟ ପ୍ରକଟ କଲା । ସମବେତ ସ୍ୱରରେ ସମସ୍ତେ କହି ଉଠିଲେ, 'ତୁମକୁ ଦୈବୀ ଶକ୍ତି ପ୍ରାପ୍ତ ହୋଇଛି। 'କୋଳାହଳ ଦେଖି ନାରଣ ମୁଣ୍ଡ ଉପରେ ଫଣା ଟେକିଥିବା ନାଗ ସାପଟି ଧୀରେ ଧୀରେ ପାଖରେ ଥିବା ହୁଙ୍କା ଆଡକୁ ଚାଲିଗଲା । ତା ପରେ ଜଣ ଜଣ କରି ସମସ୍ତେ ଆସି ନାରଣର ପାଦ ସ୍ପର୍ଶ କଲେ । ଘଟଣା କଣ ଜାଣିଲା ବେଳକୁ ଗାଁ ଗାଁ ପ୍ରଚାର ହୋଇଗଲା ନାରଣ ନାଆକ ଟିକି ବରମୂଳେ ହୁକୁମ ଦେଉଛି । ଯାହାର ଯାହା ସମସ୍ୟା ଅଛି ବରମୂଳକୁ ଆସି ନାରଣ ନାଆକର ଆଶ୍ରିତ ହୁଅ।



ପର ଦିନ ପାହାନ୍ତା ପହରରେ ନାରଣର ନିଦ ଭାଙ୍ଗିବା ବେଳକୁ ପକ୍ଷୀମାନଙ୍କର କିଚିରିମିଚିରି ଶବ୍ଦ ଆସି କାନରେ ବାଜିଲା । ଆଉ କିଛି ସମୟ ଶୋଇରହିବା ପାଇଁ ଇଚ୍ଛା ହେଉଥିଲେ ବି ଉଠି ଆସିଲା ସେ । ନିତ୍ୟକର୍ମ ସାରି ବାହାରି ପଡିଲା ଟିକି ବରମୂଳକୁ । ପୂଜା ସାରି କିଛି ସମୟ ଧ୍ୟାନରେ ବସି ଉଠିଲା ବେଳକୁ ଦେଖିଲା କିଛି ଲୋକ ନିଜର ସମସ୍ୟା ନେଇ ତା ପାଖକୁ ଆସିଛନ୍ତି । କାହା ଝିଅର ବାହା ବୟସ ଗଡି ଗଲାଣି ବାହାଘର ହୋଇପାରୁନାହିଁ, କାହାର ପେଟକୁ ମାରୁଛି, କାହାର ଅଠର ବର୍ଷର ପୁଅ ପାଖ ଗାଁର ବୟସ୍କ ଝିଅର ପ୍ରେମରେ ପଡିଛି, କାହାର ବିବାହର ବାର ବର୍ଷ ପରେ ବି ପିଲା ନାହିଁ, କାହା ପିଲାର ସାତ ବର୍ଷ ପରେ ବି ପାଟି ଖୋଲୁନାହିଁ, କାହାର ପୁଅକୁ ବତିଶି ବର୍ଷ ପୁରିଲା ପରେ ବି ଚାକିରି ମିଳୁନାହିଁ, କାହାର ବଢିଲା ଝିଅ ପାଚିରି ଡେଇଁ ପଳେଇଚି ଯେ ଘରକୁ ଫେରୁନି ଏମିତି କେତେ କେତେ ସମସ୍ୟା ନେଇ ଆଶାରେ ବସିଛନ୍ତି କିଛି ଲୋକ । ଏସବୁ ଦେଖି ନାରଣ କିଛି ସମୟ ବସି ରହିଲା ଧ୍ୟାନ ମୁଦ୍ରାରେ ଏବଂ ଭୋଳାନାଥଙ୍କୁ ସ୍ମରଣ କଲା । ତା ପରେ କଦଳୀ ସହିତ ବେଲ ପତ୍ର ଧରେଇ ଦେଲା ବିଭିନ୍ନ ସମସ୍ୟାରେ ପୀଡିତ ଥିବା ବ୍ୟକ୍ତିମାନଙ୍କୁ । ଆଶ୍ଚର୍ଯ୍ୟର କଥା ଲୋକମାନେ ଧୀରେ ଧୀରେ ସମସ୍ୟାରୁ ମୁକୁଳି ନାରଣ ନାଆକକୁ ଭେଟିବାକୁ ଆସିଲେ । କେବଳ ଭେଟିବାକୁ ଆସିଲେ ନାହିଁ ନିଜ ନିଜର ଶକ୍ତି ମୁତାବକ କିଛି ଜିନିଷ ଖୁସିରେ ଉପହାର ଦେଲେ । ନିଜର ଆନ୍ତରିକ ଇଚ୍ଛା ନ ଥିଲେ ବି ନାରଣ ପରିବାର ପୋଷିବାକୁ ସେସବୁ ଗ୍ରହଣ କଲା । କେହି କେହି ପୂଜାଥାଳିରେ ରେଜା ପଇସା ଏବଂ ପାଞ୍ଚ ଦଶଟଙ୍କିଆ ନୋଟ ପକେଇଦିଅନ୍ତି । ଧନୀ ଲୋକମାନେ ଜଟିଳ ରୋଗରୁ ଭଲ ହୋଇ ଅଧିକ ଟଙ୍କା ମଧ ପ୍ରଦାନ କଲେ । ତା ଭିତରେ ଝିଅ ଦୁଇଜଣଙ୍କ ବାହାଘର ଭଲରେ ଭଲରେ ହୋଇଗଲା । ପୁଅ ସାନ ହୋଇଥିବାରୁ କଲେଜରେ ପାଠ ପଢିଲା । ସାଇକେଲ ଦୋକାନ ଭାଙ୍ଗି ଯିବାର ଦୁଃଖ ନାରଣ ମନରୁ ଧୀରେ ଧୀରେ ପାସୋରି ଦେଲା । ନିଷ୍ଠାରେ ସବୁଦିନ ବରଗଛକୁ ପୂଜା କରି ପରିବାର ପୋଷିଲା । ଟିକି ବରମୂଳ ନାରଣ ନାଆକ ପାଇଁ ପ୍ରସିଦ୍ଧ ହୋଇଗଲା । ଲୋକମାନଙ୍କର ଯିବା ଆସିବା ଲାଗି ରହିଲା । ତାକୁ ଦେଖି ନାରଣ ନାଆକ ବରଗଛ ମୂଳେ ବଡ଼ ପିଣ୍ଡି କରିବାକୁ ସ୍ଥିର କଲା । ଅନ୍ତତଃ ବସିବା ପାଇଁ ଲୋକମାନଙ୍କୁ ଜାଗାଟିଏ ମିଳିଯିବ । କିଛି ଭଦ୍ର ବ୍ୟକ୍ତି ସେଥିପାଇଁ ନାରଣକୁ ସାହାଯ୍ୟ କରିବାପାଇଁ ବାହାରି ଆସିଲେ । ପିଣ୍ଡି ତିଆରି ହେବା ପରେ ନଳକୂପର ବ୍ୟବସ୍ଥା କରାଗଲା । କାହିଁ କେତେ ଦୂରରୁ ଛୁଟି ଆସିଲେ ଲୋକ । ନାରଣ ନାଆକ ଦିନକୁ ଦିନ ପ୍ରସିଦ୍ଧ ହୋଇଗଲା ଆଉ ତା ସହିତ ପ୍ରସିଦ୍ଧ ହେଲା ଟିକି ବରମୂଳ ପୀଠ । ପୀଠରେ ଲୋକମାନେ ଭଗବାନ ଭାବି ପୂଜା କଲେ ନାରଣ ନାଆକକୁ।

ନାରଣ ନାଆକର ପ୍ରସିଦ୍ଧି ତାଙ୍କ ଗାଁର କିଛି ଲୋକଙ୍କ ମନରେ ଜ୍ୱଳନ ସୃଷ୍ଟି କଲା । ସେମାନେ ଯାଇ ଗାଁ ସରପଞ୍ଚଙ୍କ ପାଖରେ ଫେରାଦ ହେଲେ -ଗରିବ ଲୋକଙ୍କ କଷ୍ଟ ଅର୍ଜିତ ଧନରେ ନାରଣ ନାଆକ କୋଠା ଘର ଆରମ୍ଭ କଲାଣି । ନିଜକୁ ଭଗବାନ ବୋଲି ଭାବୁଚି । ଆମକୁ ଲାଗୁଛି ସେ ତନ୍ତ୍ର ସାଧନା କରୁଛି । ପିଣ୍ଡି ହେବା ପରେ ସେ ଆଉ ରାତିରେ ଘରକୁ ଶୋଇବାକୁ ଆସୁନାହିଁ । ବିଭିନ୍ନ କଳା ଧନ୍ଦାରେ ଲିପ୍ତ ରହୁଛି ଯାହା ଆମ ଗାଁ ପାଇଁ ବିପଦ ଆଣି ପାରେ । ଆପଣ ଯାର କିଛି ତୁରନ୍ତ ବ୍ୟବସ୍ଥା କରନ୍ତୁ ।

ପରଦିନ ସକାଳେ କିଛି ଚେଲାଙ୍କୁ ଧରି ନାରଣ ନାଆକ ନିକଟରେ ପହଞ୍ଚିଲେ ସରପଞ୍ଚ ମହାଶୟ। 'ଯାହା ଶୁଣାଯାଉଛି, ତାହା କଣ ସତ ?' ପଚାରିଲେ ସରପଞ୍ଚ ।

'ମିଛ କାହିଁକି କହିବି ଭାଇ, ଲୋକମାନେ ଉପକୃତ ହୋଇ ମୁକ୍ତ ହସ୍ତରେ ଯାହା ଦାନ କରନ୍ତି ମୁଁ ତାକୁ ସାଦରେ ଗ୍ରହଣ କରେ । ସେଇଥିରେ ମୋ ପରିବାର ଚଳେ । ମୁଁ ଲୋକଙ୍କର କିଛି ଉପକାର କରେ ନାହିଁ, ଯାହା କରନ୍ତି ମୋ ମାଧ୍ୟମରେ ସେଇ ଭୋଳାନାଥ । 'ବରଗଛକୁ ଇଙ୍ଗିତ କରି ନରମ ଗଳାରେ କହିଲା ନାରଣ।

'ତାହେଲେ କାଲି ଠାରୁ ତୋର ଏଠିକି ଆସିବା ବନ୍ଦ । ଲୋକମାନେ ଆସିଲେ ଭୋଳାନାଥ ତାଙ୍କ କଥା ବୁଝିବେ । ଆଉ ଗୋଟେ କଥା ଶୁଣ ! ଆମ ଯୁବକମାନେ ଚାହୁଁଛନ୍ତି ଏଇ ବରଗଛକୁ ଲଗେଇ ଗୋଟେ କ୍ଲବ ଘର ହେବ ।' ସରପଞ୍ଚ ଚଢା ଗଳାରେ କହିଲେ।

'ଗାଁରେ ଏତେ ଫାଙ୍କା ଜାଗା ଥାଉ ଥାଉ ଏ ସ୍ଥାନକୁ କାହିଁକି ବାଛିଲେ, ଭାଇ ? କେତେ କେତେ ଗରିବ ଲୋକଙ୍କର ଭରସା ଏଇ ବରଗଛ । ସେମାନଙ୍କ ଭରସାକୁ ଭାଙ୍ଗି ଦିଆନ୍ତୁନି ।' କାକୁତି ମିନତି ହୋଇ କହିଲା ନାରଣ ।

କିଛି ସମୟ ପାରେ ନାରଣ ଅନୁଭବ କଲା କିଛି ଲୋକ ତାକୁ ଶକ୍ତ ପ୍ରହାର କରୁଛନ୍ତି । ସେ ଚେତା ଶୂନ୍ୟ ହୋଇ ପଡିଲା । ଆଖି ଖୋଲିଲା ବେଳକୁ ମୁଣ୍ଡ ଉପରେ ସୂର୍ଯ୍ୟ । ମନ ଦୁଃଖରେ ଘରକୁ ଫେରିଲା । ଅନେକ ଦିନ ହେଲାଣି ବରଗଛ ଭିତରେ ନିଜର ସତ୍ତାକୁ ସେ ଖୋଜି ପାଇଥିଲା, ମାନସିକ ଶାନ୍ତି ଟିକକ ଅନୁଭବ କରୁଥିଲା । ଟିକି ବରମୂଳକୁ ଛାଡି ସେ କେମିତି ବଞ୍ଚିବ ତାକୁ କିଛି ବୁଦ୍ଧି ବାଟ ଦିଶୁ ନ ଥିଲା । ସେତିକିବେଳେ କିଛି ଦୁର୍ବୃତ୍ତ ଆସି ତା ଘରେ ପଶି ଧମକ ଦେଇ ଗଲେ ସେ ଗଛ ପାଖକୁ ନଯିବା ପାଇଁ ।

ରାତିରେ କୋଉ ତାକୁ ନିଦ ହେଲା ! ଅଧରାତିରୁ ଉଠି ଏକ ମୁହାଁ ହୋଇ ଧାଇଁଲା ସେଇ ଟିକି ବରମୂଳକୁ ଯୋଉଠି ସେ ତା ନିଜକୁ ଖୋଜି ପାଇଛି । ବର ମୂଳକୁ ଧରି ଗୁହାରି କଲା -କାହାରି ଠାରୁ କିଛି ମୋର ପ୍ରତ୍ୟାଶା ନାହିଁ,ମତେ ତୋ ସହିତ ଏକାତ୍ମ କରିଦେ ଭୋଳାନାଥ । ଚେରକୁ ଜାବୁଡି ଧରି ଲମ୍ବ ହୋଇ ପଡ଼ି ରହିଲା ସେଇ ଗଛ ମୂଳରେ।

ପରଦିନ ସକାଳେ ତିନୋଟି ଘଟଣା ପଲେଇ ଗ୍ରାମବାସୀଙ୍କ ସମେତ ଆଖପାଖ ଗାଁର ଲୋକମାନଙ୍କୁ ଚକିତ କରିବା ସହିତ ସେମାନଙ୍କ ଚକ୍ଷୁକୁ ଲୋତକାପ୍ଲୁତ କରି ଦେଉଥିଲା - ସର୍ପଦଂଶନରେ ସରପଞ୍ଚ ମହାଶୟଙ୍କର ମୃତ୍ୟୁ, ଟିକି ବରଗଛ ମୂଳେ ନାରଣ ନାଆକର ଜୀବନ୍ତ ସମାଧି ଏବଂ ଝଙ୍କାଳିଆ ବରଗଛଟି ସମ୍ପୂର୍ଣ୍ଣ ଝାଉଁଳି ପଡିଥିଲା ନାରଣ ନାଆକର ଅବର୍ତ୍ତମାନରେ।


+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ମାଲକାନଗିରି ନିର୍ବାଚନ ମଣ୍ଡଳୀ ବିଜେପି ଓ ବିଜେଡି କନ୍ଦଳରୁ ଫାଇଦା ନେବ କଂଗ୍ରେସ

ମାଲକାନଗିରି, ୧୨/୫ (ନି.ପ୍ର): ମାଲକାନଗିରି ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ତିନିଗୋଟି ପ୍ରମୁଖ ଦଳ ଯଥା ବିଜେଡି, ବିଜେପି ଓ କଂଗ୍ରେସ ପ୍ରାର୍ଥୀମାନଙ୍କ ବିଜୟ ଲାଗି ଅଙ୍କ କଷା ଚାଲିଛି। ଆଗାମୀ ୧୩ ତାରିଖରେ ମତଦାନ ସାବ୍ୟସ୍ତ ହେବ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ପ୍ରାର୍ଥୀମାନେ ଗାଁ ଗାଁ ବୁଲି ଭୋଟ ଦେବା ପାଇଁ ନିଜ ସପକ୍ଷରେ ପ୍ରଚାର କରୁଛନ୍ତି । ମାଲକାନଗିରି ନିର୍ବାଚନ ମଣ୍ଡଳୀ ପାଇଁ ପ୍ରମୁଖ ତିନି ଗୋଟି ଦଳ ମଧ୍ୟରେ ଲଢ଼େଇ ହେବାକୁ ଯାଉଥିବା ବେଳେ ସେମାନେ ହେଲେ ବିଜେଡ଼ିରୁ ମାନସ ମାଡକାମୀ, କଂଗ୍ରେସରୁ ମାଲା ମାଡ଼ି ଓ ବିଜେପିରୁ ନରସିଂହ ମାଡକାମ। ମାଲକାନଗିରି ନିର୍ବାଚନ ମଣ୍ଡଳୀରୁ ମାନସ ମାଡକାମୀ ୨୦୧୪ ନିର୍ବାଚନରେ ବିଜେଡିରୁ ଟିକେଟ ପାଇ ବିଜୟ ଲାଭ କରିଥିଲେ। ସେତେବେଳେ କଂଗ୍ରେସ ଦଳରୁ ମାଲା ମାଡ଼ି ପ୍ରତିଦ୍ୱନ୍ଦିତା କରୁଥିଲା ବେଳେ ମାନସ ମାଡକାମୀଙ୍କୁ ୪୭,୭୩୭ ଖଣ୍ଡ ଭୋଟ ମିଳିଥିଲା। ମାତ୍ର ୩,୩୧୨ ଖଣ୍ଡ ଭୋଟ ବ୍ୟବଧାନରେ ମାନସ ମାଡକାମୀ ବିଜୟ ଲାଭ କରିଥିଲା ବେଳେ ମାଲାଙ୍କୁ ୪୪,୪୨୫ ଖଣ୍ଡ ଭୋଟ ପ୍ରାପ୍ତ ହୋଇଥିଲା । ତେବେ ୨୦୧୯ ନିର୍ବାଚନରେ ବିଜେଡି ସୁପ୍ରିମୋ ମାନସ ମାଡକାମୀଙ୍କୁ ଟିକେଟ ନଦେଇ ତରବରିଆ ଭାବେ ନିଷ୍ପତି ନେଇ ମୁକୁନ୍ଦ ସୋଡିଙ୍କୁ ଟିକେଟ ଦେଇଥିଲେ । ମାତ୍ର ମୁକୁନ୍ଦ ସୋଡି ୪୧,୬୬୭ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହି ଶୋଚନୀୟ ପରାସ୍ତ ହୋଇଥିଲେ। ଏହି ଆସନଟି ନବୀନ ପଟ୍ଟନାୟକଙ୍କ ହାୱା ସତ୍ତ୍ୱେ ବିଜେଡି ପରାଜୟର ସମ୍ମୁଖୀନ ହୋଇଥିଲା । ଏହାର ଏକମାତ୍ର କାରଣ ବିଜେଡିର ଆଭ୍ୟନ୍ତରୀଣ ଗୋଷ୍ଠୀ କନ୍ଦଳ।ଫଳରେ ବିଜେପିରୁ ଆଦିତ୍ୟ ମାଡି ୭୦,୨୬୩ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିଲେ। ସେ ୨୫,୫୬୯ ଭୋଟ ବ୍ୟବଧାନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସ ମାଲା ମାଡିଙ୍କୁ ପରାସ୍ତ କରିଥିଲେ। ମାଲା ମାଡ଼ି ୪୪,୬୯୪ ଖଣ୍ଡ ଭୋଟ ପାଇ ୨ୟ ସ୍ଥାନରେ ରହିଥିଲେ । ବର୍ତମାନ ଆଦିତ୍ୟ ମାଢିଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନଥିବାରୁ ନୂଆ ଚେହେରା ଭାବେ ନରସିଂହ ମାଡକାମୀଙ୍କୁ ବିଜେପି ଟିକେଟ ଘୋଷଣା କରିଛି। କିନ୍ତୁ ଟିକେଟ ଦେବା ପାଇଁ ବିଜେପି ଭରସା ଦେବା ଫଳରେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି ଶେଷ ମୁହୂର୍ତରେ ଦଳ ବଦଳାଇ ବିଜେପିରେ ମିଶିଥିଲେ । ମାତ୍ର ବିଜେପି ତାଙ୍କୁ ଟିକେଟ ଦେଇ ନଥିଲା। ଯଦି ବିଜେପିରୁ ମୁକୁନ୍ଦ ସୋଡି ଟିକେଟ ପାଇଥାନ୍ତେ, ତେବେ କଡ଼ା ଟକ୍କର ହୋଇଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା। ହେଉଛି। ବର୍ତମାନ ବିଜେପିରେ ସାମିଲ ହୋଇଥିବା ମୁକୁନ୍ଦ ସୋଡି ବିଜେପି ପାଇଁ ଅଲୋଡା ହୋଇଥିବା ଚର୍ଚ୍ଚା ହେଉଛି। ମୁକୁନ୍ଦ ସୋଡିଙ୍କ ସମର୍ଥକ ମାନେ କଂଗ୍ରେସକୁ ଭୋଟ ଦେବାର ସମ୍ଭାବନା ରହିଛି। ବିଜେପିରେ ଫାଟ ଯୋଗୁଁ କଂଗ୍ରେସ ଦଳ ଏହାର ଫାଇଦା ଉଠାଇବାର ଯଥେଷ୍ଟ ସମ୍ଭାବନାକୁ ଏଡାଇ ହେବ ନାହିଁ। ସେହିପରି ବିଜେଡିର ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ଉପରେ ଭରସା କରି ପୁନଶ୍ଚ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଟିକେଟ ଦେଇଛନ୍ତି। ୨୦୧୯ ରେ ଦଳ ମଧ୍ୟରେ ଅର୍ନ୍ତଦ୍ୱନ୍ଦ ଥିବାରୁ ମାନସ ମାଡକାମୀଙ୍କ ଟିକେଟ କଟିଥିଲା। ମୁକୁନ୍ଦ ସୋଡିଙ୍କୁ ବିଜେଡି ଟିକେଟ୍ ଦେଇଥିଲା ବେଳେ ୨୦୧୯ ରେ ସେ ଶୋଚନୀୟ ଭାବେ ପରାସ୍ତ ହୋଇ ତୃତୀୟ ସ୍ଥାନରେ ରହିଥିଲେ। ଚଳିତ ନିର୍ବାଚନରେ କଂଗ୍ରେସ ଦଳ ତୃତୀୟ ଥର ଲାଗି ମାଲା ମାଢ଼ିଙ୍କ ଉପରେ ଭରସା ରଖି ଟିକେଟ ଦେଇଛି । ସେହି ପୁରୁଣା ମୁହଁ, ପୁରୁଣା ଚେହେରା। ସେ ପୂର୍ବରୁ କାଳିମେଳା ବ୍ଲକ ଚେୟାରମେନ ଥିଲେ ଓ ତାଙ୍କର ଲୋକପ୍ରିୟତା ରହିଛି। ସେ କେବେ ବି ଦଳ ବଦଳ ନକରି କଂଗ୍ରେସ ଦଳରେ ପଡି ରହିଛନ୍ତି। ମାଲା ମାଢ଼ି ୨୦୧୪ ନିର୍ବାଚନରେ ୪୪,୪୨୫ ଭୋଟ ପାଇଥିଲା ବେଳେ ୨୦୧୯ ନିର୍ବାଚନ ରେ ୪୪,୬୯୪ ଭୋଟ ପାଇ ସ୍ଥିତିକୁ ଅପରିବର୍ତିତ ରଖିଛନ୍ତି। ଏଥର ତୃତୀୟ ଥର ଲାଗି ନିର୍ବାଚନ ଲଢୁଥିବା ଯୋଗୁଁ ସିମ୍ପାଥି ଭୋଟ ପାଇ ବିଜୟ ହେବାର ଆଶା ରଖିଛି କଂଗ୍ରେସ। ଏଥର ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ତ୍ରିମୁଖି ପ୍ରତିଦ୍ୱନ୍ଦିତା ହେବାକୁ ଯାଉଛି। ମାଲକାନଗିରି ନିର୍ବାଚନ ମଣ୍ଡଳୀ ବିଜେପି ଦୁର୍ଗ ହୋଇଥିବା ବେଳେ ନରସିଂହ ମାଡକାମୀ ଜଣେ ନୂତନ ଚେହେରା। ତାଙ୍କୁ ବହୁତ ଲୋକ ଜାଣି ନାହାଁନ୍ତି। ନିକଟରେ ବିଜେପି ଭୋଟ ହାତେଇବାକୁ ଯାଇ ଆସାମ ମୁଖ୍ୟମନ୍ତ୍ରୀ ଆଣି ନିର୍ବାଚନୀ ସଭା କରିଥିଲେ ମଧ ବେଙ୍ଗଲୀ ଭୋଟ ବିଜେପି ସପକ୍ଷରେ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରାୟ ବେଙ୍ଗଲୀ ଭୋଟ ବିଜେପିକୁ ୭୦ ପ୍ରତିଶତ ଯିବାର ସମ୍ଭାବନା ରହିଥିବା ବେଳେ ବିଜେଡିକୁ ୨୦ ଓ କଂଗ୍ରେସକୁ ୧୦ ପ୍ରତିଶତ ଭୋଟ ଯାଇପାରେ ବୋଲି ପୂର୍ବାନୁମାନ କରାଯାଉଛି। ପ୍ରାୟ ୬୦ ପ୍ରତିଶତ ଆଦିବାସୀଙ୍କ ଭୋଟ ଏଥର କଂଗ୍ରେସ ଦଳ ହାତେଇବାର ଆଶଙ୍କା ରହିଛି । ଏହାର ଅନ୍ୟ ଏକ କାରଣ ହେଲା ବିଜେଡି ମଧ୍ୟରେ ପୂର୍ବାପେକ୍ଷା ଫାଟ ରହିଛି। ବହୁ ପୁରୁଖା ଓ ପୁରୁଣା ବିଜେଡି କର୍ମୀମାନଙ୍କୁ ଅଣଦେଖା କରାଯାଇଛି। ତେବେ ବିଜେଡିର ଗୋଷ୍ଠୀ ବିଭାଜନ ଯୋଗୁଁ ଏହାର ଫାଇଦା କଂଗ୍ରେସ ଉଠାଇବା ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ।

ଅନ୍ୟପକ୍ଷରେ ଯଦି ଭି.କେ. ପାଣ୍ଡିଆନଙ୍କ ପ୍ରଚାର ପରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ମାଲକାନଗିରିକୁ ପ୍ରଚାର କରିବା ପାଇଁ ଆସିଥାନ୍ତେ, ତାହେଲେ ବିଜେଡି ଜିତିବା ସମ୍ଭାବନା ଅଧିକ ରହିଥାନ୍ତା । ବର୍ତମାନ କଂଗ୍ରେସ ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ହେବାର ପୂର୍ବାନୁମାନ କରାଯାଉଛି । ଏବଂ କଂଗ୍ରେସ ହାୱା ଅଧିକ ରହିଥିବା ବିଭିନ୍ନ ଭୋଟରମାନ ଠାରୁ ସର୍ଭେ ରିପୋର୍ଟରୁ ଜଣାପଡୁଛି। ତେବେ ଆଗାମୀ ୨୦୨୪ ନିର୍ବାଚନରେ ମାଲକାନଗିରି ନିର୍ବାଚନ ମଣ୍ଡଳୀର ମତଦାତା ମାନେ କାହା ଉପରେ ଭରସା କରି ମଥାରେ ବିଜୟ ତିଳକ ପିନ୍ଧାଇବେ ଭବିଷ୍ୟତରେ ଜଣାପଡ଼ିବ ।

# ଆମ୍ ଆଦମୀ ପାର୍ଟିର ପ୍ରାର୍ଥୀ ଜିତିଲେ ପାଟକୁରା ସମସ୍ୟାର ସମାଧାନ ବାଟ ଫିଟିବ

କେନ୍ଦ୍ରାପଡ଼ା, ୧୨/୫ (ନି.ପ୍ର): ଆମ୍ ଆଦମୀ ପାର୍ଟିର ପ୍ରାର୍ଥୀ ଜିତିଲେ ପାଟକୁରା ଅଂଚଳର ବିଭିନ୍ନ ସମସ୍ୟାର ସମାଧାନ ବାଟ ଫିଟି ପାରିବ ସହିତ ଅଂଚଳର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ଚାନ୍ଦୋଳସ୍ଥିତ ଏକ ବେସରକାରୀ ମଣ୍ଡପରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ପାଟକୁରା ବିଧାନସଭା କ୍ଷେତ୍ରର ଆମ୍ ଆଦମୀ ପାର୍ଟିର ପ୍ରାର୍ଥୀ ତଥା ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀ କହିଛନ୍ତି । ଦୀର୍ଘ ବର୍ଷ ଧରି ପାଟକୁରାକୁ ଶାସନ କରି ଆସିଥିବା ନେତାମାନେ ଅଂଚଳବାସୀଙ୍କ ପାଇଁ ସେଭଳି କିଛି ଆଖି ଦୃଶିଆ ବିକାଶ କରିବାକୁ ସମର୍ଥ ହୋଇ ପାରି ନାହାନ୍ତି । କେବଳ ଲୋକମାନଙ୍କୁ ହାତି ଦେବୁ ଘୋଡା ଦେବୁ କହି ଭୁଆଁ ବୁଲାଇ ଆସିବା ହିଁ ସାର ହୋଇଛି । ଏ ଅଂଚଳର ବିଦ୍ୟାଳୟ ଗୁଡିକରେ ଶିକ୍ଷକ ନଥିବା ବେଳେ ଡାକ୍ତରଖାନାରେ ଡାକ୍ତର ନାହାନ୍ତି କି ମହାବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନାହାନ୍ତି । ଫଳରେ ଅଂଚଳବାଦସୀ ବିଭିନ୍ନ ସମସ୍ୟା ଭିତର ଦେଇ ଗତି କରୁଛନ୍ତି । ଶାସନଗାଦିରେ ବସିଥିବା ନେତା ଓ କର୍ମୀମାନେ କେବଳ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡି ରହିଛନ୍ତି । ଏଣୁ ପାଟକୁରା ଅଂଚଳର ସାମୁହିକ ବିକାଶ ପାଇଁ ଆମ୍ ଆଦମୀ ପାର୍ଟିର ବିଧାୟକ ପ୍ରାର୍ଥୀ ଅଶୋକ କୁମାର ତ୍ରିପାଠୀଙ୍କୁ ଝାଡୁ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇଲେ ରାଜ୍ୟ ତଥା ପାଟକୁରା ଅଂଚଳରେ ଭ୍ରଷ୍ଟାଚାର ଓ ଦୁର୍ନୀତି ଲୋପ ପାଇବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପିଇବା ପାଣି, ବେରୋଜଗାର ଓ କୃଷକଙ୍କ ସମସ୍ୟାର ସମାଧାନ ହେବା ସହ ମହିଳା ସଶକ୍ତିକରଣ ସଠିକ ଭାବରେ ହୋଇପାରିବ ଶ୍ରୀ ତ୍ରିପାଠୀ ଦୃଢୋକ୍ତି ପ୍ରକାଶ କରିଥିଲେ । ତେଣୁ ନୂତନ ଦଳ, ନୂତନ ଚିହ୍ନ, ନୂତନ ନେତା ଓ ନୂତନ ପ୍ରାର୍ଥୀଙ୍କୁ ଭୋଟ ଦେଇ ଏକ ପରିବର୍ତ୍ତନ ଆଣିବାକୁ ଶ୍ରୀ ତ୍ରିପାଠୀ ଭୋଟରମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ସମ୍ମିଳନୀରେ ମନୋଜ ସାହୁ ଓ ପଦ୍ମଲୋଚନ ପରିଡାଙ୍କ ସମେତ ଆମ୍ ଆଦମୀ ପାର୍ଟିର ବହୁ କର୍ମୀ ଉପସ୍ଥିତ ଥିଲେ ।

## ବାପା ମା' ଛେଉଣ୍ଡ ଶିଶୁଙ୍କୁ ସହଯୋଗର ହାତ ବଢାଇଲେ ପ୍ରଣବ

ସମ୍ବଲପୁର, ୧୨/୫ (ନି.ପ୍ର): ନେତାଙ୍କ ପାଇଁ ଜନତା ନୁହେଁ, ଜନତାଙ୍କ ପାଇଁ ନେତା । କିଛିଦିନ ତଳେ ଏହିକଥା କହିଥିବା ନେତା ପ୍ରଣବ ପ୍ରକାଶ ଆଜି ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି । ସମ୍ବଲପୁରବାସୀଙ୍କ ସୁଖଦୁଃଖରେ ଛିଡାହେବାକୁ ଦେଇଥିବା ପ୍ରତିଶ୍ରୁତିରେ ଧିରେ ଧିରେ ଛିଡା ହେଉଛନ୍ତି ପ୍ରଣବ । ନେତା ଯେ କେବଳ ରାଜନୀତି କରିବ ତାହା ନୁହେଁ, ପ୍ରତି ମୁହୂର୍ତରେ ଜନତାଙ୍କ ସାଥିରେ ରହିବା ଜଣେ ନେତାଙ୍କ ଅସଲ ପରିଚୟ ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ । ବାପା ମା ଛେଉଣ୍ଡ ଶିଶୁଙ୍କୁ ସହଯୋଗର ହାତ ବଢାଇଲେ । ଗତ ୯ ତାରିଖ ଦିନ ପ୍ରଚାର ପାଇଁ ସମ୍ବଲପୁରର ବିହାରୀ ପଡାକୁ ଯାଇଥିବା ସମୟରେ ସେମାନଙ୍କ ବିଷୟରେ ଜାଣିବାକୁ ପାଇଥିଲେ । ରାଣୀ କୁମାରୀ, ରାଗିନୀ କୁମାରୀ, ଚାହତ କୁମାରୀ ଓ ଅର୍ଣ୍ଣବ ସାହୁ । ଏହି ଚାରି ଭାଇଭଉଣୀଙ୍କ ବାପା ମା ସାଂସାର ଛାଡି ଚାଲିଯାଇଛନ୍ତି । ଚାରି ଶିଶୁଙ୍କ ବାପା ରବୀନ୍ଦ୍ର ପ୍ରସାଦଙ୍କ ଦେହାନ୍ତ ପୂର୍ବରୁ ହୋଇଥିବାବେଳେ ଗତ କିଛିଦିନ ତଳେ ମା ପୁନମ ଦେବୀଙ୍କ ଦେହାନ୍ତ ହୋଇଥିଲା । ବାପା ମା ଛେଉଣ୍ଡ ହେବା ପରେ ତାଙ୍କ ସର୍ମ୍ପକୀୟ ମାଉସୀ ଶୋଭାଦେବୀଙ୍କ ପାଖରେ ସେମାନେ ରହୁଛନ୍ତି । ଏକଥା ପ୍ରଣବ ପ୍ରକାଶ ଜାଣିବା ପରେ ନିଜକୁ ସମ୍ଭାଳି ପାରିନଥିଲେ । ସମାଜସେବୀ ସିନ୍ଧୁ ଶାହାଙ୍କ ସହିତ କଥାବାର୍ତା କରି ଆଜି ସେମାନଙ୍କ ସହଯୋଗ କରିବାକୁ କହିଥିଲେ । ପ୍ରଣବ ପ୍ରକାଶଙ୍କ ନିବେଦନ କ୍ରମେ ସିନ୍ଧୁ ଶାହା ଓ ତାଙ୍କର ଟିମ ବିହାରୀ ପଡା ଯାଇ ଶିଶୁ ମାନଙ୍କୁ ଭେଟିଥିଲେ । ସେମାନଙ୍କ ପାଠପଢା ଓ ଅନ୍ୟାନ୍ୟ ସୁବିଧା ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ । ଏହି ସମୟରେ ଦୁଲାଲ ଚନ୍ଦ୍ର ରାୟ, ଭଗତ ଶର୍ମା, ଡଲି ସାହୁ, ଜିତୁ ଗଡଲି, ନମନ ସିଂ, ଟାଇଗର, ପିଂଟୁ, ରାଜା, ଶିବ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ପ୍ରଣବ ପ୍ରକାଶଙ୍କର ସହଯୋଗ ପାଇଁ ସମସ୍ତେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଖବର ପ୍ରଚାରିତ ହେବାପରେ ସମ୍ବଲପୁର ପାଇଁ ଏଭଳି ଜଣେ ଦରଦୀ ନେତା ଦରକାର ବୋଲି ଏବେ ଚାରିଆଡେ ବେଶ୍ ଆଲେଚନା ହେଉଛି ।

## ବିଜେଡି ଛାଡି କଂଗ୍ରେସରେ ସାମିଲ ହେଲେ ନେତା ଓ କର୍ମୀ

ଜୟପୁର, ୧୨/୫ (ନି.ପ୍ର): ଭାରତୀୟ ଜାତୀୟ କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ସହ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ଉପରେ ଅସ୍ଥା ପ୍ରକଟ କରି ବିଜେଡି ଛାଡି କଂଗ୍ରେସରେ ଯୋଗଦାନ କରିଛନ୍ତି ଜୟପୁର ଅଂଚଳର ମୁସଲିମ ସମ୍ପ୍ରଦାୟର ଶତାଧିକ ନେତା ଓ କର୍ମୀ। ଏନେଇ ଆଜି ରଜାନହର ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ବିଧାୟକ ତାରା ପ୍ରସାଦ ବାହିନିପତି ଦଳିୟ ଉତ୍ତରିୟ ପକାଇ ଦଳକୁ ସ୍ୱାଗତ କରିଥିଲେ । ନବାଗତ ମାନଙ୍କୁ ସ୍ୱାଗତ ଜଣାଇବା ସହ ଯୋଗଦାନ ଫଳରେ କଂଗ୍ରେସ ଦଳ ଜୟପୁର ନିର୍ବାଚନ ମଣ୍ଡଳିରେ ଆହୁରି ସଶକ୍ତ ହେବ ବୋଲି ବିଧାୟକ ବାହୀନିପତି ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଛତିଶଗଡ ଜଗଦଲପୁରର ବିଧାୟକ ଉପସ୍ଥିତ ଥିଲେ । ପରେ ବିଧାୟକ ଶହ ଶହ କଂଗ୍ରେସ କର୍ମି ଓ ନେତାଙ୍କ ସହ ବାଇକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ।

## କବି ଜୟଦେବଙ୍କ ଜୟନ୍ତୀ ପାଳିତ

ବଲାଙ୍ଗିର, ୧୨/୫ (ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟା ଶୁକ୍ରବାର ସନ୍ଧ୍ୟା ଘ.୭ ସମୟରେ ଶ୍ରୀ ଶବରୀ ନାରାୟଣ ଧର୍ମଶାଳା, ଇନ୍ଦିରାନଗର ବଲାଙ୍ଗିର ଠାରେ କବିଶ୍ରୀ ଜୟଦେବଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ମହାପ୍ରଭୁ ଶବରୀ ନାରାୟଣ ଓ କବି ଜୟଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଗଲା । ଗୁରୁଶ୍ରୀ କ୍ଷମା ସାଗର ଯୋଷୀ ଜୟଦେବ କଳା ସଂସଦ ବଲାଙ୍ଗିର ପ୍ରଥମେ ଜୟଦେବଙ୍କ ରଚିତ ଦଶ ଅବତାର ସଙ୍ଗିତ ଆବୃତି କରିଥିଲେ । କଣ୍ଠଶିଳ୍ପୀ ନିଳାଚଳ ହୋତା, ବୁଦ୍ଧି ସାଗର ଯୋଷୀ, ରାହାସ ବିହାରୀ ଭୋଇ, ଟଙ୍କଧର ମିଶ୍ର, ବିକ୍ରମ ଚରଣ ସାହୁ, ସନ୍ତୋଷ କୁମାର ରଣଜିତ, ଯଥା ବିଶ୍ୱାଳ, ପ୍ରଦୀପ ପଟ୍ଟନାୟକ, ଦିଲ୍ଲୀପ କୁମାର ସିଂହଦେଓ, ରୋହିଣୀ ନାୟକ ବିଭିନ୍ନ ଭଜନ ପରିବେଷଣ କରିଥିଲେ । ଶେଷରେ ଉକ୍ତ ସମାରୋହ ସମାପନ ହୋଇ ପ୍ରସାଦ ସେବନ ହୋଇଥିଲା।

# ଯାତ୍ରା ମଣ୍ଡପରେ ପହଂଚିଲେ ମା' ନାରାୟଣୀଙ୍କ ସମେତ ପଂଚ ଠାକୁରାଣୀ

ଫୁଲବାଣୀ, ୧୨/୫ (ନି.ପ୍ର): ପ୍ରତ୍ୟେକ ଏକ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ହେଉଥିବା ଫୁଲବାଣୀର ପ୍ରସିଦ୍ଧ ମା ନାରାୟଣୀ ଏବଂ ବ୍ରାହ୍ମଣୀ ଦେବୀ, ବରାଳ ଦେବୀ, ବ୍ୟାଘ୍ରଦେବୀ ଓ ଗ୍ରାମଦେବୀଙ୍କ ସମେତ ମା ନାରାୟଣୀଙ୍କ ଯାତ୍ରା ଚଳିତ ବର୍ଷ ଅନୁଷ୍ଠିତ ହେବ। ଏହି ଅବସରରେ ରିତିନିତୀ ପ୍ରକାରେ ଅକ୍ଷୟ ତୃତୀୟା ତିଥିରେ ଶୁକ୍ରବାର ସକାଳେ ଯାତ୍ରା ମଣ୍ଡପରେ ପୂଜା ଆରାଧନା ପରେ ଏକ ବିରାଟ ପଟୁଆର ବାହାରିଥିଲା ଠାକୁରାଣୀ ମାନଙ୍କ ମନ୍ଦିରକୁ। ଏହି ପଟୁଆର ଫୁଲବାଣୀ ସାହି ସ୍ଥିତ ମା ବରାଳଦେବୀ , ନଦିଖଣ୍ଡି ସାହିର ମା ବ୍ୟାଘ୍ରଦେବୀ, ଅମଲାପଡା ସ୍ଥିତ ମା ବ୍ରାହ୍ମଣଦେବୀ ଓ ଗ୍ରାମ୍ୟଦେବୀଙ୍କୁ ପଟୁଆରେ ହାଟପଦା ସ୍ଥିତ ଅସ୍ଥାୟୀ ମନ୍ଦିରକୁ ଅଣାଯାଇଥିଲା । ସଂନ୍ଧ୍ୟାରେ ଏକ ବିରାଟ ପଟୁଆର ସହିତ ବାଣ , ବାଜା ,ବାଜଣା ବଜାଇ ହଜାର ହଜାର ଭକ୍ତ ଓ ଦର୍ଶକଙ୍କ ସାମିଲ୍ ହୋଇ ମା ନାରାୟଣୀଙ୍କୁ ବରଣ ପାଇଁ ଯାଇଥିଲେ । ପଟୁଆରରେ ଦୁଲିକିଥିଲା ସମଗ୍ର ଫୁଲବାଣୀ । ପଟୁଆରକୁ ଦେଖିବାକୁ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ହୋଇଥିଲେ । ପଟୁଆର ଯାଇ ବଜାର ସ୍ଥିତ ଦେଶୀ ବେହେରାଙ୍କ ଘରେ ପହଂଚିବା ପରେ ସେଠାରେ ରିତିନୀତି ପ୍ରକାରେ ପୂଜାପାଠ କରାଯାଇ ଭକ୍ତ ଓ ଦର୍ଶକ ମାନେ ମା ନାରାୟଣୀ ମନ୍ଦିରକୁ ପଟୁଆରରେ ଯାତ୍ରା କରିଥିଲା । ମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରେ ମା କାଳୀଙ୍କ ସହିତ ମା ନାରାୟଣୀ ପଟୁଆରେ ପୁଣିଥରେ ଅସ୍ଥାୟୀ ମଣ୍ଡପକୁ ଅଣାଯାଇଥିଲା । ଏହି କାର୍ଯ୍ୟକ୍ରମ ଯାତ୍ରା ପରିଚାଳନା କମିଟିର ସଭାପତି ପି.ସୁଧାଂଶୁ ସେନାପତିଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ବହୁ ପ୍ରଶାସନିକ ଅଧିକାରୀ, ରାଜନୈତିକ ବ୍ୟକ୍ତି ବିଶେଷ, ବହୁ ବରିଷ୍ଠ ବ୍ୟକ୍ତି ବିଶେଷଙ୍କ ସମେତ ସମସ୍ତ ଉପଦେଷ୍ଟା, ସଂପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ, ଉପସଭାପତି ସୁଜିତ୍ ବେହେରା, ସାଂସ୍କୃତିକ ସଂପାଦକ ଭି.ଲୋକନାଥ ରାଜୁ, ଅର୍ଥ ସମ୍ପାଦକ କାବୁଲା ସେନାପତି ସମସ୍ତ ସହ ସମ୍ପାଦକ, ସମସ୍ତ କାର୍ଯ୍ୟକାରୀ ସଦସ୍ୟ, ସଦସ୍ୟାଙ୍କ ସମେତ ବିଭିନ୍ନ ବଜାର କମିଟିର କର୍ମକର୍ତା, ବିଭିନ୍ନ ସଂଘ ଓ ଅନୁଷ୍ଠାନର କର୍ମକର୍ତା ଓ ଅନ୍ୟମାନେ ସାମିଲ୍ ହୋଇଥିଲେ । ଆଜି ଠାରୁ ଜୁନ୍ ୧୧ ତାରିଖ ପର୍ଯ୍ୟନ୍ତ ପ୍ରସିଦ୍ଧ ନାରାୟଣୀ ଯାତ୍ରୀ ପାଳିତ ହେବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି । ପ୍ରତ୍ୟେକ ଦିନ ପାଦେବୀ ବିଭିନ୍ନ ସାହି ପରିଭ୍ରମଣ କରିବା ସହିତ ପ୍ରତ୍ୟେକ ଦିନ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ରକ୍ରମ ମଧ ଅନୁଷ୍ଠିତ ହେବ । ପ୍ରକାଶ ଯେ, ପ୍ରତି ଦୁଇ ବର୍ଷ ଅନ୍ତରରେ ଫୁଲବାଣୀ ପ୍ରସିଦ୍ଧ ନାରାୟଣୀ ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ର୍ବମାନ ତାହା ୨୬ତମ ଯାତ୍ରା ଭାବେ ପାଳନ ହେଉଛି । ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତି ଅବସରରେ ମା ନାରାୟଣୀ ଠାକୁରାଣୀଙ୍କ ଷଷ୍ଠ ବିଂଶତମ ଯାତ୍ରାର ଶୁଭଖୁଂଟି ସ୍ଥାପନ ପାଇଁ ପେଞ୍ଜିସାହି ନବୀନ କହଁରଙ୍କ ବଗିଚାରେ ବୃକ୍ଷ ଛେଦନ ଉସବ ସହିତ ଯାତ୍ରା ପଡ଼ିଆରେ ଶୁଭଖୁଂଟି ସ୍ଥାପନ ହୋଇଥିଲା । ଯାତ୍ରାକୁ ପରିଚାଳନା କରିବା ପାଇଁ ବିଭିନ୍ନ ପ୍ରକାର ସବ୍ କମିଟି ମଧ ଗଠନ କରାଯାଇଛି । ବିଶେଷ କରି ଯାତ୍ରାର ଶେଷ ଦିନ ମାନଙ୍କରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଥାଏ ।

## ଯୁବ ଭାରତ କୃଷକ ସଙ୍ଘର ବାର୍ଷିକ ଉତ୍ସବ ଓ କୃଷକମାନଙ୍କ ସାମସ୍ୟା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୧୨/୫ (ନି.ପ୍ର): ପବିତ୍ର ଅକ୍ଷୟତୃତୀୟା ଅବସରରେ ତମାଳଶାସନସ୍ଥିତ ଶ୍ରୀ ଶ୍ରୀ ଦଧିବାମନଜୀଉ ମନ୍ଦିର ପରିସରରେ ଯୁବ ଭାରତ କୃଷକ ସଙ୍ଘ, କେନ୍ଦ୍ରାପଡାର ବାର୍ଷିକ ଉସରବ ଓ କୃଷକମାନଙ୍କ ସମସ୍ୟା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସଙ୍ଘର ରାଜ୍ୟ ସଭାପତି ପ୍ରଭାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡା ସଙ୍ଘର ସଭାପତି ରଞ୍ଜନ କୁମାର ରାଉତ, ରାଜ୍ୟ ମୁଖ୍ୟ ଉପଦେଷ୍ଟା କୁଳମଣି ଶୁକ୍ଳା, ଜିଲ୍ଲା ମୁଖ୍ୟ ଉପଦେଷ୍ଟା କିଶୋର ଚନ୍ଦ୍ର ମିଶ୍ର, ରାଜ୍ୟ ପ୍ରଭାରୀ ସୁପ୍ରଭା ଦାସ, ଯାଜପୁର ଜିଲ୍ଲା ସଭାପତି ରାଜେନ୍ଦ୍ର କୁମାର ସାମଲ, ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଦୀପ୍ତିରଞ୍ଜନ ମହାପାତ୍ର, ଉପସଭାପତି ମୀନତି ସୁନ୍ଦରରାୟ, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ପାତ୍ର, ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର ଓ ସନ୍ତୋଷ ତରାଇ ପ୍ରମୁଖ ଯୋଗଦେଇ କୃଷକମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଏକଶହରୁ ଉର୍ଦ୍ଧ୍ୱ କୃଷକମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ଧର୍ମପଦ ଆଚାର୍ଯ୍ୟ, ସୁମିତ୍ରା ରାଉତ, ନାରାୟଣ ସାହୁ, ପଦ୍ମନାଭ ପରିଡା ପ୍ରମୁଖ କୃଷି ସମସ୍ୟା ଉପରେ ଆଲୋକପାତ କରି ଏକ ସୁସ୍ପଷ୍ଟ ନୀତି ଘୋଷଣା କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ । ପାଂଚଶହରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା କୃଷି କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ଶପଥ ନେଇଥିଲେ ।

## ବଡପଡା ଜଙ୍ଗଲରେ ଅବକାରି ଚଢ଼ଉ

ଜୟପୁର, ୧୨/୫ (ନି.ପ୍ର): ବେଆଇନ ମଦ ପ୍ରସ୍ତୁତ ସ୍ଥାନରେ ଜୟପୁର ଅବକାରି ନିରିକ୍ଷକ କାଯ୍ୟାଳୟ ତରଫରୁ ଚଢଉ କରାଯାଇଛି । ଜୟପୁର ଓ ବୋରିଗୁମ୍ମା ଅଂଚଳରେ ଆଜି ଚଢ଼ଉ କରାଯାଇଛି । ବଡପଡା ଜଙ୍ଗଲରେ ବିଷାକ୍ତ ମଦ ପ୍ରସ୍ତୁତ କରୁଥିବା ସୂଚନା ପାଇ ଅବକାରି ବିଭାଗ ଚଢଉ କରିଛି । ୧୫୦ ଲିଟର ଦେଶି ମଦ ଓ ୨୫ ଶହ ଲିଟର ପୋଚ ଜବତ କରି ନଷ୍ଟ କରିଛି । ଅବକାରି ବିଭାଗକୁ ଦେଖି ୨ ଜଣ ମଦ ମାଫିଆ ଜଙ୍ଗଲ ଭିତରକୁ ଚମ୍ପଟ ମାରିଥିବା ବେଳେ ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରି ଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଶଶିକାନ୍ତ ଦତ ସୂଚନା ଦେଇଛନ୍ତି ।

# ସମ୍ବଲପୁର ଲୋକସଭା ପାଇଁ ୧୪ ଓ ବିଧାନସଭା ଆସନ ପାଇଁ ୯ ପ୍ରାର୍ଥୀ

ସମ୍ବଲପୁର, ୧୨/୫ (ନି.ପ୍ର): ସମ୍ବଲପୁର ଲୋକସଭା ଆସନ ଓ ଏଥି ଅନ୍ତର୍ଗତ ଜିଲ୍ଲାର ୪ଟି ବିଧାନସଭା ଆସନ ପାଇଁ ଆସନ୍ତା ୨୫ ତାରିଖ ଦିନ ହେବାକୁ ଥିବା ନିର୍ବାଚନ ସକାଶେ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇଛି। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଲୋକସଭା ଆସନରେ ୧୪ ଜଣ ପ୍ରାର୍ଥୀ ରହିଛନ୍ତି। ବିଜେପି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେଡ଼ି ପକ୍ଷରୁ ବିଧାୟକ ପ୍ରବଣ ପ୍ରକାଶ ଦାଶ (ବବି) ଏବଂ କଂଗ୍ରେସ ପକ୍ଷରୁ ପୂର୍ବତନ ସାଂସଦ ନଗେନ୍ଦ୍ର କୁମାର ପ୍ରଧାନ ପ୍ରାର୍ଥୀ ହୋଇଛନ୍ତି। ସେହିଭଳି ବହୁଜନ ସମାଜପାର୍ଟିର ସଦାନନ୍ଦ ରଣବିଡ଼ା, ରାଷ୍ଟ୍ରୀୟ ମାନବ ପାର୍ଟିର ଖଗେଶ୍ୱର ବେହେରା, ସୋସିଲିଷ୍ଟ ୟୁନିଟି ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)ର ନବକିଶୋର ପ୍ରଧାନ, କୋଶଳ ଜନତା ଦଳ ପକ୍ଷରୁ ପୁରୁଷୋତମ ପାତ୍ର, ଭାରତୀୟ ନ୍ୟାୟ ଅଧିକାର ରକ୍ଷା ପାର୍ଟି ପକ୍ଷରୁ ରାକେଶ ବାଗ୍, ନେସନାଲ ଜନଦଳ ପକ୍ଷରୁ ସୁବାଷ କୁମାର ମହାପାତ୍ର, ପଶ୍ଚିମା ଳ ବିକାଶ ପାର୍ଟି ପକ୍ଷରୁ ଲକ୍ଷ୍ମଣ କୁମାର ଭୋଇ ପ୍ରାର୍ଥୀ ହୋଇଥିବା ବେଳେ ଆତ୍ମାରାମ ସୂପକାର, ଜ୍ଞାନେନ୍ଦ୍ର ବେହେରା, ସୁଶୀଲ କୁମାର ବାବୁ ଏବଂ ଶ୍ରୀରାମ ପାଣ୍ଡେ ପ୍ରାର୍ଥୀ ତାଲିକାରେ ରହିଛନ୍ତି।

ସମ୍ବଲପୁର ବିଧାନସଭା ଆସନ ପାଇଁ ଚୂଡ଼ାନ୍ତ ତାଲିକାରେ ଥିବା ୯ ଜଣ ପ୍ରାର୍ଥୀ ହେଲେ ବିଜେପିର ଜୟନାରାୟଣ ମିଶ୍ର, ବିଜେଡ଼ିର ରୋହିତ ପୂଜାରୀ, ଜାତୀୟ କଂଗ୍ରେସର ଦୁର୍ଗା ପ୍ରସାଦ ପାଢ଼ୀ, ବିଏସ୍‌ପିର ଅନୀଲ ନାୟକ, ସମାଜବାଦୀ ପାର୍ଟିର ଅନୀଲ କୁମାର ଯାଦବ, ନେସନାଲ ଆପନୀ ପାର୍ଟିର ନନ୍ଦୀକିଶୋର ମେହେର। ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଭାସ ପୃଷ୍ଟେଠ୍, ମହେଶ ଶର୍ମା ଏବଂ ରାମକୃଷ୍ଣ ଶାସନୀ ରହିଛନ୍ତି। ରେଙ୍ଗାଲି ବିଧାନସଭା ଆସନ ପାଇଁ ୧୦ ଜଣ ପ୍ରାର୍ଥୀ ଯା ପରେ ଚୂଡ଼ାନ୍ତ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଏଠାରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ୧୦ ଜଣ ପ୍ରାର୍ଥୀଙ୍କ ତାଲିକା ଚୂଡ଼ାନ୍ତ ହୋଇଛି। ନାଉରୀ ନାୟକ ବିଜେପି, ସୁଦର୍ଶନ ହରିପାଲ ବିଜେଡ଼ି, ଦିଲୀପ କୁମାର ଦୁରିଆ କଂଗ୍ରେସ, ସୀତାକାନ୍ତ ରୋହିଦାସ ଆମ ଆଦମୀ ପାର୍ଟି, ହମିଦ ପ୍ରସାଦ ଲୁହା ପଶ୍ଚିମା ଳ ବିକାଶ ପାର୍ଟି, ଆନନ୍ଦିନୀ ବେସନ ବହୁଜନ ସମାଜ ପାର୍ଟି, ଉକର କଲେତ ଭାରତୀୟ ନ୍ୟାୟ ଅଧିକାର ପାର୍ଟି, ବସୁଦେବ ସୁନାନୀ ସ୍ୱାଧୀନ, ସୁଶାନ୍ତ କୁମାର ଡନସନା ସ୍ୱାଧୀନ, ଲଙ୍କେଶ ରାବଣ ସ୍ୱାଧୀନ ପ୍ରାର୍ଥୀ ଭାବେ ରହିଛନ୍ତି। କୁଚିଣ୍ଡା ସଂରକ୍ଷିତ ଆସନରେ ୪ ଜଣ ପ୍ରାର୍ଥୀ ଚୂଡ଼ାନ୍ତ ମଇଦାନରେ ରହିଛନ୍ତି। ସେମାନେ ହେଲେ ବିଜେଡ଼ିର ରାଜେନ୍ଦ୍ର କୁମାର ଛତ୍ରିଆ, ବିଜେପିର ରବିନାରାୟଣ ନାୟକ, ଜାତୀୟ କଂଗ୍ରେସର କେଦାରନାଥ ବରିହା ଏବଂ ସ୍ୱାଧୀନ ପ୍ରାର୍ଥୀ ମିନାକ୍ଷୀ ମାଝୀ। ସେହିଭଳି ରେଢ଼ାଖୋଲ ବିଧାନସଭା ଆସନରେ ୭ ଜଣ ପ୍ରାର୍ଥୀ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ରହିଛନ୍ତି। ଏଠାରେ ବିଜେଡ଼ିରୁ ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସର ଆସଫ୍ ଅଲ୍ଲୀ ଖାନ୍, ବିଜେପିର ଦେବେନ୍ଦ୍ର ମହାପାତ୍ର, ବହୁଜନ ସମାଜ ପାର୍ଟିର ପ୍ରଭାକର ରଣଜିତ, କଳିଙ୍ଗ ସେନାର ମନୋଜ କୁମାର ମିଶ୍ର ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଆଶ୍ରୟ ମହାନନ୍ଦ ଏବଂ ସଂଜୀତ କୁମାର ବବଙ୍ଗା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ରହିଛନ୍ତି। ସୂଚନାଯୋଗ୍ୟ ଯେ, ବର୍ତମାନ ସମ୍ବଲପୁର ଲୋକସଭା ଆସନ ବିଜେପି ହାତରେ ରହିଥିବା ବେଳେ ୪ ବିଧାନସଭା ଆସନ ମଧ୍ୟରୁ ସମ୍ବଲପୁର ଓ ରେଙ୍ଗାଲିରେ ବିଜେପି ଏବଂ ରେଢ଼ାଖୋଲ ଓ କୁଚିଣ୍ଡାରେ ବିଜେଡ଼ି ବିଧାୟକ ଅଛନ୍ତି।

# କେନ୍ଦ୍ରାପଡାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୧୨/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ଜିଲ୍ଲା ଓ ଦୌରାଜଜ ବିଶ୍ୱଜିତ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ୨୩୮୮ଟି ମାମଲା ପଞ୍ଜିକୃତ ହୋଇଥିବା ବେଳେ ୧୯୬୧ଟି ମାମଲା ସମାଧାନ ହୋଇ ୧କୋଟି ୧୭ ଲକ୍ଷ ୧୬ ହଜାର ଟଙ୍କା ଆଦାୟ ହୋଇଥିବା ଜଣାପଡିଛି । ମାମଲା ଗୁଡିକ ମଧ୍ୟରେ ଫୌଜଦାରୀ ମାମଲା ଗୋଟିଏ, ଚେକ ବାଉନ୍ସ ୪୧ଟି, ଟଙ୍କା ପୁନରୁଦ୍ଧାର ୧୧ଟି, ମଟର ଦୁର୍ଘଟଣା ଜନିତ କ୍ଷତିପୁରଣ ୮ଟି, ବୈବାହିକ ବିବାଦ ମାମଲା ୧୭ଟି, ଜମି ଅଧିଗ୍ରହଣ ୧ଟି, ବିଭିନ୍ନ ରାଜସ୍ୱ ଅଧିକାରୀଙ୍କ ନିକଟରେ ଥିବା ରାଜସ୍ୱ ମାମଲା ୧୩୦୮ ଟି, ଦେୱାନୀ ମକଦ୍ଦମା ୧୪ଟି, ଅନ୍ୟାନ୍ୟ ଫୋଜଦାରୀ ମାମଲା ୧୫୯ଟି, ବ୍ୟାଙ୍କ ଋଣ ୩୬୦ଟି, ସେବା ସମ୍ବନ୍ଧୀୟ ବିବାଦ ଗୁଡିକ ଗୋଟିଏ ଏହିଭଳି ମୋଟ୍ ୧୯୬୧ଟି ମାମଲା ସମାଧାନ ହୋଇ ୧କୋଟି ୧୭ ଲକ୍ଷ ୧୬ ହଜାର ଟଙ୍କା ଆଦାୟ ହୋଇଥିବା ଜଣାପଡିଛି । ଆୟୋଜିତ ଏହି ରଷ୍ଟ୍ରୀୟ ଲୋକ ଅଦାଲତରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ସୁମିତ୍ରା ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପରିବାର ଅଦାଲତ ବିଚାରପତି ବିକାଶ ରଞ୍ଜନ ଦେ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଅଜୟ କୁମାର ପ୍ରଧାନ, ବରିଷ୍ଠ ସିଭିଲ ଜଜ, ଅନ୍ନପୂର୍ଣ୍ଣା ନାୟକ, ଆଲୋକମୟୀ ପ୍ରଧାନ, ଅତିରିକ୍ତ ସିନିୟର ସିଭିଲ ଜଜ, ସିଷ୍ମା ପଣ୍ଡା, ରେଜିଷ୍ଟାର ରମାଦେବୀ ସୋରେନଙ୍କ ସମସ୍ତ ବିଚାରପତି ଉପସ୍ଥିତ ଥିଲେ।

## ସରକାରଙ୍କ ନିର୍ବାଚନ ଆଚରଣ ବିଧିକୁ ଫୁ : ସୀମା ଲଙ୍ଘିଲେ ଟୋଲ ଗେଟ୍ କର୍ମଚାରୀ

ଘଟଗାଁ, ୧୨/୫ (ନି.ପ୍ର): ଜାତୀୟ ନିର୍ବାଚନ କମିଶନ ସମଗ୍ର ଦେଶରେ ସଧାରଣ ନିର୍ବାଚନ ନିମନ୍ତେ ଆଚରଣ ବିଧି ଲାଗୁ କରିଛନ୍ତି । ଏହି ନିୟମ କୁ କଡା କଡା ପାଳନ କରିବା ପାଇଁ ସମସ୍ତ ରାଜ୍ୟ କମିଶନର ମାନଙ୍କୁ ନିର୍ଦ୍ଦେଶ ଜାରି କହିଛନ୍ତି କିନ୍ତୁ ଓଡ଼ିଶାରେ ଏହି ନିୟମ କୁ ଫୁ କରି ଉଡାଇ ଦିଆ ଯାଇ ଥିବା ଦେଖିବାକୁ ମିଳିଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଆନନ୍ଦପୁର ରେ ଆଚରଣ ବିଧି ଲାଗୁ ସମୟରେ କୌଣସି ସରକାରୀ ପ୍ରତିଷ୍ଠାନ ରେ ନିଯୁକ୍ତି କର୍ମଚାରୀ ମାନେ ତେର ରାଜନୈତିକଦଳୀୟ ସଭା ସମିତିରେ ଯୋଗ ଦେବା ଉପରେ କଡା କଡା ରୋକ୍ ଲାଗିଛି କିନ୍ତୁ ଏହି ନିୟମକୁ ଯଳାଜଂଳି ଦେଇ ହସନପୁର ଟୋଲ ଗେଟ୍ କର୍ମଚାରୀ ମାନେ ସୀମା ଲଙ୍ଘିଥିବା ଦେଖିବାକୁ ମିଳିଛି । ଟୋଲ ଗେଟ୍ କର୍ମଚାରୀ ମାନେ ଶିନିବାର ସକାଳ ୮ଟା ସମୟରେ ଟୋଲ ଗେଟ ପରିସରରେ ଏକତ୍ରୀତ ହେଇ ବିଜେଡି ଜିନ୍ଦାବାଦ ବଦ୍ରୀ ପାତ୍ର ଜିନ୍ଦାବାଦ ଓ ଦେବାଶିଷ ପାତ୍ର ଙ୍କର ଜିନ୍ଦାବାଦ କରିବା ସହ ଜୟ ଶଙ୍ଖବୋଲି ନାରାଦେଇ ଏହି ଭିଡ଼ିଓକୁ ଫେସବୁକ ରେ ଛାଡିଥିବା କିଛି ସମୟ ପାଇଁ ଦେଖିବାଙ୍କୁ ମିଳିଥିଲା ଏବଂ କୌଣସି କାରଣରୁ ହଠାତ୍ ଏହା ଫେସବୁକରୁ ଉଭାନ ହୋଇଯାଇଥିଲା । ଏହାକୁ ନେଇ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇବା ସହ ଏହାକୁ ନେଇ କିଛି ସାମାଜିକ କର୍ମୀ ଜାତୀୟ ରାଜପଥ ପ୍ରାଧିକରଣ କର୍ତୁପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହା ସହିତ ନିର୍ବାଚନ ଅବରଣ ବିଧି ଉଲ୍ଲଂଘନ ପାଇଁ ନିର୍ବାଚନ କମିଶନ ଙ୍କ ଦ୍ୱାରସ୍ଥ ହୋଇଥୁବା ଜଣାପଡିଛି । ଏସଂପର୍କ ରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତୁପକ୍ଷ ତନାଘନା ଆରମ୍ଭ କରିଥିବା ଜଣାପଡିଛି ।

# କାଇପଦରେ ଜଳ ସଙ୍କଟ : ଜବର ଦଖଲରେ ପୁରାତନ ନାଳି



ଖୋର୍ଦ୍ଧା , ୧୨/୫ (ନି.ପ୍ର): ଖୋର୍ଦ୍ଧା ବ୍ଲକ କାଇପଦର ଗ୍ରାମ କମିଟି ବୈଠକ ବସି ଥିଲା। ଉକ୍ତ ସଭାରେ ଗ୍ରାମ କମିଟି ସ୍ଥାୟୀ ସଭାପତି ଶ୍ରୀଯୁକ୍ତ ଯୋଗିନାଥ ବାହୁବଳେନ୍ଦ୍ର ସଭାପତିତ୍ୱ କରିଥିଲେ। ଗ୍ରାମର ସବୁ ସାହି, ବସ୍ତି ଲୋକ , ହିନ୍ଦୁ , ମୁସଲମାନ ଓ ସବୁ ସଂପ୍ରଦାୟ ଲୋକେ ଯୋଗ ଦେଇ ଥିଲେ। କାଇପଦର ଖୋର୍ଦ୍ଧା ଜିଲ୍ଲା , ବ୍ଲକ ଖୋର୍ଦ୍ଧା ବଡ ଗ୍ରାମ। ଏହି ଗ୍ରାମରେ ବାବା ସତ୍ୟପୀର ସର୍ବଧର୍ମ ପୂଜିତ ଠାକୁର୍ ଅବସ୍ଥିତ।ଏହି ପ୍ରସିଦ୍ଧ ପର୍ଯ୍ୟଟନ କେନ୍ଦ୍ରକୁ ଓ ବାବା ସତ୍ୟ ପୀର (ବାବା ଖାରି) ହଜାର ହଜାର ଭକ୍ତ ଦୈନିକ ଆସନ୍ତି। ଗ୍ରାମ ଲୋକ ସଂଖ୍ୟା ୧୫ ହଜାର ପରେ ହେବ। ମାତ୍ର ସବୁ ଦେଖିଲେ ଏହି ଗ୍ରାମ ବାସୀ ସଦା ପାଣି କଷ୍ଟ ଭୋଗୁ ଛନ୍ତି। ଏହି ଗ୍ରାମକୁ ପାଇପି ଜଳ ସପ୍ତାହ କେତେ ବେଳେ ଆସେ କି ନାହିଁ। ପ୍ରକାଶ ଥାଉକୀ ଟାଙ୍ଗେଣି ପାହାଡ଼ରୁ ଆସୁଥିବା ଝରଣା ଆସ୍ତେ ଏକ ବଡ଼ ନାଳରୁ ଛୋଟ ନଦୀ ହୋଇ ବାଘମାରି ଦେଇ ମହାନଦୀରେ ମିଶିଛି। ଏହି ନଳୀ ପାଣିକୁ ଆବଦ୍ଧ କରି ପୋତି କିଛି ଲୋକ ଜବରଦସ୍ତ ଘର କରୁଛନ୍ତି। ଗ୍ରାମର ବାସୀ ଓ ତିର୍ଥ ଯାତ୍ରୀ ମାନେ ଏହି ଝରଣା ପାଣି ବେବହାର କରୁଥଲେ । ଏବେ ଉକ୍ତ ନାଳୀ ପୋତି ହୋଇ ଯିବାରୁ ପାଣି ଅଭାବ ଦେଖା ଦେଇଛି। ପାଣି ଯୋଗୁ ଚାଷ ଜମିରେ ପାଣି ଅଭାବ ବେଳେ ପାଣି ମଡ଼ା ଯାଏ ।ମାତ୍ର ଏବେ ଚାଷ ବାସ ପାଇଁ ଜଳ ଅଭାବ ହେବ। ଗ୍ରାମ ବାସୀ କଥାକୁ ଅସାଜିମିକ ଲୋକେ ମାନୁନାହାନ୍ତି। ଉକ୍ତ ସଭାରେ ଗ୍ରାମ ବାସି ଖୋର୍ଦ୍ଧା ତହସିଲଦାରଙ୍କୁ ଏକ ଦରଖାସ୍ତ ସମୂହ ଦଶଖସ୍ତ କରି ଦେଇ ଛନ୍ତୀ। ଭୋଟ ସମୟେ ନେତା ଓ ବିଧାୟକ ଆସନ୍ତି ମାତ୍ର ଗ୍ରାମର ଦରକାର ବେଳେ ଆସନ୍ତି ନାହିଁ। ଉକ୍ତ ଗ୍ରାମରେ ଡ଼ାକ୍ତର ଖାନା ନାହିଁ। ଗ୍ରାମ ବାସୀ ଯେତେ ବିଧାୟକ ଗଲେଣି କେହି ଶୁଣନ୍ତି ନାହିଁ। ଏହି ନିର୍ଲଜ ନେତାଙ୍କୁ ଗ୍ରାମ ବାସୀ ବିଶ୍ୱାସ କରନ୍ତି ନାହିଁ। ଏବେ ୨୦୨୪ନିର୍ବାଚନ ବେଳେ ସୁବିଧା ହୋଇଛି, ଯେଉଁ ନେତା ଡାକ୍ତରଖାନା ଓ ଝରଣା ଟି କୁ ପୂର୍ଣ୍ଣ ଭାବେ ଖୋଲି ଓ ଜବର ଦଖଲ କାରୀଙ୍କୁ ଉଚ୍ଛେଦ କରିବେ କଥା ଦେବେ ତାଙ୍କୁ ଗ୍ରାମ କମିଟି ଫୁଲ ମାଳ ଦେଇ ସ୍ୱାଗତ କରିବେ। ଜେ ,ଗ୍ରାମ କମିଟି ସଭାପତି ଓ ସମ୍ପାଦକ କୁ ଦୃଢ଼ ପ୍ରତି ଶ୍ରୁତି ଦେବେ ସେ ଭୋଟ ପାଇବେ। ନୋହିଲେ ନିର୍ବାଚନ ପରେ ତାଙ୍କ କାର୍ଯ୍ୟ ଦେଖି ତାଙ୍କ ଦିଆ ଯାଇଥିବା ଫୁଲ ମାଳ ପରିବର୍ତ୍ତେ ଠିକ ଉପ ଯୁକ୍ତ ପାଦ ଜିନିଷ ବେକରେ ପଡ଼ିବ। ଗ୍ରାମ ବାସୀ ନିଷ୍ପତ୍ତି ନେଇ ଛନ୍ତି। ଭୋଟ କାହାକୁ ଦିଆ ଯିବ ଏହି ୨୫ ଜଣିଆ କମିଟି ନିଷ୍ପତ୍ତି ନେବେ। ଯେଶାକୁ ଦେସା ନିତୀ ଗ୍ରାମ କମିଟି ସଭାପତି, ସମ୍ପାଦକ ଓ କମିଟି ବିଚାର କରି ଠିକ ମଉକା ସମୟେ ପ୍ରାର୍ଥୀ ଠାରୁ ଜବାବ ଆଦାୟ କରିବେ ।ଗ୍ରାମବାସୀ ଏହି ସଭାରେ ଦାୟିତ୍ୱ ଗ୍ରାମ କମିଟି ଦେଇଛନ୍ତି। ଜିଲ୍ଲା ପାଳ ଓ ତହସିଲ ଦାର ଏହାର ସୁ ବେବସ୍ଥା କରିବେ ବୋଲି ଲୋକେ ଆଶା ଭରସା କରିଛନ୍ତି।

## ଗ୍ରୀଷ୍ମକାଳିନ କରାଟେ ଟାଇକଣ୍ଡୋ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବଲାଙ୍ଗିର , ୧୨/୫ (ନି.ପ୍ର): ଆଜି ସ୍ଥାନୀୟ ପି.ପି. ଏକାଡେମୀ ହାଇସ୍କୁଲ ପରିସରରେ ଅସିମ କରାଟେ ଏକାଡେମୀ ଓ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ର ମିଳିତ ଉଦ୍ୟମରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟ ସରକାର ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ତଥା କରାଟେ ଓ ଟାଇକଣ୍ଡୋ କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିର ଆସନ୍ତା ଜୁନ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି । ଏହି ସମର କ୍ୟାମ୍ପରେ କରାଟେ, ଟାଇକଣ୍ଡୋ, ଝିଅମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ, ଲାଠି ଚାଳନା, ନାନଚାକୁ, ଅସ୍ତ୍ରଚାଳନା, ୱେଟ ଲୁଜ ପ୍ରଭୃତି ଟ୍ରେନିଂ ଦିଆଯାଉଥିବା କୋଚ ଅସୀମ କୁମାର ଭୋଇ ପ୍ରକାଶ କରିଛନ୍ତି । ଏହି ଶିବିରରେ ୪ ବର୍ଷ ରୁ ୪୫ ବର୍ଷ ପର୍ଯ୍ୟନ୍ତ ମହିଳା ଓ ପୁରୁଷ ପ୍ରଶିକ୍ଷଣ ନୋଇପାରିବେ ।

# ନ୍ୟୁ ଲିଭିଂ ଚର୍ଚ୍ଚର ପ୍ରାର୍ଥନା ସଭାରେ ଯୋଗଦାନ କରି ପ୍ରଭୁ ଯୀଶୁଙ୍କ ଆଶିଷ ଭିକ୍ଷା କଲେ ବିଧାୟକ ଇଂ ସୁକାନ୍ତ ନାୟକ



ନୀଳଗିରି , ୧୨/୫ (ନି.ପ୍ର): ନୀଳଗିରି ଏନଏସି ୧୧ ନମ୍ବର ୱାର୍ଡ ଷ୍ଟେସନସାହି ସ୍ଥିତ ନିୟୁ ଲିଭିଙ୍ଗ ଚର୍ଚ୍ଚର ଆଚାର୍ଯ୍ୟ ସାଧୁସୁନ୍ଦର ସିଂଙ୍କ ନିମନ୍ତ୍ରଣ ପାଇ ଖ୍ରୀଷ୍ଟଧର୍ମାବଲମ୍ବୀ ମାନଙ୍କ ପ୍ରାର୍ଥନା ସଭାରେ ବିଧାୟକ ସୁକାନ୍ତ ନାୟକ ଯୋଗଦେଇ ସମାଜରେ ପ୍ରତ୍ୟେକ ଧର୍ମର ସର୍ବୋଚ୍ଚ ସ୍ଥାନ ରହିବା ଦରକାର ବୋଲି କହିଥିଲେ। ପ୍ରଭୁ ଯୀଶୁ ପୃଥିବୀପୃଷ୍ଠରେ ମାନବସମାଜ କିପରି ଉଦ୍ଧାର ପାଇବେ ଓ ସମାଜରେ କିଭଳି ଶାନ୍ତି, ମୈତ୍ରୀ ସ୍ଥାପିତ ହୋଇ ମାନବର କଲ୍ୟାଣ ହେବ ଏନେଇ ମାନବବାଦର ବାଣୀ ପ୍ରଚାର କରିଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ଏତଦ୍ ବ୍ୟତୀତ ବିଧାୟକ ତାଙ୍କ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନକାଳରେ ବିଭିନ୍ନ ଧର୍ମାନୁଷ୍ଠାନ ମାନଙ୍କୁ ସରକାରୀ ଅନୁଦାନ ଦେଇ ଆସୁଥିବା ବେଳେ ଉକ୍ତ ଅନୁଷ୍ଠାନ ର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୪ ଲକ୍ଷ ଟଙ୍କା ଅନୁଦାନ ଆଣିଥିବା କହିଥିଲେ। ଆଗକୁ ମଧ ଏଇ ଅନୁଷ୍ଠାନ ର ଆବଶ୍ୟକ ହେଉଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରିବି। ଏବେ ଏଠାକୁ ସ୍ଥାୟୀ ରାସ୍ତା କରିବା ପାଇଁ ମଧ ଅନୁଦାନ ମଞ୍ଜୁର ହୋଇଛି। ପରବର୍ତ୍ତୀ ସମୟରେ ଏଠାରେ ଦୁଇହଜାର ଶ୍ରଦ୍ଧାଳୁ ବସି ପ୍ରାର୍ଥନାକରିବା ପାଇଁ ଆବଶ୍ୟକ ପଡୁଥିବା ଅର୍ଥ ଅନୁଦାନ ଆଣିବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଅନୁରୋଧ ରଖିବି ବୋଲି ଶ୍ରୀ ନାୟକ କହିଥିଲେ। ଆଗାମୀ ନିର୍ବାଚନରେ ବିଧାନସଭା ପ୍ରାର୍ଥୀ ଭାବେ ତାଙ୍କୁ ଓ ଶ୍ରୀମତୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଲୋକସଭା ପ୍ରାର୍ଥୀ ପାଇଁ ନିର୍ବାଚିତ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାପାଇଁ ମୁଁ ପ୍ରଭୁ ଯିଶୁଙ୍କ ଠାରେ ପ୍ରାର୍ଥନା କରୁଛି ବୋଲି ବିଧାୟକ କହିଥିଲେ। ଉକ୍ତ ପ୍ରାର୍ଥନା ସଭାରେ ବାଲେଶ୍ୱର ଜିଲ୍ଲା ବିଜେଡ଼ି ଯୁଗ୍ମ ସମ୍ପାଦକ ତଥା ନୀଳଗିରି ବିଜେଡ଼ି ମିଡିଆ ସେଲ କୋଡ଼ିନେଟର ସାହେବ୍ ମର୍ଦ୍ଦରାଜ, ୧୧ନଂ ୱାର୍ଡ କାଉନସିଲର ବିଦ୍ୟାଧର ଖଟୁଆ, ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ମହଲ, ଧୀରେନ୍ଦ୍ର ନାୟକ, ବିଜେଡ଼ି ନେତା ଜଗବନ୍ଧୁ ମୁନି ପ୍ରମୁଖ ଉପସ୍ଥିତ ଥିଲେ।

# ବାବା କ୍ଷୀରେଶ୍ୱର ମହାଦେବଙ୍କ ଚଡ଼କ ଉତ୍ସବ ପାଳିତ



ଲଙ୍ଗଳେଶ୍ୱର , ୧୨/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ କଷାଫଳ ପଞ୍ଚାୟତ କଷାଫଳ ଗ୍ରାମରେ ବାବା କ୍ଷୀରେଶ୍ୱର ମହାଦେବଙ୍କ ଚଡ଼କ ଉତ୍ସବ ଗତ ମାସ ୨୭ ତାରିଖ ଶନିବାରରୁ ଆରମ୍ଭ ହୋଇ ୧୩ ଦିନ ଧରି ଚାଲିଥିଲା ।ଶୁକ୍ରବାର ପବିତ୍ର ଅକ୍ଷୟ ତୃତୀୟା ଦିନ ଚଡ଼କ ଉତ୍ସବ ଶେଷ ହୋଇଛି । କଳସ ଯାତ୍ରା, ନୀଳ ପାଟ, ଅସ୍ଥି ଉଠା, ମାଳା ଚନ୍ଦିନୀ, କାମିନିହ୍ନିହ, କଣ୍ଟା ମରା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା ।ଏଥିରେ ମନ୍ଦିର କମିଟିର ମୁଖ୍ୟ ସଚିନ୍ଦ୍ର ନାଥ ପୃଷ୍ଟି , ଭରତ ଦଳାଇ , ଅଜୟ କୁମାର ବାଘ , ଅରୁଣ ଖଟୁଆ , ଶିବାନନ୍ଦ ପାତ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିବା ବେଳେ ଭକ୍ତମାନେ ଏଥିରେ ସହଯୋଗ କରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପଚାରିଥିବା ପ୍ରଶ୍ନର ଉତ୍ତର ସହ ବିସ୍ତୃତ ତଥ୍ୟ ରଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର, ୧୨/୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ପଞ୍ଜୁରୀରେ ଥିବା ଶୁଆ ହୋଇଛନ୍ତି । ଯାହା ଶିଖାଯାଉଛି ତାହା କହୁଛନ୍ତି । ମୁଖ୍ୟମନ୍ତ୍ରୀ ଡିଏଏମକେର ଭାଷା କହୁଛନ୍ତି । ଭାରତର ଅସ୍ମିତା ବିପରୀତ କଥା କହୁଛନ୍ତି । ଓଡ଼ିଆ ଅସ୍ମିତା କଥା ସେ କେମିତି ବୁଝିବେ ? ଏ ସବୁ ଉପରେ ପ୍ରଶ୍ନ କଲେ ତାଙ୍କୁ କଷ୍ଟ ହେବା ସ୍ୱାଭାବିକ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରବିବାର ସମ୍ବଲପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଭିଡିଓ ଜାରି କରି ପ୍ରଧାନମନ୍ତ୍ରୀଙ୍କୁ ପଚାରିଥିବା ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ପ୍ରତିକ୍ରିୟାଶୀଳ ହୋଇ ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶାକୁ କେତେ ମନେ ରଖିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି । ତେବେ ପ୍ରଧାନମନ୍ତ୍ରୀ ପଚାରିଥିବା ମୂଳ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀଙ୍କୁ ଜଣାଅଛି କି ? ମୁଖ୍ୟମନ୍ତ୍ରୀ ଅନେକ ବିଷୟରେ ଅବଗତ ନାହାନ୍ତି । ସେ ଆଜି ଭିଡିଓରେ ଅଛନ୍ତି । ତାଙ୍କୁ ଯାହା ଲେଖିକି ଦିଆଯାଉଛି, ତାହା ସେ ଉପସ୍ଥାପିତ କରୁଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ସୁବିଧାରେ କଥା ଗୁଡିକ ମନେରଖୁଛନ୍ତି, ବାକି କଥାକୁ ଭୁଲି ଯିବା ପାଇଁ ତାଙ୍କର ଅଉଟ ସୋର୍ସ କର୍ମଚାରୀ ତାଙ୍କୁ ସେ ଦିଗରେ ନେଇଯାଉଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପାଖରେ ନୈତିକତା ନାହିଁ, ଇର୍ଷା କରିବା ଛାଡି କିଛି ପନ୍ଥା ନାହିଁ । ମୁଖ୍ୟମନ୍ତ୍ରୀ ପଞ୍ଜୁରୀ ଭିତରେ ଆବଦ୍ଧ ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପାଖରେ ୪ ଜଣ ଅଣ ଓଡ଼ିଆ ଗ୍ୟାଙ୍ଗ୍ ଅଛନ୍ତି। ଓଡ଼ିଆ ଲୋକମାନଙ୍କ ପାଇଁ ସେ ନ୍ୟାୟ କରୁନାହାନ୍ତି । ମୁଖ୍ୟମନ୍ତ୍ରୀ ଆଣିଥିବା ଆଉଟ ସୋର୍ସ ନେତାଙ୍କୁ ଓଡ଼ିଆ ଲୋକମାନେ ଗ୍ରହଣ କରିବେ ନାହିଁ । ଓଡିଶାର କଳା ଓ ସଂସ୍କୃତିର ପରିଚୟ କୋଣାର୍କ ଚକ୍ର ତଳେ ପ୍ରଧାନମନ୍ତ୍ରୀ ବିଶ୍ୱସ୍ତରର ନେତାଙ୍କୁ ସ୍ୱାଗତ କଲେ । ଏହାଠାରୁ ବଡ ଗୌରବର କଥା କିଛି ଓଡିଶା ପାଇଁ ନହୋଇପାରେ । ପ୍ରଧାନମନ୍ତ୍ରୀଙ୍କ ଅପମାନ କରିବା ମୁଖ୍ୟମନ୍ତ୍ରୀଙ୍କ ମୁହଁରେ ଶୋଭାପାଉନାହିଁ । ଓଡ଼ିଆ ଲୋକଙ୍କ ଭାବାବେଗ ସହ ଯୋଡି ହୋଇଥିବା ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି କିଏ ହଜାଇଲେ ? କୋଭିଡ୍ ସମୟରେ ଚକ୍ରାନ୍ତ କରି ମହାପ୍ରଭୁଙ୍କ ରଥଯାତ୍ରା ବନ୍ଦ କରିବାକୁ ସୁପ୍ରିମକୋର୍ଟରେ କିଏ ମହାଷଡଯନ୍ତ୍ର କରିଥିଲା ? ମହାପ୍ରଭୁଙ୍କ ଅନୁଯାୟୀ ଭାବେ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ ବଳରେ ରଥଯାତ୍ରା କରିବା ପାଇଁ ଅନୁମତି ଦିଆଗଲା ? ପ୍ରଧାନମନ୍ତ୍ରୀଙ୍କ ଓଡ଼ିଆଙ୍କ ପ୍ରତି ପ୍ରତିବଦ୍ଧତା ନବୁଝି ତାଙ୍କ ଉପରେ ଦୋଷ ଲଦିବା ଦୁର୍ଭାଗ୍ୟଜନକ । ବିଜୁ ଜନତା ଦଳ ଏବଂ ଏହାର ସ୍ଥାନୀୟ ନେତୃତ୍ୱଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଯୋଗୁଁ କୋଷ୍ଟାଲ ହାଇୱେ କାମ ବନ୍ଦ ପଡ଼ିଛି । ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ କଲା ପରେ ମୁଖ୍ୟମନ୍ତ୍ରୀ ଚିଲିକାର ସୌନ୍ଦର୍ଯ୍ୟ ନାମରେ ଏଗହି କାମକୁ ବନ୍ଦ କଲେ । କିଛି ପ୍ରଭାବଶାଳୀ ବିଧାୟକ ନିଜ ଘର ଦେଇ ଜାତୀୟ ରାଜପଥ ନେବା ପାଇଁ ବିବାଦ କଲେ । କେତେ ଦିନ ଆଉ ମୁଖ୍ୟମନ୍ତ୍ରୀଙ୍କୁ ସେ ଠକିବେ ? ମୋଦୀ ଯେଉଁ ଯୋଜନା କଲେ ମୁଖ୍ୟମନ୍ତ୍ରୀ ପରଶ୍ରୀକାତର ହୋଇ ତାହାକୁ ବନ୍ଦ କରନ୍ତି । ମୁଖ୍ୟମନ୍ତ୍ରୀ ଧାନର ଏମଏସପି କଥା କହୁଛନ୍ତି । ୨୦୧୪-୧୫ରେ କଂଗ୍ରେସ ସରକାରରେ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୧୩୬୦ ଟଙ୍କା ଥିବାବେଳେ ୨୦୨୩-୨୪ରେ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କାରେ ପହଞ୍ଚିଛି । ମୁଖ୍ୟମନ୍ତ୍ରୀ ୨୦୧୩ରେ ସୋହେଲାରେ ବରଗଡ ସୋହେଲାରେ ଚାଷୀଙ୍କ ପାଇଁ ଧାନରେ ୧୦୦ ଟଙ୍କା ବୋନ୍‌ସ ଦେବାର ଘୋଷଣା କୁଆଡେ ଗଲା ? କଂଗ୍ରେସ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ୧୦ ବର୍ଷରେ ଓଡ଼ିଶାରୁ ମାତ୍ର ୩୭୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିଛି, ଯାହାର ମୂଲ୍ୟ ୩୫,୭୯୦ କୋଟି ଟଙ୍କା । ବୀପରିତରେ ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାର ଚାଷୀଙ୍କ ଠାରୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ୬୦୯.୩୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଓ ଚାଉଳ କିଣାଯାଇଛି ଓ ସେମାନଙ୍କୁ ଏହି ବାବଦରେ ପ୍ରାୟ ୧.୯ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜି ଦେଶରେ ଚତୁର୍ଥ ....

ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଏହି ପର୍ଯ୍ୟାୟ ପାଇଁ ମୋଟ ୪୨୨୬ ଜଣ ପ୍ରାର୍ଥୀ ନାମାଙ୍କନ ଭରିଥିବା ବେଳେ ସେମାନଙ୍କ ମଧ୍ୟରୁ ବାକି ପ୍ରାର୍ଥୀଙ୍କର ନାମାଙ୍କନ ଖାରଜ ହୋଇଯାଇଛି । ଲୋକସଭା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟରେ ଉତ୍ତର ପ୍ରଦେଶର କନୌଜ ଆସନରୁ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ତାଙ୍କ ଭାଗ୍ୟ ପରୀକ୍ଷା କରିବାକୁ ଯାଉଥିବା ବେଳେ ପଶ୍ଚିମବଙ୍ଗର କୃଷ୍ଣାନଗର ଆସନରୁ ଟିଏମସି ପ୍ରାର୍ଥୀ ମହୁଆ ମୋଇତ୍ରା ତାଙ୍କ ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି । ସେହିଭଳି ପଶ୍ଚିମବଙ୍ଗର ଆସନସୋଲ ଆସନରୁ ଶତ୍ରୁଘ୍ନ ସିହ୍ନା, ବିହାରର ବେଗୁସରାଇ ଆସନରୁ ବିଜେପି ନେତା ଗିରିରାଜ ସିଂ, ଝାଡଖଣ୍ଡର ଖୁଣ୍ଟି ଆସନରୁ ବିଜେପି ନେତା ଅର୍ଜୁନ ମୁଣ୍ଡା, ତେଲେଙ୍ଗାନାର ହାଇଦ୍ରାବାଦ ଆସନରୁ ବିଜେପି ନେତ୍ରୀ ମାଧବୀ ଲତା ଓ ଆନ୍ଧ୍ରପ୍ରଦେଶର କଡପ୍ପା ଲୋକସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ୱାଇଏସ୍ ଶର୍ମିଳା ନିଜର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି।

### ୧୫ରେ ଓଡ଼ିଶା ଆସୁଛନ୍ତି ....

ଆସିବାର ଥିଲା। କିନ୍ତୁ ରାଏବରେଲ ସେଦିନ ରାହୁଲ ନାମାଙ୍କନ ଭରିଥିଲେ। ତେଣୁ ସେ ରାୟଗଡ଼ା ଆସି ପାରିଥିଲେ। କିନ୍ତୁ ରାୟଗଡ଼ାରେ ଆୟୋଜିତ କଂଗ୍ରେସ ସଭାକୁ ରାହୁଲ ଗାନ୍ଧି ଭିଡିଓ କନଫରେନ୍ସିଂ ଜରିଆରେ ସମ୍ବୋଧନ କରିଥିଲେ। ଏବେ ସେ ପୁଣି ୧୫ ତାରିଖରେ ଓଡ଼ିଶା ଆସୁଛନ୍ତି। ବଲଙ୍ଗୀର ଲୋକସଭା ଆସନରେ କଂଗ୍ରେସ ଅଭିନେତାରୁ ନେତା ହୋଇଥିବା ମନୋଜ ମିଶ୍ରଙ୍କୁ ଟିକେଟ ଦେଇଛି।

### ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା...

ପିଇବାକୁ ଦେଇଥିଲେ। ସେ ଅଚେତ ହେବା ପରେ ତାର ଫାଇଦା ଉଠାଇ ପୂର୍ବ ଯୋଜନା ମୁତାବକ ୯ଜଣ ତାଙ୍କୁ ଦୁଷ୍କର୍ମ କରିଥିଲେ ବୋଲି ଅଭିଯୋଗ ହୋଇଛି। ରାତି ୧୦ଟାରେ ପୀଡ଼ିତାଙ୍କୁ ତାଙ୍କ ବାପା ଖୋଜିବା ଆରମ୍ଭ କରିଥିଲେ। ଏହାର ଖବର ପାଇ ଅଭିଯୁକ୍ତ ରୁଡୁନ ତାଙ୍କୁ ହିଲପାଟଣାରେ ଛାଡ଼ି ଦେଇ ଚାଲିଯାଇଥିଲା। ଏନେଇ ୫ତାରିଖରେ ପୀଡ଼ିତାଙ୍କ ଅଭିଯୋଗ ପରେ ଆଇପିସି ଧାରା ୩୭୬ (ଡି) ଦୁଷ୍କର୍ମ, ଆଇପିସି ୩୨୮ ଓ ପକସୋ ଆଇନରେ ମାମଲା ରୁଜୁ ହୋଇଥିଲା। ୭ ତାରିଖରେ ଏହି ମାମଲାରେ ଅଭିଯୁକ୍ତ ଦର୍ଶାଇ ୮ଜଣଙ୍କର ଡାକ୍ତରୀ ମାଇନା କରାଯାଇଥିଲା। କିନ୍ତୁ ଗିରଫ କରି କୋର୍ଟ ଚାଲାଣ କରିବା ବେଳକୁ ମୁଖ୍ୟ ଅଭିଯୁକ୍ତ ରୁଡୁନ ସମେତ ୫ଜଣଙ୍କୁ ଛାଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ସେହିପରି ପିତଳ ଅଞ୍ଚଳର ବିକ୍ରମ ଜେନାଙ୍କୁ ଗିରଫ କରାଯାଇ ନଥିବାରୁ ପୁଲିସ୍‌ର ଭୂମିକା ଉପରେ ପ୍ରଶ୍ନ ଉଠାଇଛି ବିଜେପି ମହିଳା ମୋର୍ଚ୍ଚା। କେଉଁ ଆଧାରରେ ତାଙ୍କର ମେଡିକାଲ ଟେଷ୍ଟ କରାଗଲା ଓ କାହିଁକି ତାଙ୍କୁ ଗିରଫ କରାଗଲା ନାହିଁ? ବିକ୍ରମ ଜଣେ ବିଜେଡି ଛାତ୍ର ନେତା ସହ ବିଜେଡିର ବରିଷ୍ଠ ନେତାମାନଙ୍କ ସହ ବୁଲୁଥିବାରୁ ନିର୍ବାଚନ ବେଳେ ଗିରଫ କଲେ ଛବି ଖରାପ ହୋଇଟଯିବା ଜାଣି ତାଙ୍କୁ ଜାଣିଶୁଣି ଛାଡ଼ି ଦିଆଯାଇଛି। କେବଳ ସେତିକି ନୁହଁ, ପୁଲିସ ଏସ୍‌ପି ପ୍ରେସମିଟ୍ କରି କେବଳ ସମ୍ବିତ ପାଣିଗ୍ରାହୀ ନାମକ ଜଣେ ଯୁବକଙ୍କୁ ଦେଖାଇଥିଲେ ଓ ପରବର୍ତ୍ତୀ ଅବସ୍ଥାରେ ଜୁମନ ଗୌଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସନ୍ଦେହ ସୃଷ୍ଟି କରିଛି। ଅଭିଯୋଗ ଦେବା ଦିନ ମେଡିକାଲ ପରୀକ୍ଷା ନ କରିବା, ବିଳମ୍ବ କରି ଜାଣିଶୁଣି ପ୍ରମାଣ ନଷ୍ଟ କରିବା ଘଟଣାକୁ ନେଇ ମାମଲାର ନିରପେକ୍ଷ ତଦନ୍ତ କରିବାକୁ ବିଜେପି ମହିଳା ମୋର୍ଚ୍ଚାର ବବିତା ପାତ୍ର ଦାବି କରିଛନ୍ତି। ଅନ୍ୟପକ୍ଷରେ ବିକ୍ରମ ଜେନାଙ୍କ ଫଟୋ ଏବେ ବିଭିନ୍ନ ବିଜେଡି ନେତାଙ୍କ ସହ ଭାଇରାଲ ହେଉଛି। ଏପରି କି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଗତବର୍ଷ ଅଗଷ୍ଟରେ ନିଜ ନିର୍ବାଚନମଣ୍ଡଳୀକୁ ଆସିବା ବେଳେ ଗାଡ଼ି ଉପରେ ଚଢ଼ି ବିରୋଧ କରିଥିଲେ ବିକ୍ରମ। ଏହି ସବୁ ଦିଗକୁ ମଧ ଏଡ଼ା ଯାଇ ପାରିବ ନାହିଁ ବୋଲି କହିଛନ୍ତି ବରିଷ୍ଠ ଆଇନଜୀବୀ ନିର୍ମଳ ସାହୁ। ପୁଲିସର ତଦନ୍ତ ପ୍ରକ୍ରିୟା ଉପରେ ବି ସେ ପ୍ରଶ୍ନ ଉଠାଇଛନ୍ତି। ଗଣଦୁଷ୍କର୍ମ ଭଳି ଅତି ସମ୍ବେଦନଶୀଳ ଘଟଣାରେ ଅଭିଯୋଗ ହେବା ଦିନ ହିଁ ମେଡିକାଲ ପରୀକ୍ଷା, ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରିବା ଆବଶ୍ୟକ। ଯେତେ ବିଳମ୍ବ ହେବ ପ୍ରମାଣ ସେତିକି ନଷ୍ଟ ହୋଇଯିବାର ମଧ ସମ୍ଭାବନା ରହିଛି। ଏଥିସହ ୮ଜଣଙ୍କୁ ମେଡିକାଲ ପରୀକ୍ଷା କରି ମାତ୍ର ୫ଜଣଙ୍କୁ ଗିରଫ କରିବା ଉପରେ ମଧ ଶ୍ରୀ ସାହୁ ସନ୍ଦେହ ସୃଷ୍ଟି କରିଛନ୍ତି। ଯଦି ଏହା ସତ୍ୟ ହୁଏ ତେବେ ସାଂଘାତିକ ବୋଲି ସେ କହିଛନ୍ତି। ତେବେ ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା ଏଭଳି ଅଭିଯୋଗକୁ ଭୁଲ ବୋଲି କହିଛନ୍ତି। ବିଜେପି ଗଣଦୁଷ୍କର୍ମ ଭଳି ମାମଲାକୁ ନେଇ ରାଜନୀତି କରିବା ଭୁଲ। କୌଣସି ଲୋକର ଫଟୋ ରାଜନୀତିକ ଦଳ କିମ୍ବା ନେତାଙ୍କ ସହ ରହିଲେ ସେ ସେଥିରେ ସଂପୃକ୍ତ ବୋଲି କହିବା ଭୁଲ୍ ବୋଲି ସେ କହିଛନ୍ତି।

### ହରିୟାଣାରେ ଟଳମଳ....

କଂଗ୍ରେସ ଦାବି କରିଛି ଯେ, ବିଜେପି ସରକାରକୁ ପୂର୍ବରୁ ଜେଜେପି ଏବଂ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଥିଲା । ହେଲେ ଏବେ ୩ ଜଣ ସ୍ୱାଧୀନ ବିଧାୟକ ଏବଂ ଜେଜେପି ବିଧାୟକ ସମର୍ଥନ ପ୍ରତ୍ୟାହାର କରିଦେଇଛନ୍ତି । ଯାହା ଫଳରେ ସୈନୀ ସରକାର ନିଜର ବହୁମତ ହରାଇସାରିଛଇ ବୋଲି ବିରୋଧୀ ଦାବି କରୁଛନ୍ତି ।

### କେଜ୍ରିୱାଲଙ୍କ ୧୦ ଗ୍ୟାରେଣ୍ଟି: ୨୦୦....

ଗରିବ ଲୋକଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଇବାକୁ ଘୋଷଣା କରିଛନ୍ତି। ଦେଶରେ ୨୪ ଘଣ୍ଟା ବିଦ୍ୟୁତ୍ ସୁବିଧା ଉପଲବ୍ଧ ହେବ। ଦେଶରେ ୩ ଲକ୍ଷ ମେଗାୱାଟ ଯାଏଁ ବିଦ୍ୟୁତ ଉତ୍ପାଦନ କ୍ଷମତା ରହିଛି, କିନ୍ତୁ କେବଳ ୨ ଲକ୍ଷ ମେଗାୱାଟ ହିଁ ବ୍ୟବହାର ହେଉଛି। ଆମ ଦେଶ ଉତ୍ପାଦନ କରିପାରିବ। ଆମେ ଦିଲ୍ଲୀ ଏବଂ ପଞ୍ଜାବରେ ଏହା କରିଛୁ। ସମସ୍ତ ଗରିବ ଲୋକଙ୍କୁ ୨୦୦ୟୁନିଟ୍ ଯାଏ ମାଗଣା ବିଦ୍ୟୁତ୍ ଯୋଗାଇ ଦିଆଯିବ। ଏଥିପାଇଁ ଆମକୁ ୧.୨୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ। ଆମେ ଏହାର ବ୍ୟବସ୍ଥା କରିପାରିବା ବୋଲି କେଜ୍ରିୱାଲ କହିଛନ୍ତି। ସମସ୍ତଙ୍କୁ ଭଲ ଏବଂ ଉତ୍କୃଷ୍ଟ ମାଗଣା ଶିକ୍ଷା ପ୍ରଦାନ କରାଯିବ। ସରକାରୀ ବିଦ୍ୟାଳୟଗୁଡ଼ିକ ଘରୋଇ ବିଦ୍ୟାଳୟ ଅପେକ୍ଷା ଉତ୍ତମ ଶିକ୍ଷା ପ୍ରଦାନ କରିବେ। ଆମେ ଦିଲ୍ଲୀ ଏବଂ ପଞ୍ଜାବରେ ଏହା କରିଛୁ, ଏଥିପାଇଁ ୫ ଲକ୍ଷ କୋଟି ଟଙ୍କା ଆବଶ୍ୟକ ହେବ, ରାଜ୍ୟ ସରକାର ୨.୫ ଲକ୍ଷ କୋଟି ଟଙ୍କା ଦେବେ ଏବଂ କେନ୍ଦ୍ର ସରକାର ୨.୫ କୋଟି ଟଙ୍କା ଦେବେ। ଏଥିସହ ଦେଶବାସୀଙ୍କୁ ଭଲ ସ୍ୱାସ୍ଥ୍ୟ ସେବା ମଧ ଯୋଗାଇ ଦିଆଯିବ। ସମସ୍ତେ ଭଲ ଚିକିତ୍ସା ପାଇବେ। ପ୍ରତି ଗାଁ ଓ ପ୍ରତ୍ୟେକ ଅଞ୍ଚଳରେ ମୋହଲ୍ଲା କ୍ଲିନିକ୍ ଖୋଲାଯିବ। ଜିଲ୍ଲା ଡାକ୍ତରଖାନାକୁ ମଲ୍ଟି ହସ୍ପିଟାଲରେ ପରିଣତ କରାଯିବ। ଏହି ଦେଶରେ ଜନ୍ମିତ ପ୍ରତ୍ୟେକ ବ୍ୟକ୍ତି ମାଗଣା ଚିକିତ୍ସା ପାଇବେ। ବୀମା ଆଧାରରେ ଚିକିତ୍ସା କରାଯିବ ନାହିଁ କାରଣ ଏହା ଏକ ବଡ଼ ଦୁର୍ନୀତି ବୋଲି କେଜ୍ରିୱାଲ କହିଛନ୍ତି। ଆପ୍ ସୁପ୍ରିମୋ ଆହୁରି କହିଛନ୍ତି, ଯଦି ତାଙ୍କ ମେଣ୍ଟ ସରକାର କ୍ଷମତାକୁ ଆସେ ତେବେ ଚୀନ୍ ଦଖଲରୁ ଭାରତୀୟ ଜମିକୁ ମୁକ୍ତ କରାଯିବ। ଏଥିସହ ଅଗ୍ନିବୀର ଯୋଜନାକୁ ବନ୍ଦ କରାଯିବ। ସେନାର ପୁରୁଣା ପ୍ରକ୍ରିୟା ଅନୁଯାୟୀ ଯବାନମାନଙ୍କୁ ନିଯୁକ୍ତି ମିଳିବ। ସମସ୍ତ ନିଯୁକ୍ତି ମିଳିଥିବା ଅଗ୍ନିବୀରଙ୍କୁ ସ୍ଥାୟୀ କରାଯିବ। ସ୍ୱାମୀନାଥନ୍ କମିଶନଙ୍କ ରିପୋର୍ଟ ଅନୁଯାୟୀ ଚାଷୀଙ୍କୁ ସର୍ବନିମ୍ନ ସହାୟତା ମୂଲ୍ୟ ଦିଆଯିବ। ଚାଷୀଙ୍କୁ ସେମାନଙ୍କ ଫସଲ ପାଇଁ ସମ୍ପୂର୍ଣ୍ଣ ମୂଲ୍ୟ ପ୍ରଦାନ କରାଯିବ। ଦିଲ୍ଲୀକୁ ସମ୍ପୂର୍ଣ୍ଣ ରାଜ୍ୟର ମାନ୍ୟତା ମିଳିବ। ଦେଶର ବେକାରୀ ବ୍ୟବସ୍ଥାକୁ ନିୟମିତ ଭାବେ ହଟାଯିବ।

### ପୁଣି ଶବକୁ ଅସମ୍ମାନ...

ଓ ଅପାରଗତାର ନଗ୍ନ ରୂପକୁ ପଦାରେ ବି ପକାଇ ଦେଇଛି। ଏପରି ଘଟଣା କୌଣସି ଉପାନ୍ତ ଅଞ୍ଚଳର ନୁହଁ, ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନୀତି ଦୂରରେ ଏହା ଘଟିଛି। ବୌଦ୍ଧ ସହରାଞ୍ଚଳରେ ଏକ ବସ୍ତିରେ ଘଟିଥିବା ଏପରି ଘଟଣା ସମସ୍ତଙ୍କୁ ଆନ୍ଦୋଳିତ କରିଛି। ମଣିଷ ଯେତେ ଆଧୁନିକ ହେଲେ ମଧ ଜାତି ସମାଜ ନାମରେ ଏବେ ବି କୁସଂସ୍କାରରେ ପୀଡ଼ିତ ବୋଲି ପ୍ରମାଣିତ ହୋଇଛି। ବୌଦ୍ଧ ଏନଏସି ଅନ୍ତର୍ଗତ ବାପୁଜୀନଗର ବସ୍ତିର ନିଳାମ୍ବର ମେହେରଙ୍କ ଝିଅ ସୁମି ଅନ୍ୟ ଜାତିରେ ବିବାହ କରିଥିଲେ। ଦୁଇ ପୁଅ ଓ ଝିଅକୁ ଧରି ସୁମି ପିତା ନିଳାମ୍ବରଙ୍କ ଘରେ ରହିଆସୁଥିଲେ। କିନ୍ତୁ ବସ୍ତି ଲୋକ ସୁମି ଅଲଗା ଜାତିରେ ବିବାହ କରିଥିବାରୁ ଏହାକୁ ଗ୍ରହଣ କରି ନଥିଲେ। ଏପରି କି ନିଳାମ୍ବରଙ୍କ ପରିବାର ଲୋକଙ୍କୁ ମଧ ବାସନ୍ଦ କରିଥିଲେ। ତଥାପି ବସ୍ତରେ ନିଳାମ୍ବର ଦୁଃଖକଷ୍ଟରେ ପରିବାର ଚଳାଉଥିଲେ। ତେବେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ଶନିବାର ରାତିରେ ନିଳାମ୍ବରଙ୍କ ମୃତ୍ୟୁ ହୋଇଯାଇଥିଲା। ବାପାଙ୍କ ମୃତ୍ୟୁ ପରେ ସୁମି ଜାତିଭାଇ ଓ ସାହିପଡ଼ିଶାଙ୍କୁ ଶବ ସତ୍କାର ପାଇଁ ଡାକିଥିଲେ। ହେଲେ ସୁମି ଅନ୍ୟ ଜାତିରେ ବିବାହ କରିଥିବାରୁ ଜାତିଭାଇ କି ସାହିପଡ଼ିଶା କେହି ବି ନିଳାମ୍ବରଙ୍କ ଶବ ପାଖକୁ ଆସି ନଥିଲେ। ପ୍ରଥମେ ଜାତି ଭାଇଙ୍କୁ ଭୋଜି ଦେବାକୁ ପଡ଼ିବ ଓ ଏହାପରେ ଯାଇ ଶବକୁ ସେମାନେ ଛୁଇଁବେ ବୋଲି ସୁମିଙ୍କ ଆଗରେ ସର୍ତ୍ତ ରଖିଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ବାପାଙ୍କ ମୃତଦେହ ପଡ଼ିଥିବା ବେଳେ ଅନ୍ୟପଟେ ଭୋଜି ଆୟୋଜନ କରିବା ସୁମିଙ୍କ ପକ୍ଷରେ ସହଜ ନଥିଲେ। ସେ ସମସ୍ତଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ କେହି ବି ତାଙ୍କ କଥା ଶୁଣି ନଥିଲା। ଶେଷରେ ବାପଙ୍କ ଶବ ଉଠାଇବାକୁ ଅକ୍ଷମ ଝିଅ ସୁମି ପୁଲିସ ନିକଟରେ ପହଞ୍ଚିଥିଲେ। ହେଲେ ପୁଲିସ କିଛି ବି ପଦକ୍ଷେପ ନେଇ ନଥିଲା। ପୁଲିସ ନିକଟରୁ ନିରାଶ ହୋଇ ଫେରିବା ପରେ ସୁମି ପରିବାର ଲୋକଙ୍କ ସହ ମିଶି ବାପାଙ୍କ ଶବ ସତ୍କାର କରିବାକୁ ନିଷ୍ପତ୍ତି ନେଇଥିଲେ। ଶେଷରେ ସୁମିଙ୍କ ପୁଅ ଚଳାଉଥିବା ଟଲିରେ ନିଳାମ୍ବରଙ୍କ ଶବକୁ ଶ୍ମଶାସନ ନିଆ ଯାଇଥିଲା। ସେଠାରେ ଏହାକୁ ସତ୍କାର କରାଯାଇଥିଲା।

# ଅଗ୍ନିକାଣ୍ଡରେ ୫ ଗୋରୁ ଜୀବନ୍ତ ଦଗ୍ଧ

ପଟ୍ଟାମୁଣ୍ଡାଇ, ୧୨/୫ (ନି.ପ୍ର): ଗତକାଲି ବିଳମ୍ବିତ ରାତିରେ ହୋଇଥିବା କାଳବୈଶାଖୀ ବର୍ଷା ସାଙ୍ଗକୁ ବଜ୍ରାପାତରେ ୫ ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ପଟ୍ଟାମୁଣ୍ଡାଇ ବ୍ଲକ ଦିହୁଡିପୁର ପଂଚାୟତ ଖାଦାଳସାହି ଗ୍ରାମରେ। ସୂଚନାଯୋଗ୍ୟ, ଖାଦାଳସାହି ଗ୍ରାମର ଗୋବିନ୍ଦ ମଲିକ ଓ ଗୁରୁଚରଣ ମଲିକଙ୍କ ପରିବାର ଗତକାଲି ରାତିରେ ଗୋରୁ ମାନଙ୍କୁ ଖାଇବାକୁ ଦେଇ ଗୁହାଳେ ବାନ୍ଧି ନିଜେ ଖାଇପିଇ ଶୋଇ ଯାଇଥିଲେ। ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ହାଠାତ୍ କାଳବୈଶାଖୀ ସାଙ୍ଗକୁ ବଜ୍ରପାତ ହୋଇ ଗୋବିନ୍ଦ ମଲିକଙ୍କ ଗୋରୁ ବନ୍ଧାଯାଇଥିବା ଗୁହାଳେ ପଡିଥିଲା। ଗୋବିନ୍ଦ ଓ ଗୁରୁଚରଣଙ୍କ ପରିବାର ହାଠାତ ବଜ୍ରପାତ ଶବ୍ଦ ଶୁଣି ବାହାରକୁ ଆସି ଦେଖିଲା ବେଳକୁ ଗୁହାଳ ଘର ହୁତୁହୁତୁ ହୋଇ ଜଳୁଥିବାରୁ ଗୋରୁଗୁଡ଼ିଙ୍କୁ ବାହାର କରିବା ସମ୍ଭବ ହୋଇନଥିଲେ ମଧ ଗୋରୁମାନଙ୍କୁ ଉଦ୍ଧାର କରିବାକୁ ଯାଇ ଗୋବିନ୍ଦ ନିଜେ ନିଆଁରେ ପଡିହୋଇ ବର୍ତମାନ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି।

# ମାଆ ମଙ୍ଗଳାଙ୍କ ପୀଠରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୧୨/୫ (ନି.ପ୍ର): ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆତୁଙ୍ଗ ଗ୍ରାମର ଗ୍ରାମ ଦେବୀ ମା ମଙ୍ଗଳାଙ୍କ ପୀଠରେ ତ୍ରିଦିବସୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଛି। ଅକ୍ଷୟ ତୃତୀୟା ରୁ ଆରମ୍ଭ ହୋଇ ଥିବା ଅଧିବାସ ଆଜି ଦ୍ୱିତୀୟ ଦିବସ ରେ କଳସ ଶୋଭା ଯାତ୍ରା ମହାଆଡମ୍ବରରେ ପାଳିତ ହୋଇଯାଇଛି । ବାଣ ଓ ରୁଷଣୀ ରେ ପରିବେଶ ପ୍ରକମ୍ପିତ ହେଉଛି।ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭା ଯାତ୍ରାରେ ସାମିଲି ହୋଇ ମା'ଙ୍କ ର କୃପା ଲାଭ କରିଛନ୍ତି। ସୂର୍ଯ୍ୟ ପୂଜା ଠାରୁ ଆରମ୍ଭ କରି, ଭୂଦେବୀ ପୂଜା,ମାତୃପିତୃ ପୂଜା ସହ ସମସ୍ତ ପୂଜା ରୀତିନୀତି ଅନୁସାରେ ଚାଲୁରହିଛି। ପ୍ରତ୍ୟେକ ଦିନ ସଂଧ୍ୟା ରେ ଭଜନ କୀର୍ତ୍ତନ ଚାଲୁଅଛି ଓ ପ୍ରସାର ସେବନର ଆୟୋଜନ କରାଯାଇଛି। ଆଖପାଖ ଗ୍ରାମ ରୁ ବହୁ ଭକ୍ତ ଉପସ୍ଥିତ ଥିବା ର ପରିଲକ୍ଷିତ ହେଉଛି। ସମାଜ ସେବୀ ଶ୍ରୀ ଯୁକ୍ତ ସୀତା କାନ୍ତ ରାଉତଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ କାରାଯାଉଛି। ଆଦ୍ୟ ଶକ୍ତି ଜଗତ୍ ଜନନୀ ଯୋଗମାୟା ପରମବୈଷ୍ଣବୀ ମା କଟିମଙ୍ଗଳା ଙ୍କ ପୀଠରେ ଚଣ୍ଡୀ ପାଠ ଓ ବିଶ୍ୱଶାନ୍ତି ମହାଯଜ୍ଞ ଦେଖିବା ପାଇଁ ଭକ୍ତଙ୍କ ବହୁ ସମାବେଶ ଦେଖିବାକୁ ମିଳୁଛି।



ମୁଖ୍ୟ ପୁରୋହିତ ଶ୍ରୀ ବିଜୟ କିସାନ ସନ୍ଧିବିଗ୍ରହଙ୍କ ନେତୃତ୍ୱରେ ଚାରିଜଣ ପଣ୍ଡିତ ମାନଙ୍କ ଦ୍ୱାରା ପୂଜା ପାଠ ଚାଲୁଅଛି। ଆସନ୍ତା କାଲି ଅର୍ଥାତ୍ ତା- ୧୨.୦୫.୨୦୨୪ ରିଖ ପୂର୍ଣ୍ଣାହୁତି ଦିଆଯିବ। ମନ୍ଦିର କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଆଗେଇ ନେଉଛନ୍ତି।

# ବଡ଼ାଶ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ



ଲଙ୍ଗଳେଶ୍ୱର, ୧୨/୫ (ନି.ପ୍ର): ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତରେ ଶନିବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ମାନ୍ୟବର ପୂର୍ବତନ ସାଂସଦ ତଥା ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ବିଜେଡିର ଷ୍ଟାର ପ୍ରଚାରକ ଇଂ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ତୃଣମୂଳ ସ୍ତରରେ ଦଳର ସଂଗଠନକୁ ମଜଭୁତ କରି, ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସୁଶାସନର ବାର୍ତ୍ତାକୁ ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ସମସ୍ତ କର୍ମୀଙ୍କୁ ଅବଗତ କରାଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିରନ୍ତର ବିକାଶଧାରା ସହ ଯୋଡ଼ି ହୋଇ ତାଙ୍କ ହାତମୁଠାକୁ ଟାଣ କରି କ୍ରମାଗତ ୬ଷ୍ଠ ଥର ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଇ ଇତିହାସ ସୃଷ୍ଟି କରିବା ପାଇଁ ମୁଖ୍ୟ ଅତିଥି ଇଂ ଶ୍ରୀ ଜେନା ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏଥିସହ ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଏବଂ ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଦୁଇଥର ଶଙ୍ଖ ଚିହ୍ନରେ ବଟନ୍ ଦବାଇ ଜୟଯୁକ୍ତ କରିବାକୁ ଆଶୀର୍ବାଦ ଭିକ୍ଷା କରିଥିଲେ । ସମ୍ମିଳନୀରେ ବସ୍ତା ବିଧାନସଭା ବିଜେଡି ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ କାରୀ ଯୋଜନା ଗୁଡିକୁ ସମସ୍ତଙ୍କୁ ଅବଗତ କରାଇ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କ୍ରମାଗତ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବାକୁ ସମସ୍ତଙ୍କୁ ଆହ୍ୱାନ କରି ଭୋଟ ଭିକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବାଲିଆପାଳ ବ୍ଲକ ଅଧ୍ୟକ୍ଷ ଶଶଧର ପ୍ରଧାନ, ପ୍ରତାପପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅଜୟ ପାତ୍ର, ଜିଲ୍ଲା ଯୁଗ୍ମ ସମ୍ପାଦକ ତଥା ପ୍ରତାପପୁର ସମିତି ସଦସ୍ୟାଙ୍କ ପ୍ରତିନିଧି ହାଡିବନ୍ଧୁ ରାଉତ , ଜିଲ୍ଲା ଛାତ୍ର ସଭାପତି ସୀମନ ଦାସ ମହାପାତ୍ର, ପର୍ଯ୍ୟବେକ୍ଷକ ରବି ଦାସ,ଯୁବନେତା ଜୟନ୍ତ ଦତ୍ତ,ସାର୍ଥକ ରଣଜିତ୍ ,ନିତ୍ୟାନନ୍ଦ ପ୍ରଧାନ,ସଞ୍ଜୟ ରାଜ,ଲକ୍ଷ୍ମୀକାନ୍ତ ଦେ,ଅନନ୍ତ କରଣଙ୍କ ସମେତ ପଞ୍ଚାୟତର ବହୁ ନେତୃବୃନ୍ଦ ଓ ଶହ ଶହ ପୁରୁଷ ଏବଂ ମହିଳା କର୍ମୀ ଉପସ୍ଥିତ ଥିଲେ ।

# ଦିଲ୍ଲୀ ପୁଣି ଆପଣଙ୍କ ଦ୍ୱାରସ୍ଥ ହେବ : ଶ୍ରୀକାନ୍ତ ଜେନା




ବସ୍ତା: ବସ୍ତା ବ୍ଲକ ଅନ୍ତର୍ଗତ ଗଡପଦା ପଞ୍ଚାୟତ ର କଂଗ୍ରେସ ର ବିସାଳ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ଙ୍କ ସଭାପତିତ୍ୱରେ ଜିଲ୍ଲା କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ତଥା ଭଦ୍ରକ ଲୋକସଭା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସୁଧାଂଶୁ ଶେଖର ଜେନା ଙ୍କ ପରିଚାଳନା କରିଥିଲେ । ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର କଂଗ୍ରେସ ସାଂସଦ ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ ଦିଲ୍ଲୀ ଆପଣଙ୍କ ଦ୍ୱାରସ୍ଥ ହେବ କିନ୍ତୁ ଆପଣ ମାନଙ୍କୁ ଦିଲ୍ଲୀ ଜିବାକୁ ପଡିବନି ବୋଲି ଜନତା ଙ୍କୁ ଉଦବୋଧନ ଦେଇଥିଲେ।ସେ କହିଥିଲେ ଦୁଇହଜାର ନଅ ରେ ମୁଁ ଯେତେବେଳେ ସାଂସଦ ଭାବେ ନିର୍ବାଚିତ ହୋଇଥିଲି ଆପଣ ମାନେ ମୋତେ ଏକ କଲମ ଦେଇଥିଲେ ସେ କଲମ ର ବ୍ୟବହାର ମୁଁ କରିପାରିଛି କି ନାହିଁ ସେ ବିଚାର ଆପଣ ପାଖରେ ରାୟ ମଧ ଆପଣ ଙ୍କ ନିକଟରେ କିନ୍ତୁ ମୁଁ କଥା ଦେଉଛି ଦିଲ୍ଲୀ ପୁଣି ଥରେ ବାଲେଶ୍ୱର ର ଦ୍ୱାରସ୍ଥ ହେବ । ଏହି ସଭାରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି ଯୋଗଦେଇ ଦେଶ ର ରକ୍ଷା ପାଇଁ କଂଗ୍ରେସ ର ବିଜୟ ଆବଶ୍ୟକ ବୋଲି କହିଥିଲେ। ବସ୍ତା ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଜନ ନାୟକ ଜଣେ ଭାଇ ପରି ଓ ପୁଅ ପରି ମୁଁ ଆପଣ ଙ୍କ ହୃଦୟ ର ଆଶିର୍ବାଦ ଚାହେଁ ବୋଲି କହିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସରପଂଚ ମଦନମୋହନ ଜେନା ଚଉଦ ନମ୍ବର ଜୋନ୍ ସଭାପତି ରବିନ୍ଦ୍ର ଦାସ ପନ୍ଦର ନମ୍ବର ଜୋନ୍ ସଭାପତି କିଶୋର ପାଳ ଜିଲ୍ଲା କଂଗ୍ରେସ କିଶାନ ସଭାପତି ଜୟନ୍ତ କୁମାର ମହାପାତ୍ର ବ୍ଲକ କଂଗ୍ରେସ ଏସି ସେଲ୍ ସଭାପତି ସୃଷ୍ଟି ଧର ମହାଲିକ ଗଡପଦା ପଂଚାୟତ କଂଗ୍ରେସ ସଭାପତି ଚକ୍ରଧର ମହାନ୍ତି ରାଉତ ପଡା କଂଗ୍ରେସ ସଭାପତି ପ୍ରଦୀପ ଦେ ସନ୍ତୋଷ ବାରିକ ଶ୍ରୀନିବାସ ରାଉତ ମଞ୍ଚାସୀନ ଥିଲେ ଏହି କାର୍ଯ୍ୟକ୍ରମ କୁ ରାଉତପଡା ଓ ଗଡପଦା ପଂଚାୟତ ଶହଶହ ଜନସାଧାରଣ ସମେତ କଂଗ୍ରେସ ର ସମସ୍ତ କର୍ମୀ ଯୁବ କଂଗ୍ରେସ କର୍ମୀ ପରିଚାଳନା ରେ ସହଯୋଗ କରିଥିଲେ। ବସ୍ତା ନିର୍ବାଚନ ମଣ୍ଡଳୀ ଆରମ୍ଭ ରୁପୁସା ହାଟ ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଶେଷରେ ଗଡପଦା ପଞ୍ଚାୟତ ରେ ପହଞ୍ଚିଥିଲା । କଂଗ୍ରେସ ସଭାପତି ଚକ୍ରଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଲଂଚ୍ ଯୋଗେ ସ୍ୱାଭିମାନ ଅଂଚଳର ୨ଟି ବୁଥ୍‌କୁ ଗଲେ ପୋଲିଂ ପାର୍ଟି

ମାଲକାନଗିରି, ୧୨/୫ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରେ ଗତକାଲି ଠାରୁ ପୋଲିଂ ପାର୍ଟି ପହଂଚି ସାରିଥିବା ବେଳେ ଆଜି ସ୍ୱାଭିମାନ ଅଂଚଳ ଅନ୍ତର୍ଗତ ଦୁର୍ଗମ ଯନ୍ତ୍ରୀ ପଂଚାୟତର ଯନ୍ତ୍ରୀ ଓ ସନ୍ନ୍ୟାସୀଗୁଡ଼ା ଗ୍ରାମରେ ମତଦାନ କରାଇବାକୁ ପୋଲିଂ ପାର୍ଟି ସ୍ୱତନ୍ତ୍ର ମୋଟର ଲଂଚ୍ ଯୋଗେ ସ୍ୱିଲବାଇ ଲଂଚ୍ ଘାଟରୁ ବୁଥ୍ ଅଭିମୁଖେ ଯାଇଛନ୍ତି । ଚଳିତ ନିର୍ବାଚନରେ ଚିତ୍ରକୋଣ୍ଡା ବ୍ଲକରେ ସମୁଦାୟ ୫୪ ଟି ବୁଥରେ ମତଦାନ ନିମନ୍ତେ ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଛି। ସେଥି ମଧ୍ୟରୁ ୨୪ ଟି ବୁଥ ସମ୍ବେଦନଶିଳ ରହିଛି। ପୂର୍ବରୁ ଏହିସବୁ ଅଂଚଳ ମାଓବାଦୀଙ୍କ ଚରାଭୂଇଁ ଥିଲା। ସୁରକ୍ଷା ଦୃଷ୍ଟିରୁ ସ୍ୱାଭିମାନ ଅଂଚଳର ମତଦାନ କେନ୍ଦ୍ରଗୁଡ଼ିକରେ ପ୍ରଶାସନ ପକ୍ଷରୁ ମତଦାନ କରିବା ସମ୍ଭବ ହୋଇ ପାରୁନଥିଲା।

# କେନାଲ ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଗଞ୍ଜାମ, ୧୨/୫ (ନି.ପ୍ର): ଆଜି ସକାଳେ ଗଞ୍ଜାମ ଜିଲ୍ଲା କେନୁଗାଁରେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। କେନୁଗାଁରେ ଥିବା ନାରାୟଣପୁର କେନାଲ ନିକଟରେ ଯୁବକଙ୍କର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଏନେଇ ଭୟରେ ଗାଁ ଲୋକ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଯୁବକଙ୍କ ମଣ୍ଡରେ ଗଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଛି। ମୃତଦେହ ପଡ଼ିଥିବା ଆଖପାଖ ସ୍ଥିତିରୁ ପୁଲିସ ଅନୁମାନ କରୁଛି ହତ୍ୟା ପରେ କିଏ ଫିଙ୍ଗିଦେଇଛି। ତେବ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# କିଡନୀ ରୋଗରେ ମୃତକଙ୍କ ପରିବାରକୁ ସହାୟତାର ହାତ ବଢାଇଲେ ବରିଷ୍ଠ ଆଇଏଏସ ଅଧିକାରୀ ସରୋଜ ସେଠୀ



ନୀଳଗିରି , ୧୨/୫ (ନି.ପ୍ର): ନୀଳଗିରି ମାଟିର ପୁଅ ତଥା ବରିଷ୍ଠ ଆଇଏଏସ ଅଧିକାରୀ ସରୋଜ କୁମାର ସେଠୀ ସଦାସର୍ବଦା ଗରିବ ଦୀନଦୁଃଖୀଙ୍କ ପାଇଁ ସହାୟତାର ହାତ ବଢ଼ାଇ ନିଜ ଦରଦୀ ହୃଦୟର ପରିଚୟ ଦେଇଥାଆନ୍ତି। ଗତ ୭ତାରିଖ ଦିନ କିଡନୀ ରୋଗରେ ଆକ୍ରାନ୍ତ ମାଟିଆଳୀ ନଟାପଡା ଗ୍ରାମର ଅଜୟ ସିଂ(୫୨) ଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଇଡକୋ ସିଜିଏମ୍ (ଭୂମି) ବରିଷ୍ଠ ଆଇଏଏସ ଅଧିକାରୀ ସରୋଜ କୁମାର ସେଠୀ ମୃତ ଅଜୟଙ୍କ ଘରେ ପହଞ୍ଚି ତାଙ୍କ ପରିବାରକୁ ଏଭଳି ପରିସ୍ଥିତିରେ ଧୈର୍ଯ୍ୟ ଧରିବାକୁ ନିବେଦନ କରିବା ସହିତ ୫ହଜାର ଟଙ୍କା ଆର୍ଥିକ ସହାୟତା କରିଥିଲେ। ନିୟମ ଅନୁଯାୟୀ ଯାହା ସରକାରୀ ସହାୟତା ମିଳିବ ତାକୁ ଖୁବଶୀଘ୍ର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।ପରେ ନିଜର କିଛି ବନ୍ଧୁଙ୍କ ସହିତ ବରହମପୁର ପଞ୍ଚାୟତ ଅଁଳାପାଳ ଯାଇ ଗତ କିଛିଦିନ ତଳେ ଡମ୍ପର ଦୁର୍ଘଟଣାରେ ମୃତ ଛାତ୍ର କରଣ କୁମାର ସାହୁଙ୍କ ପିତାମାତାଙ୍କୁ ଭେଟି ସମବେଦନା ଜଣାଇଥିଲେ। ସରୋଜଙ୍କ ଏଭଳି କାର୍ଯ୍ୟପାଇଁ ସବୁ ଅଞ୍ଚଳରୁ ପ୍ରଶଂସା କରାଯାଇଛି।

# ବିଜେଡିର ପଚାୟତ ସ୍ତରୀୟ କର୍ମୀ ବୈଠକ ଓ କାର୍ଯ୍ୟାଳୟ ଉଦ୍‌ଘାଟିତ

ବାଲିଆପାଳ, ୧୨/୫ (ନି.ପ୍ର): ଆଜି ବସ୍ତା ନିର୍ବାଚନ ମଣ୍ଡଳୀର ପଂଚାୟତ ସ୍ତରୀୟ କର୍ମୀ ବୈଠକ ବାଲିଆପାଳ ବ୍ଲକର ମଧୁପୁରା ପଂଚାୟତରେ ସିମୁଳିଆ ବଜାରରେ ଅନୁଷ୍ଠିତ ହୋଇଯାଇଛି । ମହୁପୁରା ପଞ୍ଚାୟତର ବିଜେଡି ଦଳର ସଭାପତି ରଜନୀ ଗିରି ପୌରାହିତ୍ୟ କରିଥିଲେ । ମୁଖ୍ୟ ଅତିଥି ରୂପେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ବିଜେଡି କାର୍ଯ୍ୟାଳୟ ଉଦଘାଟନ କରିଥିଲେ । ଏହି ବୈଠକରେ ଅନେକ କଂଗ୍ରେସ କର୍ମୀ ବିଜେଡି ଦଳରେ ଯୋଗ ଦେଇଥିଲେ । ଆସନ୍ତା ନିର୍ବାଚନରେ ବିଜେଡି ଦଳକୁ ଜିତାଇବା ପାଇଁ ମଂଚାସୀନ ଅତିଥିମାନେ ଅନୁରୋଧ କରିଥିଲେ । ଅତିଥି ମଧ୍ୟରେ ବିକେଡ଼ି ବ୍ଲକ ସଭାପତି ଗୋବିନ୍ଦ ଦାସ ଜ୍ଲିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ଛାତ୍ର ଜ୍ଲିଲ୍ଲା ସଭାପତି ସିମାନ ଦାସ ମହାପାତ୍ର, ଓ ବିଜେଡି ଦଳର ପର୍ଯ୍ୟବେକ୍ଷକ ଲିଟୁ ମହାପାତ୍ର ଯୋଗ ଦେଇଥିଲେ । ବୈଠକରେ ଶହ ଶାହ କର୍ମୀ ଯୋଗ ଦେଇଥିଲେ ।

# ରକ୍ତଦାନ ଶିବର ଅନୁଷ୍ଠିତ




ବାରିପଦା , ୧୨/୫ (ନି.ପ୍ର): ମୟୂରଭଂଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏଂ ପି. ଆର. ଏମ୍ ମେଡିକାଲ କଲେଜ ଓ ହସପିଟାଲର ନର୍ସିଂ ଅଫିସର୍ ସଙ୍ଘର ମିଳିତ ଉଦ୍ୟମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବର ଅନୁଷ୍ଠିତ ହୋଇଯାଇଛି। ବାରିପଦା ରକ୍ତକେନ୍ଦ୍ରରେ ଗ୍ରୀଷ୍ମଋତୁ କାଳୀନ ରକ୍ତଭାବକୁ ଦୂର କରିବା ନିମନ୍ତେ ଏହା ଏକ ଯୁଗାନ୍ତକାରି ପଦକ୍ଷେପ। ଉକ୍ତ ଶିବରକୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ବିଜୟ କୁମାର ଦାସ, ନର୍ସିଂ ସୁପରିଟେଣ୍ଡେଣ୍ଟ ଶ୍ରୀମତୀ ଯାଜ୍ଞସେନି ବେହେରା ଓ ଶ୍ରୀମତୀ କଳ୍ପନା ବେହେରା ଉଧଘାଟନ କରିଥିଲେ। ବାରିପଦା ରକ୍ତକେନ୍ଦ୍ର ଅଧିକାରୀ ଡକ୍ଟର ସୌମ୍ୟ ରଞ୍ଜନ ନାୟକ ଓ ବରିଷ୍ଠ ସ୍ତ୍ରୀରୋଗ ବିଶେଷଜ୍ଞ ଡକ୍ଟର ପ୍ରଣବ ଶଙ୍କର ଦାସ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ । ଏହି ଶିବିରରେ ଶ୍ରୀମତୀ ରୁଚିକା ଖୁରାନା, କୁମାରୀ ଛବି ମହାନ୍ତ, ଶ୍ରୀମତୀ ଶକୁନ୍ତଳା ପାଢ଼ୀ ଓ ଶ୍ରୀ ଜ୍ୟୋତି ପ୍ରକାଶ ଭୁଜବଳ ନିଜେ ରକ୍ତଦାନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରୁ ୬୦ ୟୁନିଟ ରକ୍ତ ସଗୃହୀତ ହୋଇଥିଲା। ବାରିପଦା ରକ୍ତକେନ୍ଦ୍ରର କର୍ମଚାରୀ ତଥା ସମସ୍ତ ନର୍ସିଂ ଅଫିସର୍ ମାନଙ୍କ ମିଳିତ ଉଦ୍ୟମରେ ବହୁମାତ୍ରାରେ ନର୍ସିଂ ଅଫିସର୍ ଯୋଗଦାନକରି ଏହି ରକ୍ତଦାନ ଶିବିରକୁ ସଫଳ କରିବା ସହିତ ସମଗ୍ର ମୟୂରଭଂଜବାସିଙ୍କ ନିମନ୍ତେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ପ୍ରତିଦିନ ହସ୍ପିଟାଲ କର୍ମଚାରୀ ଭାବେ କାର୍ଯ ସମ୍ପାଦନ କରି ରୋଗୀମାନଙ୍କ ଜୀବନ ବଞ୍ଚାଉଥିବା ବେଳେ ରକ୍ତଦାନ ପରି ମହତ୍ ଦାନ କରି ରୋଗୀମାନଙ୍କ ସେବା ନିମନ୍ତେ ନିଜ ଜୀବନକୁ ଉତ୍ସର୍ଗିକୃତ କରିଥିବା ଏହି ନର୍ସିଂ ଅଫିସର୍ ମାନେ ବାସ୍ତବରେ ପ୍ରଶଂସନୀୟ।

# ମହୁଲିଆ ସ୍କୁଲରେ ବିଶ୍ୱ ମାତୃତ୍ୱ ଦିବସ ପାଳନ ଏବଂ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ବେତନଟୀ , ୧୨/୫ (ନି.ପ୍ର): ବେତନଟି ବ୍ଲକ ଅନ୍ତର୍ଗତ ମହୁଲିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ମାତୃତ୍ୱ ଦିବସ ମୋ ସ୍କୁଲ ଅଭିଯାନ ମହୁଲିଆ ଏବଂ ମା ସବଳା ବିଶ୍ୱ କଲ୍ୟାଣ ସେବା ସମିତିରର ମିଳିତ ସହଯୋଗରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଅନ୍ନଦା ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ କୃଷ୍ଣ ଚନ୍ଦ୍ର ପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀମତୀ ମନ୍ଦାକିନୀ ସାହୁ, ବିଶିଷ୍ଠ ଅତିଥି ଭାବରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ବେତନଟୀର ପରିଚାଳନାର ସଭାପତି ଗୌତମ କୁମାର ବେହେରା,ସମ୍ମାନିତ ଅତିଥି ଭାବରେ କବିସଙ୍ଗମର ସଭାପତି ବାସୁଦେବ ନାପିତ, ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ସି ଆର ସି ସି କବୟିତ୍ରୀ ସବିତା ମହାନ୍ତି, ବିଶିଷ୍ଟ ଅତିଥି ଭାବରେ ଶ୍ରୀରାମଚନ୍ଦ୍ର ବିଶ୍ୱ ବିଦ୍ୟାଳୟ ବାରିପଦାର ଅତିଥି ଅଧ୍ୟାପିକା ମାମିନା ମହାନ୍ତ,ସମ୍ମାନିତ ଅତିଥି ଭାବରେ କବି ରତିକାନ୍ତ ବେହେରା,ସାନ୍ତାଳୀ କବି ଦାମୋଦର କିସ୍କୁ, ବନମୟୂରୀର ସମ୍ପାଦକ ନିରଦ ସୁନ୍ଦର ଜେନା, କଇଁଫୁଲ ପତ୍ରିକା ର ସମ୍ପାଦକ କବି ପର୍ଶୁରାମ ସାହୁ, ସାମ୍ବାଦିକ ଗତି କୃଷ୍ଣ ମହାନ୍ତ ପ୍ରମୁଖ ଯୋଗଦାନ କରି ବିଶ୍ୱ ମାତୃତ୍ୱ ଦିବସର ବୈଶିଷ୍ଟ୍ୟ ଏବଂ ସ୍ୱର୍ଗତ ନୂପୁର ନାହାଙ୍କର ସୁଗୁଣାବଳୀ,ବିଦ୍ୟାଳୟ ପ୍ରତି ତାଙ୍କର ଅବଦାନ ପ୍ରସଙ୍ଗରେ ଆଲୋକପାତ କରିଥିଲେ । ଏହି ଅବସରରେ କୋଡିଏ ଜଣ କବି 'ମା' ଉପରେ ଆଧାରିତ କବିତା ପାଠ କରିଥିଲେ । ସଭାକାର୍ଯ୍ୟ ପରିଚାଳନା କରିଥିଲେ ମୋ ସ୍କୁଲ ଅଭିଯାନର ସଭାପତି ଡ଼କ୍ଟର ରମାକାର ମହାନ୍ତ, ଧନ୍ୟବାଦ ଅର୍ପଣ କରିଥିଲେ ପ୍ରାକ୍ତନ ଛାତ୍ର କବି ମନୋଜ କୁମାର ମହାନ୍ତ । ଏଥିରେ ସହଯୋଗ କରିଥିଲେ ରଶ୍ମି ମହାନ୍ତ କାଞ୍ଚନ ପ୍ରଭା ମହାନ୍ତ, ହେମାଙ୍ଗିନୀ ମହାନ୍ତ, ଧରିତ୍ରୀ ମହାନ୍ତ ,ଏନ ଆର ମୁକ୍ତିକ୍ରିଷ୍ଣ ବେହେରା, ସାଗର ବେହେରା, ସୁରୋଜ ବେହେରା, ଶ୍ରୀତମ ମହାନ୍ତ, ସାଗର ମହାନ୍ତ, ବିକାଶ ମହାନ୍ତ, ବାଦଲ ମହାନ୍ତ, ମନୋରଞ୍ଜନ ମହାନ୍ତ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ପୋଷ୍ଟମାଷ୍ଟରଙ୍କ ମୃତ୍ୟୁ

ବସ୍ତା, ୧୨/୫ (ନି.ପ୍ର): ବସ୍ତା ବ୍ଲକ୍ ଅନ୍ତର୍ଗତ କଇନଗରୀ ପଞ୍ଚାୟତସ୍ଥ କଇନଗରୀ ଗ୍ରାମର ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ଗୌରାଙ୍ଗ ଚରଣ ମହାନ୍ତି ରାତିରେ କ୍ରିକେଟ୍ ଖେଳ ଦେଖୁଥିବା ବେଳେ ହଠାତ୍ ମୃତ୍ୟୁର ଶିକାର ହୋଇଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା । ମୃତ୍ୟୁ ଶଯ୍ୟା ପାଖରେ ତାଙ୍କ ପୁଅ ଶଙ୍କର, ଜନ୍ମେଜୟ ଓ ମୃତ୍ୟୁଞ୍ଜୟ, ପୁତ୍ରବଧୂ ରୀତାବାଳା, ରୀନାରାଣୀ ଓ କାବେରୀ, କନ୍ୟା ଜ୍ୟୋତ୍ସ୍ନାରାଣୀ ଓ ଜାମାତା ସୁରେଶ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ । ତାଙ୍କ ଦେହାନ୍ତି ଖବର ପାଇଁ ସମାଜସେବୀ ଗୋପୀକୃଷ୍ଣ ମହାନ୍ତି, କଇନଗରୀ ପଞ୍ଚାୟତ ସରପଞ୍ଚ ରାଧା ବଲ୍ଲଭ ମଣ୍ଡଳ, ସମିତି ସଭ୍ୟା ଅମିତୀ ମୈକାପ, ଗାଁ ମୁଖିଆ ରାଜେନ୍ଦ୍ର ମହାନ୍ତି, ଶଶାଙ୍କ ଶେଖର ମଣ୍ଡଳ, ସାହାଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଞ୍ଜନ କୁମାର ଦଣ୍ଡପାଟ, ସାହାଡ଼ା ସରପଞ୍ଚ ଜଗବନ୍ଧୁ ବର, କଷାଫଳ ପଞ୍ଚାୟତର ପ୍ରାକ୍ତନ ସମିତି ସଭ୍ୟ ବୈଦ୍ୟନାଥ ମାନା, ଯାତ୍ରାଭିନେତା ବାସୁଦେବ ମହାନ୍ତି ଓ ଦିବାକର ଜେନା, ଉତ୍ତମ କୁମାର ମହାନ୍ତି, ଇଂ ତାପସ ରଞ୍ଜନ ସନ୍ଧିବିଗ୍ରହ, ଅନାଦିଚରଣ ମାନ୍ନା, ପ୍ରଭାସ ଚନ୍ଦ୍ର ଜେନା, କାର୍ତ୍ତିକ ଚନ୍ଦ୍ର ନାୟକ, ମନୋରଞ୍ଜନ ମହାନ୍ତି, ଅଶୋକ ମୈକାପ, ଅରବିନ୍ଦ ମୈକାପ, ରାଜେନ୍ଦ୍ର ଧଳ, ସୌମ୍ୟରଞ୍ଜନ ମାନ୍ନା, ଭାନୁଚରଣ ମଣ୍ଡଳ, ବିଦିଶା ମହାନ୍ତି, ପୁଷ୍ପଲତା ମହାନ୍ତି, ବଂଶୀଧର ମୈକାପ ପ୍ରମୁଖ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଶାନ୍ତ୍ୱନା ଦେଇଥିଲେ । ତାଙ୍କର ମରଶରୀରକୁ ଏକ ପଟୁଆରରେ ନିଆଯାଇ ଗ୍ରାମ ଶ୍ମଶାନରେ ଦାହ କରାଯାଇଥିଲା । ତାଙ୍କ ଜ୍ୟେଷ୍ଠପୁତ୍ର ଶଙ୍କର ମୁଖାଗ୍ନି ଦେଇଥିଲେ । ସେ ଜଣେ ସଚ୍ଚୋଟ, ପରୋପକାରୀ, ନିରଳସ ବ୍ୟକ୍ତି ଭାବେ ସବୁରି ପ୍ରିୟଭାଜନ ଥିଲେ ।

# ବିଦାୟ ନେଲେ ଭାଗବତଟୁଙ୍ଗିର ମଣିଷ ପଲ୍ଲିଗୌରବ ହରମୋହନ

ଉଦଳା , ୧୨/୫ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ସଂସ୍କୃତି ସମ୍ପନ୍ନ ଗ୍ରାମ ଢ଼ିହିରାକୁଳର ବାସିନ୍ଦା ପଲ୍ଲିଗୌରବ ହରମୋହନ ପୃଷ୍ଟି ଚଳିତ ମେ ୧୦ ତାରିଖ ଶୁକ୍ରବାର ଦିନ ଆମ ଗହଣରୁ ୯୦ ବର୍ଷ ବୟସରେ ସବୁଦିନ ପାଇଁ ବିଦାୟ ନେଇ ଯାଇଛନ୍ତି । ସେଥିପାଇଁ ଢ଼ିହିରାକୁଳ ଗ୍ରାମରେ ୩ ଦିନିଆ ଶୋକ ପାଳନ କରାଯାଉଛି । ସମଗ୍ର ଜିଲ୍ଲାରେ ଭାଗବତ ଟୁଙ୍ଗିର ମଣିଷ ଭାବରେ ତାଙ୍କର ରହିଛି ଏକ ସ୍ୱତନ୍ତ୍ର ପରିଚୟ । ଭାରତ ସରକାରଙ୍କର ଡ଼ାକ ବିଭାଗର ଜଣେ କର୍ମଚାରୀ ଭାବରେ ଚାକିରି କରିବା ସହିତ ଗ୍ରାମରେ ଭାଗବତ ଟୁଙ୍ଗିଟିଏ ପ୍ରତିଷ୍ଠା କରି ଶ୍ରୀଜୀଉଙ୍କ ସେବାରେ ନିଷ୍ଠାପର ଭାବରେ ସେ ସାରା ଜୀବନ ବିତାଇଛନ୍ତି । ତାଙ୍କର ନିଷ୍ଠା ସାଙ୍ଗକୁ ଭାଗବତ ପାଠର



ମହକ ଗ୍ରାମରେ ସୃଷ୍ଟି କରିଛି ଆଧ୍ୟାତ୍ମିକ ପରିବେଶ । ସମଗ୍ର ଜିଲ୍ଲାରେ ଏହା ପ୍ରଥମ ଭାଗବତ ଟୁଙ୍ଗି ଭାବରେ ଆଜି ପରିଗଣିତ ହେଉଛି । ତାଛଡ଼ା କବିତା, ଗଳ୍ପ, ପ୍ରବନ୍ଧ ରଚନା କରିବା ଓ ସଂକିର୍ତ୍ତନ ପାଲା ମଣ୍ଡଳି, ଯୁବକ ସଂଘ , ବିଦ୍ୟାଳୟ ଇତ୍ୟାଦି ଗ୍ରାମରେ ପ୍ରତିଷ୍ଠା କରିବାରେ ସେ ନେଇଥିଲେ ଅଗ୍ରଣି ଭୂମିକା । ତାଙ୍କର ଅବର୍ତମାନ ଆଜି ଗ୍ରାମରେ ସୃଷ୍ଟି କରିଛି ଏକ ବିରାଟ ଶୂନ୍ୟସ୍ଥାନ । ତାଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ – ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ବ୍ରାହ୍ମଣ ମହାସଭା କପ୍ତିପଦା ଉପଖଣ୍ଡ ଶାଖାର ସଂପାଦକ ରଂଜନ ପ୍ରହରାଜ, ଶମିବୃକ୍ଷ ସାହିତ୍ୟ ସଂସଦର ସଭାପତି ପ୍ରଫୁଲ କୁମାର ଖିଲାର, ଉଦଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଡ଼.କୁମାର ଗୋପାଲ, ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ, ଆରଣ୍ୟକ ସାହିତ୍ୟ ସଂସଦ, ସାମ୍ବାଦିକ ସଂଘ, ସୁବ୍ରତ କୁମାର ମହାନ୍ତି, ନମିତା ରାଉତ, କରୁଣାକର ଦାସ, ମନୋରଂଜନ ମଲ୍ଲିକ ଇତ୍ୟାଦି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ଶୋକ ବ୍ୟକ୍ତ କରିଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo